# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-199 ◆WEDNESDAY ◆14 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୯ ◆ବୁଧବାର ◆୧୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦





**ଆଲିସା ହିଲୀଙ୍କ ଅବସର ଘୋଷଣା**

▶କ୍ରୀଡ଼ା ପୃଷ୍ଠାରେ...

**‘ସୁପ୍ରିମ’ ରାୟ**

## ବୁଲା କୁକୁର କାମୁଡ଼ିଲେ କ୍ଷତିପୂରଣ ଦେବେ ସରକାର

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ବୁଲା କୁକୁର କାମୁଡା ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। କୁକୁର କାମୁଡ଼ିବା ଯୋଗୁଁ ଶିଶୁ କିମ୍ବା ବୃଦ୍ଧ ପ୍ରାଣ ହରାଇଲେ କିମ୍ବା ଆହତ ହେଲେ ରାଜ୍ୟ ସରକାରଗୁଡ଼ିକ କ୍ଷତିପୂରଣ ଦେବେ। ଏଥିପାଇଁ ବିପୁଳ କ୍ଷତିପୂରଣ ଧାର୍ଯ୍ୟ କରାଯିବ। କାରଣ ଏହି



**ଚିନ୍ତିତ ବ୍ୟକ୍ତି କୁକୁରକୁ ଘରକୁ ନେଇଯାଆନ୍ତୁ**

**ଖାଦ୍ୟ ଦେଲେ ଉତ୍ତରଦାୟୀ ରହିବେ**

ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଗତ ୫ ବର୍ଷ ହେଲା କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମହେଟ୍ଟା ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ନାଥ କହିଲେ ଯେ କୁକୁରଙ୍କୁ ଖାଇବାକୁ ଦେଉଥିବା ବ୍ୟକ୍ତି ଓ ପଶୁ।।ପ୍ରେମୀଙ୍କ ପାଇଁ ମଧ୍ୟ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ। ଯଦି ଏହି ପଶୁଙ୍କ ପ୍ରତି ଏତେ ଭଲ ପାଇବା ରହିଛି, ତେବେ ସେମାନଙ୍କୁ ନିଜ ଘରକୁ ନେଇଯାଆନ୍ତୁ। କୁକୁର କାହିଁକି ରାସ୍ତାରେ ବୁଲୁଛନ୍ତି? ଲୋକଙ୍କୁ କାମୁଡ଼ି ଭୟ ସୃଷ୍ଟି କରାଉଛନ୍ତି। ମାମଲାକୁ ଏଭଳି ଛଡ଼ାଯିବ ନାହିଁ। ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସମସ୍ୟା ହଜାରେ ଗୁଣ ବଢ଼ି ଗଲାଣି। କୋର୍ଟଙ୍କ କାର୍ଯ୍ୟ ବଦଳରେ ଏହି ପ୍ରସଙ୍ଗ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ‘ସାର୍ବଜନୀନ ମଞ୍ଚ’ ପାଲଟି ଗଲାଣି। ଏହି ମାମଲାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଅଧା ଦିନ ଦେବାକୁ ପଡ଼ିବ। ଏହାର ମୁକାବିଲା ପାଇଁ କି ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ▶ପୃଷ୍ଠା-୭

**ଓଡ଼ିଶାରେ ଏସ୍‌ଆଇଆର୍**

# ବଢ଼ିଲା ୭୦୦୦ ବୁଥ୍

## ୨୦୦୨ ଓ ୨୦୨୫ ମସିହା ଭୋଟର ତାଲିକାର ଏକୀକୃତ ଯାଞ୍ଚ ଆରମ୍ଭ

■ ଭୁବନେଶ୍ୱର, ୧୩।୧ (ସମିସ): ବର୍ତ୍ତମାନ ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର(ସ୍ୱତନ୍ତ୍ର ସଘନ ସଂଶୋଧନ) ପାଇଁ ପ୍ରସ୍ତୁତି ଜାରି ରହିଛି। ଏହି ପ୍ରକ୍ରିୟାରେ ରାଜ୍ୟରେ ବୁଥ୍ ସଂଖ୍ୟା ୭୦୦୦ ବୃଦ୍ଧି ପାଇଛି। ଗୋଟିଏ ବୁଥ୍‌ରେ ୧୨୦୦ ବା ତହିଁରୁ କମ୍ ଭୋଟର ରଖିବା ପ୍ରକ୍ରିୟାନୁସାରେ ବୁଥ୍‌ଗୁଡ଼ିକ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ରାଜ୍ୟରେ ପ୍ରାୟ ୩୭ ହଜାର ବୁଥ୍ ଥିବା ବେଳେ ଏବେ ଏହା ୪୪ ହଜାରରେ ପହଞ୍ଚିଛି। ସବୁ ବୁଥରେ ୧୨୦୦ରୁ କମ୍ ଭୋଟର ରହିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ଏସଆଇଆର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସୂଚନା ଅନୁସାରେ ରାଜ୍ୟରେ ପ୍ରସ୍ତୁତ ହୋଇଥିବା ୪୪ ହଜାର ବୁଥ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ବିଏଲଓ(ବୁଥ୍ ସ୍ତରୀୟ ଅଧିକାରୀ) ନିଯୁକ୍ତି ଦିଆଯାଇ ସାରିଛି। ଏସଆଇଆର




ପ୍ରକ୍ରିୟା ଆରମ୍ଭ ହେଲେ ସେମାନେ କିପରି ଏହାକୁ କାର୍ଯ୍ୟକାରୀ କରିବେ, ସେନେଇ ସେମାନଙ୍କୁ ୨ ଥର ତାଲିମ ପ୍ରଦାନ କରାଯାଇଛି। ସେହିପରି ଏଆରଓମାନଙ୍କୁ ମଧ୍ୟ ତାଲିମ ପ୍ରଦାନ ପ୍ରକ୍ରିୟା ସରିଛି। ଓଡ଼ିଶାରେ ଶେଷଥର ପାଇଁ ୨୦୦୨ ମସିହାରେ ଏସଆଇଆର ହୋଇଥିଲା। ସେହି ୨୦୦୨ ମସିହା ଏସ୍‌ଆଇଆର ରୋଲ ନାମଥିବା ବ୍ୟକ୍ତିମାନଙ୍କର ଯାଞ୍ଚର ଆବଶ୍ୟକତା ପଡ଼ିବ ନାହିଁ। ୨୦୦୨ ଏବଂ ୨୦୨୫ ଡାଟାକୁ ଏକତ୍ରୀକରଣ କରାଯାଉଛି। ପ୍ରାୟ ୭୦ ପ୍ରତିଶତ ମ୍ୟାପିଙ୍ଗ୍ କାର୍ଯ୍ୟ ସରିଯାଇଛି। ବଳକା ପ୍ରକ୍ରିୟା ଜାରି ରହିଛି। ଅଧିକରୁ ଅଧିକ ଭୋଟରଙ୍କୁ ଯେପରି ୨୦୦୨ ଏସଆଇଆର ରୋଲ ସହ ସଂଯୋଗ କରାଯାଇ ପାରିବ ସେଥିପାଇଁ ବ୍ୟବସ୍ଥା ହେଉଛି। ଏହାଦ୍ୱାରା ଉକ୍ତ ଭୋଟରଙ୍କୁ ଯାଞ୍ଚ ପାଇଁ ଆଉ କୌଣସି ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ ନାହିଁ। ଆପେଆପେ ସେମାନଙ୍କର ନାମ ଏସଆଇଆର ଡ୍ରାଫ୍ଟରେ ଆସିଯିବ। ତେବେ ଯେଉଁ ଭୋଟରଙ୍କ ନାମ ଆସିପାରିବ ନାହିଁ, ସେମାନଙ୍କୁ ନିର୍ଦ୍ଦିଷ୍ଟ ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ। ବର୍ତ୍ତମାନ ବିହାରରେ ପ୍ରଥମ ପର୍ଯ୍ୟାରେ ଏସଆଇଆର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟରେ ଏସଆଇଆର ଜାରିରହିଛି। ସେଠାରେ ଯେଉଁ ଡକ୍ୟୁମେଣ୍ଟକୁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି, ତାହା ମଧ୍ୟ ଓଡ଼ିଶାରେ ଲାଗୁ ହେବ। ଲୋକେ ଯେପରି ବିଶେଷ ▶ପୃଷ୍ଠା-୭

**ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ମାମଲା**

## ସରକାରଙ୍କୁ ୬ ସପ୍ତାହ ମହଲତ

■ କଟକ, ୧୩।୧ (ସମିସ): ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିବା କାରଣରୁ ଲୋକାୟୁକ୍ତରେ ଅଚଳାବସ୍ଥା ସୃଷ୍ଟି ହେବା ଓ ପଦ ପୂରଣ ଦିଗରେ ସରକାର କିଛି ପଦକ୍ଷେପ ନେଉନଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ଶୁଣାଣି ବେଳେ ଉପସ୍ଥିତ ରହି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ସରକାର ଚେଷ୍ଟାରତ ଅଛନ୍ତି ଏବଂ ଓଡ଼ିଶା ଲୋକାୟୁକ୍ତ ଅଧିନିୟମ ୨୦୧୪ରେ କିଛିଟା ସଂଶୋଧନ ପାଇଁ ସରାକର ଚିନ୍ତା କରୁଛନ୍ତି ବୋଲି କହିଛନ୍ତି। ଏହି ମାମଲାରେ ସେ ଅଧିକ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ୬ ସପ୍ତାହ ସମୟ ଦେଇଛନ୍ତି। ଏଥିସହ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୂରଣ ଦିଗରେ ତତ୍ପରତା ପ୍ରକାଶ ପୂର୍ବକ ସରକାର ଉପଯୁକ୍ତ ପଦକ୍ଷେପ ▶ପୃଷ୍ଠା-୭

## ପୁଣି ଟ୍ରମ୍ପ ଟାରିଫ୍ ଟେନ୍‌ସନ୍

**ଇରାନ୍ ସହ କାରବାର ପାଇଁ ଭାରତ ଉପରେ ଆଉ ୨୫%**

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନିକଟରେ ଭାରତ ଉପରେ ୫୦୦ ପ୍ରତିଶତ ଟାରିଫ୍ ବା ଶୁଳ୍କ ଧାର୍ଯ୍ୟ କରିବାକୁ ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ସାନି ଶୁଳ୍କ ଧମକ ଦେଇଛନ୍ତି। ଟ୍ରମ୍ପ୍ ଆଜି ଘୋଷଣା କରିଛନ୍ତି ଯେ ଇରାନ ସହିତ ବାଣିଜ୍ୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହିତ ବାଣିଜ୍ୟ ଉପରେ ୨୫% ଶୁଳ୍କ ଦେବାକୁ ପଡିବ। ସେ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ୍ ସୋସିଆଲ’ରେ ଏହି ଧମକ ଦେଇଛନ୍ତି। ଇରାନରେ ଦୀର୍ଘ ବର୍ଷ ଧରି ଚାଲିଥିବା ସରକାର ବିରୋଧୀ ପ୍ରତିବାଦ ମଧ୍ୟରେ ଟ୍ରମ୍ପ ଏଭଳି ନିଷ୍ପତ୍ତି ନେଇଛନ୍ତି।



ଟ୍ରମ୍ପଙ୍କ ଏହି ନୂତନ ଟାରିଫ୍ ଫଳରେ ଭାରତକୁ ଇରାନ୍ ସହ କାରବାରରେ ୭୫% ଟାରିଫ୍ ଦେବାକୁ ପଡିବ। କାରଣ ଟ୍ରମ୍ପ୍ ପୂର୍ବରୁ ରୁଷ ତେଲ ପାଇଁ ଭାରତ ଉପରେ ୫୦% ଟାରିଫ୍ ଲଗାଇସାରିଛନ୍ତି। ଏହି ଶୁଳ୍କର ୨୫% ପାରସ୍ପରିକ ଏବଂ ବାକି ୨୫% ହେଉଛି ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ ଭାରତ ଉପରେ ଲାଗୁ ହୋଇଥିବା ଜୋରିମାନା। ଟ୍ରମ୍ପ୍ ଏବେ କହିଛନ୍ତି ଯେ ରୁଷ ସହିତ ବାଣିଜ୍ୟ ଜାରି ରଖିଥିବା ଦେଶଗୁଡ଼ିକ ▶ପୃଷ୍ଠା-୭

**ଚୌଦ୍ୱାରରେ ଲଜ୍ଜା!**

## ଭିଡିଓ ଭାଇରାଲ ଧମକ ଦେଇ ଛାତ୍ରୀଙ୍କୁ ଦୁଷ୍କର୍ମ

■ ଚୌଦ୍ୱାର, ୧୩।୧ (ସମିସ): ଚୌଦ୍ୱାରରେ ଲଜ୍ଜା। ଅଷ୍ଟମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଏହାର ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ପରେ ବାରମ୍ବାର ଦୁଷ୍କର୍ମ କରିବା ଭଳି ଏକ ଲଜ୍ଜାଜନକ ଘଟଣା ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଅଞ୍ଚଳରେ ଘଟିଛି। ଏହି ଘଟଣାରେ ପୁଲିସ ମଳୟ ସ୍ୱାଇଁ (୨୨) ନାମକ ଜଣେ ଯୁବକକୁ ଗିରଫ କରିଛି।

ମଳୟ ଜଣେ ଗାଡ଼ି ଚାଳକ। ସେ ମୁଣ୍ଡମାଳ ଅଞ୍ଚଳରେ ଭଡ଼ାରେ ରହୁଥିଲା। ଅନେକ ସମୟରେ ସେ ନିଶାସକ୍ତ ଅବସ୍ଥାରେ ରହି ସ୍କୁଲ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ହଇରାଣ କରୁଥିଲା। ୧୫ଦିନ ତଳେ ନାବାଳିକାଜଣଙ୍କ ସ୍କୁଲରୁ ଏକୁଟିଆ ଫେରୁଥିବା ବେଳେ ମଳୟ ତାଙ୍କୁ କୌଶଳକ୍ରମେ ନିଶା ଖୁଆଇ ଅଚେତ କରିବା ପରେ ଓଟିଏମ୍ କଲୋନୀର ଏକ ପରିତ୍ୟକ୍ତ ▶ପୃଷ୍ଠା-୭

**ନଅ ତାଲା, ସେଚ ସଦନ ଓ ରାଜୀବ ଭବନ ଭଙ୍ଗା ନିଷ୍ପତ୍ତି**



## ଘରେ ନ ପଶୁଣୁ ମୁଣ୍ଡରେ ଚାଳ

■ ଭୁବନେଶ୍ୱର,୧୩।୧(ସମିସ): ନୂଆଦିଲ୍ଲୀରେ ସଂସଦର ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଭଳି ନୂଆ ଲୋକସେବା ଭବନ ଓ ବିଧାନସଭା ସାଙ୍ଗକୁ ଗୋଟିଏ କ୍ୟାମ୍ପସରେ ରାଜ୍ୟର ସବୁ ମୁଖ୍ୟାଳୟ ରଖିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନକ୍ସା। ଏମିତି କି ଏହି କ୍ୟାମ୍ପସ ଭିତରେ ଏମ୍‌ଏଲ୍‌ଏ କଲୋନୀ ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମଧ୍ୟ ରହିବା ନେଇ ଏକ ବିରାଟ ଯୋଜନା ପ୍ରସ୍ତୁତ ହୋଇଛି। ତେବେ

**୨୭ ବର୍ଷର ବିଲ୍ଡିଂ ‘ଅନସେଫ୍’ ଘୋଷଣାକୁ ନେଇ ପ୍ରଶ୍ନ**

**ରାଜୀବ ଗାନ୍ଧୀଙ୍କ ନାଁ ହଟାଇବାକୁ ସରକାରଙ୍କ ନାଟକ: କଂଗ୍ରେସ**

ଘରେ ନ ପଶୁଣୁ ଚାଳରେ ମୁଣ୍ଡ ବାଜିବା ପରି ସରକାରଙ୍କ ଏହି ପରିକଳ୍ପନାକୁ ନେଇ ଆରମ୍ଭ ହୋଇଛି ବିବାଦ। ବର୍ତ୍ତମାନ ଲୋକସେବା ଭବନର ଅତି ନିକଟରେ ଥିବା ନଅ ତାଲା, ସେଚ ସଦନ ଏବଂ ରାଜୀବ ଭବନକୁ ଭଙ୍ଗାଯିବ ବୋଲି ମଙ୍ଗଳବାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଥିବା ଘୋଷଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସବୁ କୋଠା ବିପଦସଙ୍କୁଳ ବୋଲି ▶ପୃଷ୍ଠା-୭






## ଶୀତ ଆଉ ତିନି ଦିନ

■ ଭୁବନେଶ୍ୱର, ୧୩।୧ (ସମିସ): ଉତ୍ତରା ଥଣ୍ଡା ପବନ ଯୋଗୁଁ ରାଜ୍ୟରେ ଥଣ୍ଡା ଜାରି ରହିଛି। ମାତ୍ର ପଶ୍ଚିମାଝଡ଼ ପ୍ରଭାବରେ ୧୮ ରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଶୀତରେ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜି ଉଦୟଗିରିରେ ପୁଣି ଥରେ ତାପମାତ୍ରା ୪.୬ ଡିଗ୍ରୀକୁ ଖସିଛି। ସେହିପରି ରାଉରକେଲା ୭.୧, ଫୁଲବାଣୀ ୭.୧, ଝାରସୁଗୁଡ଼ା ୭.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ଏହି ସମୟ ପାଇଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ କଟକ, ଜଗତସିଂହପୁର, ଅନୁଗୁଳ, ଝାରସୁଗୁଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତଲହରୀ ଆଶଙ୍କା।।ରେ ଆଲର୍ଟ ଜାରି ହୋଇଛି। ପଶ୍ଚିମା ଝଡ଼ ସକ୍ରିୟ ହେବା ପୂର୍ବରୁ ଆସନ୍ତା ୩-୪ ଦିନ ଅଧିକାଂଶ ଅଞ୍ଚଳରେ ଘନ କୁହୁଡ଼ି ହୋଇପାରେ। ଏଥିରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କୋରାପୁଟ ଥିବା ପାଣିପାଗ କେନ୍ଦ୍ର କହିଛି।




## ୟୁକ୍ରେନରେ ପୁଣି ଆକ୍ରମଣ କଲା ରୁଷ:୪ ମୃତ

କିଭ୍‌, ୧୩।୧ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନାହିଁ। କ୍ରମାଗତ ଭାବେ ଏହା ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଏହି କ୍ରମରେ ମଙ୍ଗଳବାର ସକାଳେ ୟୁକ୍ରେନ୍‌ରେ ରୁଷ ଭୟଙ୍କର ଆକ୍ରମଣ କରିଛି। ୟୁକ୍ରେନ ଗଣମାଧ୍ୟମ ଏହାକୁ ବର୍ଷର ସବୁଠାରୁ ବଡ଼ ଆକ୍ରମଣ କହିଛି। ସୂଚନା ଅନୁଯାୟୀ, ରୁଷ ସେନା ଘଣ୍ଟାଏ ମଧ୍ୟରେ ୨୦ରୁ ଅଧିକ ବାଲିଷ୍ଟିକ୍‌ ମିସାଇଲ୍‌ ମାଡ଼ କରିଥିଲା। କିଭର ସାମରିକ ପ୍ରଶାସନ ମୁଖ୍ୟ ତିମୁର କହିଛନ୍ତି ଯେ ରାଜଧାନୀ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରେ କେତେକ ପ୍ରତିଷ୍ଠାନ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଖାରକିଭ ଅଞ୍ଚଳରେ ମଧ୍ୟ ପ୍ରଚଣ୍ଡ ଆକ୍ରମଣ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ରୁଷ୍‌-ସୀମାରୁ ମାତ୍ର ୩୦ କିମି ଦୂରରେ ଥିବାରୁ ଖାରକିଭକୁ କ୍ରମାଗତ ଭାବେ ଟାର୍ଗେଟ କରାଯାଉଛି। ୟୁକ୍ରେନୀୟ ଅଧିକାରୀମାନେ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ସେମାନେ ଅନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

## ପାକ୍‌ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ଭବିଷ୍ୟତର କୌଣସି ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ସାମରିକ ଦୁଃସାହସ ପାଇଁ ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଭାରତ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେବ ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ଏବେ ପାକିସ୍ତାନ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଯଦି କୌଣସି କୁଟୀଳ ପଦକ୍ଷେପ ନିଅନ୍ତି ତେବେ ଭାରତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ଭାରତୀୟ ସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଭାରତ-ଚୀନ୍‌ ସୀମାରେ ପରିସ୍ଥିତି ସ୍ୱାଭାବିକ ରହିଛି,କିନ୍ତୁ ସତର୍କତା ଜରୁରୀ। । ପଶ୍ଚିମ ମୋର୍ଚ୍ଚା ଏବଂ ଜମ୍ମୁ-କାଶ୍ମୀରରେ ସ୍ଥିତି ମେ' ୧୦ରୁ ସମ୍ବେଦନଶୀଳ ଥିଲେ ମଧ୍ୟ ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ୨୦୨୫ ଠାରୁ ବର୍ତ୍ତମାନ ସୁଦ୍ଧାରେ ୩୧ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୫% ପାକିସ୍ତାନୀ ଥିଲେ। ଜମ୍ମୁ-କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ଏବେ ଏକକ ସଂଖ୍ୟାକୁ ହ୍ରାସ ପାଇଛି। ଆତଙ୍କବାଦୀ ନିଯୁକ୍ତି ପ୍ରାୟତଃ ବନ୍ଦ ହୋଇଯାଇଛି।

## ୨୮୦ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଦିଲ୍ଲୀ ପୁଲିସକୁ ବଡ଼ ସଫଳତା ମିଳିଛି। 'ଅପରେସନ ଗ୍ୟାଙ୍ଗ ବଷ୍ଟ-୨୦୨୬' ଆରମ୍ଭ କରି ୪୮ ଘଣ୍ଟା ମଧ୍ୟରେ ୨୮୦ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିଛି। ସଂଗଠିତ ଅପରାଧ ଏବଂ ଗ୍ୟାଙ୍ଗଷ୍ଟର ନେଟୱର୍କକୁ ଭାଙ୍ଗିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଛୋଟ ଏବଂ ବଡ଼ ଗ୍ୟାଙ୍ଗର ମୋଟ ୮୫୪ ସଦସ୍ୟଙ୍କ ଗିରଫ କରାଯାଇଛି। ଏହି ସମୟରେ ୬,୪୦୦ ଜଣଙ୍କୁ ଧରାଯାଇ ଜେରା ଏବଂ ଯାଞ୍ଚ କରାଯାଇଥିଲା। ସ୍ପେସିଆଲ ସେଲ୍‌ର ଏସିପି ପ୍ରମୋଦ କୁଶ୍ୱାହ କହିଛନ୍ତି ଯେ ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବା ପାଇଁ ୯ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଏକାସଙ୍ଗେ ଦିଲ୍ଲୀ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଅନ୍ୟ ରାଜ୍ୟର ମୋଟ ୪,୨୯୯ ଠିକଣାରେ ଚଢ଼ଉ କରାଯାଇଥିଲା। ହତ୍ୟା, ବଟି ଆଦାୟ, ଚୋରା ଚାଲାଣ, ଅସ୍ତ୍ରଶସ୍ତ୍ର ଲୁଚାଇବା, ଅଭ୍ୟାସଗତ ଅପରାଧୀଙ୍କୁ ଧରା ଯାଇଥିଲା। ଏହି ସମୟରେ ୩୦୦ ବେଆଇନ ଅସ୍ତ୍ରଶସ୍ତ୍ର, ୧୩୦ ରାଉଣ୍ଡ ଗୁଳିକୋଳା, ୨୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଗ୍ୟାଙ୍ଗଷ୍ଟର ସମ୍ପର୍ଣ୍ଣ ବ୍ୟବସ୍ଥାକୁ ମୂଳପ୍ରୋଟନ ପାଇଁ ଏହି ପଦକ୍ଷେପ ନିଆଯାଇଥିଲା।

## ବାଂଲାଦେଶରେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ପିଟି ପିଟି ହତ୍ୟା

ଢାକା, ୧୩।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଜୀବନ ଦୁର୍ବିସହ ହୋଇଗଲାଣି। ଜାଣିଶୁଣି ବାଂଲାଦେଶୀ ହିନ୍ଦୁଙ୍କୁ ନିଶାଣ କରାଯାଉଛି। ମିଥ୍ୟା ଅଭିଯୋଗ ଲଗାଇ ମାରି ଦିଆଯାଉଛି। ଏହି କ୍ରମରେ ଦକ୍ଷିଣ ବାଂଲାଦେଶର ଚଟଗାଁଓ ଡିଭିଜନ ଅନ୍ତର୍ଗତ ଫେନି ଜିଲ୍ଲାର ଦାଗନଭୁଇଁଆରେ ଆଉ ଜଣେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ହତ୍ୟା କରାଯାଇଛି। ଗତ ରବିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ୨୮ ବର୍ଷୀୟ ହିନ୍ଦୁ ଯୁବକ ସମୀର କୁମାର ଦାସଙ୍କୁ ନିର୍ଦ୍ଦମ ମାଡ଼ ମାରିବା ପରେ ପିଟି ପିଟି ହତ୍ୟା କରାଯାଇଛି। ତାଙ୍କ ଅଟୋରିକ୍ସା ମଧ୍ୟ ଲୁଟି ନେଇଛନ୍ତି। ଏହାକୁ ମିଶାଇ ଗତ ୨୩ ଦିନ ମଧ୍ୟରେ ୭ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ୪୨ ଦିନରେ ୧୨ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହିନ୍ଦୁ ପରିବାର ଉପରେ ଆକ୍ରମଣ ହୋଇଛି। ଏହା ସତ୍ତ୍ୱେ କାମଚଳା ମହମ୍ମଦ ୟୁନୁସଙ୍କ ସରକାର ଚୁପ୍‌ ହୋଇ ବସି ରହିଛନ୍ତି। ପୁଲିସ ସବୁ ଜାଣିଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ହାତ ଉପରେ ହାତ ବାନ୍ଧି ବସି ରହିଛି।

## ବ୍ରିଟେନରେ ଶିଖ୍‌ ନାବାଳିକାଙ୍କୁ ଗଣଦୁଷ୍କର୍ମ

ଲଣ୍ଡନ, ୧୩।୧ (ଏଜେନ୍ସି): ବ୍ରିଟେନରେ ପାକିସ୍ତାନୀ ଗ୍ରୁମିଂ ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଛି। ଏହି ଗ୍ୟାଙ୍ଗ ଅନେକ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଯୌନ ଉତ୍ପୀଡ଼ନ ଦେଉଥିବା ଅଭିଯୋଗ ଲାଗି ଆସିଛି। ଏବେ ଲଣ୍ଡନରେ ରହୁଥିବା ଜଣେ ଶିଖ୍‌ ନାବାଳିକା (୧୪) ଏହି ଗ୍ୟାଙ୍ଗର ଫାସରେ ପଡ଼ିଛନ୍ତି। ଅପହରଣ କରିବା ପରେ ତାଙ୍କୁ ଏକ ଫ୍ଲାଟରେ ବନ୍ଦୀ କରି ରଖାଯାଇଥିଲା। ସେଠାରେ ୫-୬ ଜଣ ପୁରୁଷ ତାଙ୍କୁ ବଳାତ୍କାର କରିଥିଲେ। ଝିଅଟି ଖସିଯିବାକୁ ପ୍ରୟାସ କରିଥିଲେ ବି ତାଙ୍କୁ ଭୟଭୀତ କରି ଚୁପ୍‌ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଲଣ୍ଡନରେ ରହୁଥିବା ଶିଖ୍‌ମାନେ ଏହା ଜାଣିବା ମାତ୍ରେ ଅଭିଯୁକ୍ତଙ୍କ ଫ୍ଲାଟ୍‌ ବାହାରେ ଏକାଠି ହୋଇ ହଙ୍ଗାମା କରିଥିଲେ। କିଛି ସମୟ ମଧ୍ୟରେ ୨୦୦ ରୁ ଅଧିକ ଶିଖ୍‌ ସେଠାରେ ପହଞ୍ଚି ନାବାଳିକାଙ୍କୁ ମୁକ୍ତ କରିଥିଲେ। ପଶ୍ଚିମ ଲଣ୍ଡନରେ ଯୁବତୀଙ୍କ ଅପହରଣ ଏବଂ ଯୌନ ଶୋଷଣର ଏପରି ଘଟଣା ସାଧାରଣ ହୋଇଗଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଇଂଲଣ୍ଡରେ ସମ୍ପ୍ରତି ଏପରି ମାମଲା ବୃଦ୍ଧି ପାଇଛି। ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ମଧ୍ୟ ଏହା ଉପରେ ଚିନ୍ତା ପ୍ରକାଶ କରିଥିଲେ। ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଥିଲେ।



# ମାଡ଼ି ଚାଲ, ସହାୟତା ପଠାଉଛି

## ଇରାନରେ ଆନ୍ଦୋଳନକାରୀଙ୍କୁ ଉସୁକାଇଲେ ଆମେରିକା ରାଷ୍ଟ୍ରପତି

- ଇରାନରେ ଖାମେନେଇଙ୍କ ଦମନଲୀଳା ଜାରି
- ଦୁଇ ସପ୍ତାହରେ ୫ ହଜାର ବିରୋଧୀଙ୍କୁ ହତ୍ୟା
- ଆନ୍ଦୋଳନକାରୀଙ୍କୁ ଆଖିବୁଜା ଗୁଳିମାଡ଼
- ନେତାମାନଙ୍କୁ ଫାଶୀ ଦିଆଯାଉଛି




ୱାଶିଂଟନ/ତେହରାନ, ୧୩।୧ (ଏଜେନ୍ସି): ଇରାନ।ରେ ଦରଦାମ ବୃଦ୍ଧି ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ଭୟଙ୍କର ଆକାର ଧାରଣ କରିଛି। ଆନ୍ଦୋଳନକୁ ଦମନ କରିବା ଲାଗି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଇରାନ ଭିତରେ ଏବଂ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ଏହି ଆନ୍ଦୋଳନ ଆଉ ଦରଦାମ ବୃଦ୍ଧିରେ ସୀମିତ ରହିନାହିଁ। ସର୍ବୋଚ୍ଚ ନେତା ଅଲୀ ଖାମନେଇଙ୍କୁ ବିଦା କରିବା ଲାଗି ଆନ୍ଦୋଳନ ଜୋର ଧରିଲାଣି। ଦେଶର ସମସ୍ତ ୩୧ଟି ପ୍ରଦେଶରେ ବ୍ୟାପିଯାଇଥିବା ଏହି ଆନ୍ଦୋଳନରେ ଯୁବକ ଓ ମହିଳାମାନେ ମଧ୍ୟ ସାମିଲ ହୋଇଛନ୍ତି। ଦରଦାମ ବୃଦ୍ଧି ସହିତ ନାରୀ ନିର୍ଯାତନାକୁ ନେଇ ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଅସନ୍ତୋଷ ଏବେ ବିସ୍ଫୋରଣ ହେବାରେ ଲାଗିଛି। ଖାମନେଇ ସରକାରଙ୍କ ଦମନ ନୀତି ସତ୍ତ୍ୱେ ଆନ୍ଦୋଳନ ବ୍ୟାପିବାରେ ଲାଗିଛି। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଦମ୍ଭ ଦେବାକୁ ଯାଇ କହିଛନ୍ତି, 'ଆପଣମାନେ ମାଡ଼ି ଚାଲନ୍ତୁ, ମୁଁ ସହାୟତା ପଠାଉଛି।' ଆଜି ସାମାଜିକ ଗଣମାଧ୍ୟମରେ ସେ ଏହି ବାର୍ତ୍ତା ଦେଇ କହିଛନ୍ତି ଯେ ଆନ୍ଦୋଳନକାରମାନେ ପଛକୁ ନହଟି ବିଭିନ୍ନ ଅନୁଷ୍ଠାନକୁ କବଜା କରନ୍ତୁ। କିନ୍ତୁ ସେ କେଉଁ ପ୍ରକାର ସହାୟତା ପଠାଉଛନ୍ତି, ତାହା କହି ନାହାନ୍ତି। ତେବେ ସେ ସାମରିକ କାଯର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏଭଳି ଧମକକୁ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛି ରୁଷିଆ। ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ୨୦୨୫ରେ ଇରାନ ଉପରେ ଆକ୍ରମଣ କରି ଟ୍ରମ୍ପ ଯାହା ଭୁଲ କରିଛନ୍ତି, ତାହା ଆଉଥରେ ଦୋହରାନ୍ତୁ ନାହିଁ। ସେହି ଆକ୍ରମଣର ପରିଣତି ଭୟଙ୍କର ହୋଇଥିଲା। ୨୦୨୬ରେ ଏହାକୁ ଏଡ଼ାଇ ହେବ ନାହିଁ ବୋଲି ଟ୍ରମ୍ପଙ୍କୁ ଚେତାବନୀ ଶୁଣାଇଛନ୍ତି।

ଇରାନରେ ଆନ୍ଦୋଳନ ଭୟଙ୍କର ରୂପ ଧାରଣ କରିଥିବାରୁ ଏହାକୁ ଦୃଢ଼ ହସ୍ତରେ ଦମନ କରିବାରେ ଲାଗି ପଡ଼ିଛନ୍ତି ସୁରକ୍ଷା ବାହିନୀ। ସୁରକ୍ଷା ବାହିନୀ ପକ୍ଷରୁ ଆନ୍ଦୋଳନକାରମାନଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରାଯାଉଛି। ଏହାସହିତ ଅନେକ ଯୁବ ଆନ୍ଦୋଳନକାରୀଙ୍କୁ ଫାଶୀ ଦିଆଯାଉଥିବାର ଖବର ମଧ୍ୟ ମିଳିଛି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଦୁଇ ସପ୍ତାହ ମଧ୍ୟରେ ଇରାନରେ ସୁରକ୍ଷା ବାହିନୀ କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଗଲାଣି। ତେବେ ୨ ହଜାର ଲୋକ ପ୍ରାଣ ହରାଇଥିବା ଇରାନ ସରକାର ସ୍ୱୀକାରା କରିଛନ୍ତି। ଇରାନରେ ଇଣ୍ଟରନେଟ୍‌ ଏବଂ ଫୋନ ସେବା ବନ୍ଦ ରହିଥିବାରୁ ପ୍ରକୃତ ତଥ୍ୟ ମିଳିପାରୁ ନାହିଁ। ତେବେ ଆନ୍ଦୋଳନକୁ ନେଇ ସମଗ୍ର ଇରାନରେ ଉତ୍ତେଜନା ଲାଗି ରହିଛି। ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରୀ ସଂପତ୍ତିରେ ନିଆଁ ଲଗାଇଦେଉଛନ୍ତି। ସେମାନଙ୍କୁ ଦେଖିବା ମାତ୍ରେ ନେସନାଲ ଗାର୍ଡ ଗୁଳିମାଡ଼ କରୁଛନ୍ତି।

ଇତିମଧ୍ୟରେ ଇରାନ ପରିସ୍ଥିତିକୁ ନେଇ ବିଶ୍ୱବ୍ୟାପୀ ଉଦବେଗ ପ୍ରକାଶ ପାଇଲାଣି। ଇରାନରେ ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ଖାମନେଇ ପ୍ରଶାସନ ଯେଉଁଭଳି ନରସଂହାର ଚଳାଇଛି, ତାହାକୁ ନେଇ ଆମେରିକା ଉଦ୍‌ବେଗ ପ୍ରକାଶ କରିବା ସହିତ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ଯୋଗାଇବା ଲାଗି ତାଙ୍କ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ଅଛି। ଏଥିପାଇଁ ତାଙ୍କ ସେନା ପ୍ରସ୍ତୁତ ହୋଇ ରହିଛନ୍ତି। ତେବେ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନ ପକ୍ଷରୁ ମଧ୍ୟ ଆମେରିକା ଓ ଇସ୍ରାଏଲକୁ ଧମକ ଦିଆଯାଇଛି।

## ଭାରତର ଚାବାହାର ପ୍ରକଳ୍ପ ପ୍ରତି ବିପଦ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନରେ ଇରାନ ଅସ୍ଥିର ହୋଇଯାଇଛି। ଜେନ୍‌-ଜେଡ ଗୋଷ୍ଠୀ ଇସଲାମିକ ଶାସନର ଅନ୍ତ ଦାବିରେ ଉଗ୍ର ହୋଇ ଉଠିଛନ୍ତି। ଆଉ ଆମେରିକା ହସ୍ତକ୍ଷେପ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ବାଣିଜ୍ୟିକ କଟକଣା ଲଗାଇ ୱାସିଂଟନ ଇରାନର ଆର୍ଥିକ ସ୍ଥିତିକୁ ରସାତଳଗାମୀ କରିଦେଇଛି। ଏପରି ସମୟରେ ଇରାନରେ ଭାରତ ଚଳାଇଥିବା ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ବିପଦ ସୃଷ୍ଟି ହୋଇଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଚାବାହାର ବନ୍ଦରର ବିକାଶରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଆନ୍ଦୋଳନକାରୀଙ୍କ ଆକ୍ରମଣ ଭୟ ସହିତ ସୁରକ୍ଷାଜନିତ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଇରାନ ସହ କାରବାର କଲେ ଅତିରିକ୍ତ ଶୁଳ୍କ ଲଗାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଧମକ ଦେଇଛନ୍ତି। ତେଣୁ ଭାରତ ଚାବାହାରରେ କରିଥିବା ୫୦୦ ନିୟୁତ ଡଲାରର ନିବେଶକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଗତ ବର୍ଷ ଏହି ବନ୍ଦର ବିକାଶ ପାଇଁ ଚୁକ୍ତି ଅବଧିକୁ ବୃଦ୍ଧି କରିଥିଲା। ଭାରତ ଏଠାରେ ରେଳ ଲାଇନ ସହିତ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କରୁଛି। ଆମେରିକା କଟକଣାରୁ ବର୍ତ୍ତିବା ଲାଗି ଭାରତ ୱାସିଂଟନ ସହ ଆଲୋଚନା ଆରମ୍ଭ କରିଛି। ଆଫଗାନିସ୍ତାନକୁ ମାନବିକ ସହାୟତା ପଠାଇବାରେ ଚାବାହାର ଏକମାତ୍ର ପଥ ବୋଲି ଭାରତ ଆମେରିକାକୁ କହିଛି। ଏହି ଆଧାରରେ ଆଶ୍ୱସ୍ତି ଚାହୁଁଛି। ଚାବାହାରକୁ ଭାରତର ପ୍ରମୁଖ ଜଳପଥ ଭାବେ ଦେଖାଯାଉଛି। କାରଣ ଏହା ମାଧ୍ୟମରେ ପାକିସ୍ତାନକୁ ବାଇପାସ କରି ଭାରତ ସିଧା ମଧ୍ୟ ଏସିଆ ସହ ଯୋଗାଯୋଗ କରିପାରିବ। ସ୍ଥଳ ପଥରେ ଯୋଗାଯୋଗ ନ ଥିବା ଦେଶ ସହ ଜଳପଥରେ ଯୋଡ଼ି ହୋଇଯିବ। ଏହା ଦ୍ୱାରା କାଜାକସ୍ତାନ, ତୁର୍କମେନସ୍ତାନ, ଆଫଗାନିସ୍ତାନ ଏବଂ ଉଜବେକିସ୍ତାନ ସିଧା ସାମଗ୍ରୀ ପଠାଇ ପାରିବ। ଏବେ ଏହି ଦେଶକୁ ଯିବା ପାଇଁ ପାକିସ୍ତାନ ଉପରେ ଭାରତ ନିର୍ଭରଶୀଳ। ୭,୨୦୦ କିମିର ଇଣ୍ଟରନ୍ୟାସନାଲ ନର୍ଥ-ସାଉଥ ଟ୍ରାନ୍ସପୋର୍ଟ କରିଡର (ଆଇଏନଏସଟିସି)ର ଏହା ପ୍ରମୁଖ ପ୍ରକଳ୍ପ ପାଲଟିଛି। ଏହି ପ୍ରକଳ୍ପରେ ଭାରତକୁ କାସ୍ପିଆନ ସାଗର, ରୁଷିଆ ଏବଂ ୟୁରୋପକୁ ଜାହାଜ-ରେଳ-ରାସ୍ତା ସହ ଯୋଡ଼ି ପରିବହନ ସମୟ ୪୦% ଏବଂ ୩୦% ଅର୍ଥ ସଞ୍ଚୟ ପାଇଁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନର ସ୍ଥିତି ୬୨୮ କିମିର ଚାବାହାର-ଜାହେଦନ ରେଳ ଲାଇନ ପାଇଁ ବିପଦ ସୃଷ୍ଟି କରିଛି। ଇଣ୍ଟରନେଟ ବ୍ଲାକଆଉଟ, ଯୋଗାଣ ଶୃଙ୍ଖଳ ବନ୍ଦ ହୋଇଥିବାରୁ ବିକାଶ କାର୍ଯ୍ୟ ଏବଂ କାର୍ଗୋ ପରିଚାଳନା ମନ୍ଥର ହୋଇଯାଇଛି।

## ୧୬ ଉପଗ୍ରହର ପତ୍ତା ମିଳୁନାହିଁ, କେବଳ କାମ କରୁଛି ସ୍ପେନିସ ଉପଗ୍ରହ

ଶ୍ରୀହରିକୋଟା, ୧୩।୧ (ଏଜେନ୍ସି): ଇସ୍ରୋର ପିଏସଏଲଭି-ସି୬୨ ଅଭିଯାନ ସୋମବାର ବିଫଳ ହୋଇଯାଇଥିଲା। ଉଡ଼ାଣ ଆରମ୍ଭ କରିବାର ୮ ମିନିଟ ମଧ୍ୟରେ ପିଏସଏଲଭି ରକେଟ ନିର୍ଦ୍ଧାରିତ କକ୍ଷପଥରୁ ବିଚ୍ୟୁତ ହେବା ସହିତ ଏହାସହିତ ଯାଇଥିବା ୧୬ଟି ଉପଗ୍ରହର ଆଉ କୌଣସି ପତ୍ତା ମିଳୁନାହିଁ। କିନ୍ତୁ ଏପରି ସମୟରେ ଭଲ ଖବର ଆସିଛି। ଏହି ରକେଟରେ ସ୍ପାନିସ୍‌ କମ୍ପାନୀ ଏକ ଉପଗ୍ରହ ପଠାଇ ଥିଲା। ଏହା ମଙ୍ଗଳବାର ସଙ୍କେତ ଦେଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସ୍ପାନିସ୍‌ ଷ୍ଟାର୍ଟଅପ୍‌ ଅର୍ବିଟାଲ୍‌ ପାରାଡାଇମ୍‌ କହିଛି ଯେ ଏହାର କେଷ୍ଟ୍ରେଲ୍‌ ଇନିସିଆଲ୍‌ ଡେମୋନଷ୍ଟ୍ରେଟର୍‌ ତଥା କେଆଇଡି ଉପଗ୍ରହ ଯାନ୍ତ୍ରିକ ତ୍ରୁଟି ପୂର୍ବରୁ ରକେଟ୍‌ ଠାରୁ ଅଲଗା ହୋଇସାରିଥିଲା। ଏଥିଯୋଗୁଁ ଏହାର କୌଣସି କ୍ଷତି ହୋଇନାହିଁ। ବର୍ତ୍ତମାନ ଏହି ଉପଗ୍ରାହର ପଥ ଅନୁଧ୍ୟାନ କରାଯାଉଛି। ପରେ ପୂର୍ଣ୍ଣ ଯାନ୍ତ୍ରିକ ତଥ୍ୟ ଏବଂ ଏହାର ଗତିପଥ ବିଶ୍ଳେଷଣ ପରେ ଏକ ବିସ୍ତୃତ ରିପୋର୍ଟରେ ପ୍ରକାଶ କରାଯିବ।

## ଗ୍ରୀନ୍‌ଲାଣ୍ଡ କବ୍‌ଜା ପାଇଁ ଆମେରିକା ଆଣିଲା ବିଲ୍‌

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଗ୍ରୀନଲାଣ୍ଡ ହାସଲ କରିବା ଜିଦ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଟଳ ରହିଛନ୍ତି। ଆମେରିକାର କିଛି ସାଂସଦ ବି ଏପରି ହେଉ ବୋଲି ଚାହୁଁଛନ୍ତି। ୟୁରୋପୀୟ ରାଷ୍ଟ୍ରଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଜିଦିଆ ଟ୍ରମ୍ପ ଶୁଣିବାକୁ ନାରାଜ। ଏବେ ଆମେରିକା ସଂସଦରେ ଗ୍ରୀନଲାଣ୍ଡ କବ୍‌ଜା ପାଇଁ ଏକ ବିଲ୍‌ ଆଗତ ହୋଇଛି। ଆମେରିକା ସାଂସଦ ର୍ୟାଣ୍ଡି ଫାଇନ ଏହି ବିଲ୍‌ 'ଦ ଗ୍ରୀନଲାଣ୍ଡ ଆନେକ୍ସେସନ ଆଣ୍ଡ ଷ୍ଟେଟହୁଡ ଆକ୍ଟ' ଉପସ୍ଥାପନ କରିଛନ୍ତି। ଏହା ଗ୍ରୀନଲାଣ୍ଡକୁ ଆମେରିକାର ୫୧ ତମ ରାଜ୍ୟ କରିବାକୁ ଅଧିକାର ଦେଉଛି। ସାମାଜିକ ଗଣମାଧ୍ୟମରେ ଫାଇନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ ଏବଂ ଚୀନର ପ୍ରଭାବକୁ ରୋକିବା ପାଇଁ ଏହି ବିଲ୍‌ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରେ ରାଜ୍ୟ ମାନ୍ୟତା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯିବ। ଏବେ ବିଲ୍‌ ବିଚାରାଧୀନ ରହିଛି। ଏହାକୁ ଗୃହ ଏବଂ ସିନେଟ୍‌ ଉଭୟରେ ପାରିତ କରିବାକୁ ହେବ।

- ୫୧ ରାଜ୍ୟର ଅଧିକାର ମିଳିବ
- ପସନ୍ଦ କର କି ନ କର ଫରକ ପଡ଼ିବନି: ଟ୍ରମ୍ପ

ବିଶେଷଜ୍ଞ ଅନୁଯାୟୀ, ଏହାକୁ ପାରିତ ଅତ୍ୟନ୍ତ କାଠିକର ହେବ। କାରଣ ଏହା ଅନ୍ତର୍ଜାତୀୟ ଆଇନ ବିରୋଧୀ। ଡେନମାର୍କ ଗତ ୩୦୦ ର୍ଷ ଧରି ଗ୍ରୀନଲାଣ୍ଡକୁ ନିୟନ୍ତ୍ରଣ କରିଆସିଛି। ଅନ୍ୟପଟେ ରାଷ୍ଟ୍ରପତି ଟ୍ରମ୍ପ ଏହି ବିଲ୍‌କୁ ସମର୍ଥନ କରିଛନ୍ତି। ଗ୍ରୀନଲାଣ୍ଡ ଆମେରିକାର ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟ ଦେଶମାନେ ଏହାକୁ ପସନ୍ଦ କରନ୍ତୁ କି ନାହିଁ ସେ ଏହି ଦିଗରେ ପଦକ୍ଷେପ ନେଉଥିବା ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗ୍ରୀନଲାଣ୍ଡର ଲୋକଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଟ୍ରମ୍ପ ପ୍ରଶାସନ ମଧ୍ୟ ବିଚାର କରୁଛି। ଡେନମାର୍କ ଏବଂ ଗ୍ରୀନଲାଣ୍ଡର ଅଧିକାରୀମାନେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ଏହାକୁ ଅପମାନଜନକ ବୋଲି କହିଛନ୍ତି। ଯଦି ଆମେରିକା ସାଂସଦ ଆଣିଥିବା ବିଲ୍‌ ଗୃହୀତ ହୁଏ ତେବେ ଆମେରିକାର ରାଷ୍ଟ୍ରପତିଙ୍କୁ ଡେନମାର୍କ ସହିତ ଆଲୋଚନା ଏବଂ ଅନ୍ୟାନ୍ୟ ଉପାୟରେ ଗ୍ରୀନଲାଣ୍ଡକୁ ଆମେରିକୀୟ ଅଞ୍ଚଳରେ ମିଶାଇବା ପାଇଁ ସମସ୍ତ କ୍ଷମତା ମିଳିବ।

## ଦୁର୍ନୀତି ବିରୋଧୀ ଆଇନକୁ ନେଇ ବିଚାରପତିଙ୍କ ଭିନ୍ନ ମତ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):ଦୁର୍ନୀତି ମାମଲାରେ ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ଅନୁମତି ନେବାର ବାଧ୍ୟତାମୂଳକ ନିୟମ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ବିଶ୍ୱନାଥନଙ୍କ ଖଣ୍ଡପୀଠ ପରସ୍ପର ଭିନ୍ନ ମତ ଦେଇଛନ୍ତି। ଜଣେ ବିଚାରପତି ଏହି ଆଇନକୁ ସମର୍ଥନ କରିଥିବା ବେଳେ ଅନ୍ୟ ଜଣେ ଅସାମ୍ବିଧାନିକ କହି ବିରୋଧ କରିଛନ୍ତି। ତେଣୁ ମାମଲାକୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପଠାଇ ଦିଆଯାଇଛି। ବଡ଼ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ। ଏହି ମାମଲା ଦୁର୍ନୀତି ନିରୋଧୀ ଆଇନ (ପିସି ଆକ୍ଟ)ର ଧାରା ୧୭ଏର ସାମ୍ବିଧାନିକ ବୈଧତା ସହ ଜଡ଼ିତ। ଏଥିରେ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ। ଏହାକୁ ନେଇ ବିବାଦ ହୋଇଛି।

ଜଷ୍ଟିସ ବି.ଭି. ନାଗରତ୍ନା ଧାରା ୧୭ଏକୁ ଅସାମ୍ବିଧାନିକ ଷଣା କରି ଏହାକୁ ବାତିଲ୍‌ କରିବାକୁ କହିଛନ୍ତି। ଏହି ଧାରା ଆଇନର ଉଦ୍ଦେଶ୍ୟ ବିରୋଧୀ। ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ ବୋଲି ସେ ମତ ଦେଇଛନ୍ତି। ପୂର୍ବ ଅନୁମତିର ଆବଶ୍ୟକତା ଆଇନରେ ରହିଥିବା ଉଦ୍ଦେଶ୍ୟର ବିରୋଧୀ। ଏହା ତଦନ୍ତକୁ ବନ୍ଦ କରିଦିଏ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ । ଦେଶରେ ଦୁର୍ନୀତି ବ୍ୟାପକ ଥିବାରୁ କଡ଼ା ଆଇନ ଆବଶ୍ୟକ ବୋଲି ଜଷ୍ଟିସ ନାଗରତ୍ନା କହିଛନ୍ତି। ସେହିପରି ଜଷ୍ଟିସ ବିଶ୍ୱନାଥନ ଧାରା ୧୭ଏକୁ ସାମ୍ବିଧାନିକ ଦର୍ଶାଇଛନ୍ତି। ତେବେ ଲୋକପାଳ କିମ୍ବା ରାଜ୍ୟର ଲୋକାୟୁକ୍ତଙ୍କ ଏଥିପାଇଁ ଅନୁମତି ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସରକାରୀ ଅଧିକାରୀଙ୍କୁ ଆକ୍ରୋଶମୂଳକ ମାମଲାରୁ ରକ୍ଷା କରିବା ପାଇଁ ଏହି ଧାରା ଏକ ନ୍ୟାୟୋଚିତ ପଦକ୍ଷେପ ଭାବେ କାମ କରେ । ଏହାକୁ ବାତିଲ କରିବା ଅନ୍ୟାୟକୁ ପ୍ରୋତ୍ସାହନ ସଦୃଶ ହେବ। 'ସତ୍ୟବାଦୀ ଓ ସମ୍ମାନିତ ବ୍ୟକ୍ତି ପାଇଁ ମୃତ୍ୟୁ ବି ଅପମାନଠାରୁ ଭଲ। ସୋସିଆଲ ମିଡିଆ ଯୁଗରେ କୋର୍ଟରେ ପରେଡ଼ କରି ଅପରାଧମୁକ୍ତ ପ୍ରମାଣିତ ହେଲେ ବି ଏହା ଦଣ୍ଡିତ ହେବା ଭଳି ସ୍ଥିତି ସୃଷ୍ଟି କରିବ। ଏହା ଧାରାକୁ ହଟାଇଲେ ନୀତିରେ ଅଚଳାବସ୍ଥା ଆସିବ। ଏହାକୁ ଉଚ୍ଛେଦ କରିବା ଦ୍ୱାରା ଗାଧୁଆ ପାଣିରେ ଶିଶୁକୁ ଫିଙ୍ଗିବା ଭଳି ହେବ। ଏହି ଆଇନ ଦ୍ୱାରା ସଚ୍ଚୋଟ ଅଧିକାରୀ ଦେଶ ସେବା ପାଇଁ ଆଗକୁ ଆସିବେ।



ଧାରା ୧୭ଏକୁ ଅସାମ୍ବିଧାନିକ କହିଲେ ଜଷ୍ଟିସ ନାଗରତ୍ନା


ସମର୍ଥନରେ ବାହାରିଲେ ଜଷ୍ଟିସ ବିଶ୍ୱନାଥନ

ଏନ୍‌ଜିଓ ସେଣ୍ଟର୍‌ ଫର୍‌ ପବ୍ଲିକ୍‌ ଇଣ୍ଟ୍ରେଷ୍ଟ ଲିଟିଗେସନ୍‌ (ସିପିଆଇଏ) ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା। ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଆବେଦନକାରୀଙ୍କ ପକ୍ଷରୁ ବିତର୍କ କରିଥିଲେ। ୨୦୧୮ ରେ ସଂଶୋଧନ କରି ଧାରା ୧୭ଏ ଯୋଡ଼ା ଯାଇଥିଲା। ଏହା ଦୁର୍ନୀତି ବିରୋଧୀ ଅଭିଯାନକୁ ବାଧା ଦେଉଛି ଅଭିଯୋଗ କରାଯାଇଥିଲା।

## ଲକ୍ଷେ ବିଦେଶୀଙ୍କ ଭିସା ରଦ୍ଦ କଲା ଆମେରିକା

ୱାସିଂଟନ, ୧୩।୧ (ଏଜେନ୍ସି):ବର୍ଷେ ମଧ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଲକ୍ଷେରୁ ଅଧିକ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରିଦେଇଛି। ଏମାନଙ୍କ ମଧ୍ୟରେ ୮,୦୦୦ ଛାତ୍ରଛାତ୍ରୀ ସାମିଲ ଅଛନ୍ତି। ଗତ ବର୍ଷ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଆମେରିକା ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି ଯେ ସୀମା ଏବଂ ସାଧାରଣ ସୁରକ୍ଷାକୁ ସୁଦୃଢ଼ ଏଭଳି ପଦକ୍ଷେପ ନିଆଯାଇଛି। ଯେଉଁ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରାଯାଇଛି ସେମାନଙ୍କ ବିରୋଧରେ ଆକ୍ରମଣ, ଚୋରି ଓ ମଦ୍ୟପାନ କରି ଗାଡ଼ି ଚାଳନା ସମେତ ବିଭିନ୍ନ ଅପରାଧୀକ ମାମଲା ରହିଛି। ଏକ ନୂତନ ଯାଞ୍ଚ୍‌ ଏବଂ ତଦାରଖ ବ୍ୟବସ୍ଥା ଯୋଗୁ ଭିସା ରଦ୍ଦ ବୃଦ୍ଧି ପାଇଛି। କଣ୍ଟିନିଉସ୍‌ ଭେଟିଂ ସେଣ୍ଟର ମାଧ୍ୟମରେ ଆମେରିକୀୟ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଭିସା ତୁରନ୍ତ ପ୍ରତ୍ୟାହାର କରାଯାଉଛି। ପୂର୍ବରୁ କେବଳ ଭିସା ଆବେଦନ କିମ୍ବା ଆମେରିକାରେ ପ୍ରବେଶ ସମୟରେ ସ୍କ୍ରିନିଂ କରାଯାଉଥିଲା। ନୂଆ ବ୍ୟବସ୍ଥାରେ ସବୁବେଳେ ବିଦେଶୀଙ୍କ ଉପରେ ନଜର ରଖାଯାଉଛି। ଅପରାଧ ମାମଲା ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେରିକା ବୈଦେଶିକ ବିଭାଗର ମୁଖପାତ୍ର ଟମି ପିଗଟ୍‌ କହିଛନ୍ତି, ଆମେରିକୀୟଙ୍କୁ ସୁରକ୍ଷା ଦେବା ଓ ଆମେରିକୀୟ ସାର୍ବଭୌମତ୍ୱକୁ ସଂରକ୍ଷଣ ପାଇଁ ଏହା ଜରୁରୀ।

## ବାପାମାଙ୍କ ସେବା ନ କଲେ ସରକାରୀ ଚାକିରିଆଙ୍କ ଦରମା କଟିବ



ହାଇଦରାବାଦ, ୧୩।୧ (ଏଜେନ୍ସି): ଏଣିକି ବୃଦ୍ଧ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀମାନଙ୍କ ଦରମା କାଟି ଦିଆଯିବ। ଏହି ଦରମାକୁ ସିଧାସଳଖ ତାଙ୍କ ବାପାମାଆଙ୍କ ଆକାଉଣ୍ଟକୁ ପଠାଯିବ। ତେଲଙ୍ଗାନା ସରକାରୀ ଆଗାମୀ ବଜେଟ ଅଧିବେଶନରେ ଏଭଳି ଏକ ଆଇନ ଆଣିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏହି ଘୋଷଣା କରିଛନ୍ତି। ରାଜ୍ୟର ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ଆଇନରେ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀଙ୍କ ଦରମାର ୧୦ ପ୍ରତିଶତ କଟାଯିବ। ଏହି ଟଙ୍କା ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପିଲାମାନଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବା ଉଚିତ। କିଛି କର୍ମଚାରୀ ସେମାନଙ୍କ ଶାଶୁଶଶୁରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ସେମାନଙ୍କୁ ବଡ଼ କରି ଶିକ୍ଷା ଦେଇଥିବା ବାପାମାଆଙ୍କୁ ଭୁଲି ଯାଉଛନ୍ତି। ନୂଆ ଆଇନରେ ବାପାମାଆଙ୍କ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ପ୍ରଜା ଭବନରୁ ରେଟ୍ରୋଫିଟେଡ୍‌ ମୋଟରସାଇକେଲ୍‌, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍‌, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍‌, ଶ୍ରବଣ ଯନ୍ତ୍ର, ମୋବାଇଲ୍‌ ଫୋନ୍‌ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣର ମାଗଣା ବଣ୍ଟନ ଶୁଭାରମ୍ଭ କରି ସେ ଏହି ଟିପ୍ପଣୀ ଦେଇଥିଲେ। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଡେ-କେୟାର ସେଣ୍ଟର ସ୍ଥାପନ କରୁଛନ୍ତି ବୋଲି କହିଥିଲେ।

### ନବୀନ ନିବାସରେ ୯ ବିଜେଡି ବିଧାୟକ

## ଲୋକଙ୍କ ସମସ୍ୟାର ସମାଧାନ ଲାଗି ନବୀନଙ୍କ ପରାମର୍ଶ



ଭୁବନେଶ୍ୱର,୧୩।୧(ସମିସ): ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ବିଜେଡିର ୯ ଜଣ ବିଧାୟକ। ଏହି ଅବସରରେ ବିଧାୟକମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ଶ୍ରୀ ପଟ୍ଟନାୟକ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଧାୟିକା ମନୋରମା ମହାନ୍ତି , ନିରଞ୍ଜନ ପୂଜାରୀ, ଅଶ୍ୱିନୀ ପାତ୍ର, ବ୍ରଜକିଶୋର ପ୍ରଧାନ, ବ୍ୟୋମକେଶ ରାୟ, ସଂଜୀବ ମଲ୍ଲିକ, ଚକ୍ରମଣି କହଁର, ଗୌତମ ବୁଦ୍ଧ ଦାସ ଓ ମାଧବ ଧଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସୋମବାର ମଧ୍ୟ ବିଭିନ୍ନ ନିର୍ବାଚନମଣ୍ଡଳୀର ୧୦ ବିଜେଡି ବିଧାୟକ ନବୀନଙ୍କୁ ସାକ୍ଷାତ କରିଥିଲେ।

### ମିଳୁନି ଦରମା

## ପଡ଼ିଛି ଫାଇଲ୍; ଅଧିକାରୀ ଅସହାୟ

ଭୁବନେଶ୍ୱର, ୧୩।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଗତ ଡିସେମ୍ବର ମାସର ଦରମା ମିଳିନି। ମାସର ଶେଷ କାର୍ଯ୍ୟ ଦିବସରେ ଦରମା ଦେବାର ପ୍ରାବଧାନ ରହିଥିବା ବେଳେ ଜାନୁଆରୀ ମାସକୁ ୧୨ଦିନ ବିତିଥିଲେ ମଧ୍ୟ ସରକାର ଦରମା ଦେଇନାହାନ୍ତି। ଚଳିତ ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରାଯାଇପାରିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ କହିବା ପରେ ଅଧ୍ୟାପକ/ ଅଧ୍ୟାପିକାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୪୮୮ ଓ ୬୬୨ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାରେ ବିଳମ୍ବ ହେଉଛି। ଏପରିକି, ଆହୁରି ପାଞ୍ଚରୁ ସାତ ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ। ୪୮୮ବର୍ଗର ଦରମା ଫାଇଲ୍ ଗତ ଗୁରୁବାରଠାରୁ ଅର୍ଥାତ୍ ପ୍ରାୟ ୫ଦିନ ହେବ ସରକାରଙ୍କ ପାଖରେ ପଡ଼ି ରହିଛି। ଫଳରେ ଦରମା ପ୍ରଦାନ କରାଯାଇପାରୁନାହିଁ। ଅନୁରୂପ ଭାବେ ୬୬୨ ବର୍ଗ ମହାବିଦ୍ୟାଳୟଗୁଡ଼ିକର ଆବଶ୍ୟକ ତଥ୍ୟ ଆକାଉଣ୍ଟ-୨ ସେକ୍ସନ୍ ପାଖରେ ଏଯାଏ ପହଞ୍ଚି ନାହିଁ। ହିମସ୍ ପୋର୍ଟାଲ୍ ମାଧ୍ୟମରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ସୁଦ୍ଧା ସମସ୍ତ ତଥ୍ୟ ପହଞ୍ଚିବ ବୋଲି ଆଶା ରହିଛି। ଏହାପରେ ଯାଇ ସରକାରଙ୍କଠାରୁ ପାଣ୍ଠି ମଞ୍ଜୁର ପାଇଁ ଫାଇଲ୍ ପ୍ରକ୍ରିୟା ଆରମ୍ଭ କରାଯିବ। ଅର୍ଥାତ୍ ଆସନ୍ତା ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରିବା ଏକ ପ୍ରକାର ଅସମ୍ଭବ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଅପରପକ୍ଷେ, ସରକାର ପାଣ୍ଠି ମଞ୍ଜୁର କରୁନଥିବାରୁ ସେ ନିଜକୁ ଅସହାୟ ବୋଲି କହିଛନ୍ତି। ସେମାନଙ୍କ ଦରମା ପାଇଁ କ୍ୟାମ୍ପସ୍-୧ ଏବଂ କ୍ୟାମ୍ପସ୍-୨ ମଧ୍ୟରେ ଦୌଡ଼ୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସରକାର ପାଣ୍ଠି ମଞ୍ଜୁର କରିବା ପରେ ସେହିଦିନ ହିଁ ଦରମା ପ୍ରଦାନ କରିବାକୁ ପ୍ରୟାସ କରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀଙ୍କୁ ଦରମା ଦେବାରେ ସରକାର କାହିଁକି ବିଳମ୍ବ କରୁଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବହୁ କର୍ମଚାରୀ ଦରମା ଟଙ୍କାକୁ ଅପେକ୍ଷା କରି ରହିଥିବା ବେଳେ ସରକାର କୌଣସି କାରଣ ବିନା ଉପେକ୍ଷା କରୁଥିବା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଦରମା ଫାଇଲ୍‌କୁ ମଞ୍ଜୁରୀ ମିଳୁନଥିବାରୁ ରାଜ୍ୟରେ ଶାସନ ବ୍ୟବସ୍ଥା କିଏ ଚଳାଉଛି ବୋଲି ପ୍ରଶ୍ନ କରିବା ସହ ରାଜ୍ୟକୁ ଭଗବାନ ଭରସା ବୋଲି ଅନେକ ସାମାଜିକ ଗଣମାଧ୍ୟମରେ ମତବ୍ୟକ୍ତ କରିଛନ୍ତି।

### ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ସ୍ଥାପନ ନିଷ୍ପତ୍ତିକୁ ଚାଲେଞ୍ଜ

# ଓଇଆରସି ଓ ବିତରଣ କମ୍ପାନୀକୁ ଜବାବତଲବ

କଟକ,୧୩।୧(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ରୁଜୁ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)କୁ ଜବାବ ଦାଖଲ ପାଇଁ କହିଛନ୍ତି ଅଦାଲତ। ସାମାଜିକ ସଂଗଠନ ଇଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରି୧୭କୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ, ଟାଟାପାୱାର ୨୦୧୮ ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛି। ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନଥିବା ବେଳେ ଗ୍ରାହକଙ୍କ ଉପରେ ଟାଟା ପାୱାର ପକ୍ଷରୁ ଏହି ଅତିରିକ୍ତ ସୁରକ୍ଷା ଜମା ନାଁରେ ବୋଝ ଲଦି ଦିଆଯାଇଛି। ସେହିଭଳି ରାଜ୍ୟରେ ସ୍ମାର୍ଟମିଟର ସ୍ଥାପନ ନିଷ୍ପତ୍ତିକୁ ମଧ୍ୟ ବିରୋଧ କରାଯାଇଛି। ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନବିରୋଧୀ ବୋଲି ଦର୍ଶାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ■ ହାଇକୋର୍ଟରେ ବାଂଲାଦେଶୀ ଅନୁପ୍ରବେଶ ପ୍ରସଙ୍ଗ

## ସତ୍ୟପାଠ ଦାଖଲ କରିବେ ସରକାର

କଟକ, ୧୩।୧ (ସମିସ): ବାଂଲାଦେଶୀ ଅନୁପ୍ରବେଶକରୀଙ୍କୁ ଚିହ୍ନଟ, ଅଟକ ଓ ସେମାନଙ୍କୁ ରାଜ୍ୟରୁ ଦେଶାନ୍ତରୀକରଣ କରିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ପୂର୍ବରୁ ରାଜ୍ୟ ସରକାରଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲେ ମଧ୍ୟ ଏଥିରେ ଦିଆଯାଇଥିବା ତଥ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି ଆବେଦନକାରୀ। ଏପରିକି, ଗତ ସରକାର ସମୟରେ ଉପସ୍ଥାପନ ହୋଇଥିବା ସରକାରୀ ତଥ୍ୟ ଓ ବର୍ତ୍ତମାନର ତଥ୍ୟ ମେଳ ଖାଉନଥିବା ନେଇ ଅଭିଯୋଗ ହୋଇଛି। ସେହିଭଳି ସତ୍ୟପାଠରେ କେବଳ ରାଜ୍ୟର ୭ଗୋଟି ଜିଲ୍ଲାରୁ ବାଂଲାଦେଶୀ ଚିହ୍ନଟ ଓ ସ୍ଥାନାନ୍ତର ହୋଇଥିବା ଉଲ୍ଲେଖ କରାଯାଇଥିଲା। ଏଣୁ ଏହାକୁ ଦୃଷ୍ଟି ରଖି ଏକ ସବିଶେଷ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବ୍ରୁଆରୀ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ରାଜ୍ୟ ସରକାରଙ୍କ ଗୁଇନ୍ଦା ନିର୍ଦ୍ଦେଶକଙ୍କ ତରଫରୁ ପୂର୍ବରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରୋପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ଜଣ ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟରର ନିର୍ଦ୍ଦେଶ ଅନୁସାରେ ଗତ ଜୁନ୍ ମାସରୁ ସ୍ୱେଶାଲ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି କୁହାଯାଇଥିଲା।

# ଦୁର୍ଘଟଣାରେ ଗଲା ୩ ଜୀବନ

- ମା' ଆଖି ଆଗରେ ପୁଅକୁ ଚାପିଦେଲା ଟ୍ରକ୍
- ବୋଲେରୋ ଧକ୍କାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ

ସମ୍ବଲପୁର, ୧୩।୧(ସମିସ): ସମ୍ବଲପୁରରେ ଆଜି ଦୁଇଟି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କାଇଁଶୀର-ଜମାଦାରପାଲି ରାସ୍ତାର ରାଡାର୍ ଛକ ଏବଂ ରେମେଡ୍ ଛକରେ ଘଟିଥିବା ଏହି ଦୁଇ ଦୁର୍ଘଟଣାରେ ୬ ବର୍ଷର ଜଣେ ନାବାଳକ ସମେତ ସମ୍ବଲପୁର





ବରେଇପାଲି ଥାନା ଅନ୍ତର୍ଗତ ସାପଲହରାର ସୁଦର୍ଶନ ମିର୍ଦ୍ଧା ଓ ପ୍ରଦୀପ ମିର୍ଦ୍ଧାଙ୍କ ମୃତ୍ୟୁ ଘଟିଛି।

ସାପଲହରାର ସୁଦର୍ଶନ ମିର୍ଦ୍ଧା (୨୦), ପ୍ରଦୀପ ମିର୍ଦ୍ଧା (୧୮) ଓ କାର୍ତ୍ତିକ ମିର୍ଦ୍ଧା (୧୮) ଗୋଟିଏ ବାଇକ୍‌ରେ ସୋନୁଟିକ୍ରାରୁ ଆସୁଥିଲେ। ଶାସନ ଥାନା ଅନ୍ତର୍ଗତ କାଇଁଶୀର-ଜମାଦାରପାଲି ରାସ୍ତାର ଉପ୍‌ଲର୍ ରାଡାର୍ ଷ୍ଟେସନ ନିକଟ ବୁଲାଣିରେ ସାମ୍ନାପଟୁ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ସକାଳ ପ୍ରାୟ ୮ଟାରେ ଏହି ଅଘଟଣ ଘଟିଥିଲା। ଏଥିରେ ୩ଜଣ ଯାକ ଆହତ ହୋଇଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଦର୍ଶନ ଓ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କାର୍ତ୍ତିକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭିମସାର୍‌କୁ ସ୍ଥାନାନ୍ତର କରାଯାଇଛି। ଶାସନ ଥାନା ପୁଲିସ ନଂ. ୧୩ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ବାଇକ୍‌କୁ ଜବତ କରି ପୁଲିସ ଅଧିକ ତଦନ୍ତ ଚଳାଇଛି। ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

ସେହିପରି ବରେଇପାଲି ଥାନା ଅନ୍ତର୍ଗତ ରେମେଡ ଛକରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ମା' ଆଖି ଆଗରେ ପୁଅର ଜୀବନ ଚାଲିଯାଇଛି। ସୂଚନା ଅନୁଯାୟୀ, ମା'-ପୁଅ ଏକ ସ୍କୁଟିରେ ବୁର୍ଲା ପଟୁ ଅଇଁଠାପାଲିକୁ ଆସୁଥିଲେ। ରେମେଡ ଛକ ସିଗ୍‌ନାଲରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ସେମାନେ ଦୁଇ ଟ୍ରକ୍ ମଝିରେ ଠିଆ ହୋଇଥିଲେ। ଟ୍ରାଫିକ୍ ଛାଡ଼ିବା ପରେ ଟ୍ରକ୍‌ଟି ସ୍କୁଟିକୁ ଧକ୍କା ଦେଇଥିଲା। ନାବାଳକଜଣକ ଟ୍ରକ୍ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଥିଲା। ବରେଇପାଲି ପୁଲିସ ଶବ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରିଛି। ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

### ଇନ୍‌ପୁଟ ସହାୟତା ପାଇଁ ୧୫୦ କ୍ୱିଣ୍ଟାଲ କଟକଣା

# ସରକାରଙ୍କ ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ ବିରୋଧ

ଭୁବନେଶ୍ୱର,୧୩।୧(ସମିସ): ରାଜ୍ୟରେ ୧୫୦ କ୍ୱିଣ୍ଟାଲ ପରେ ଇନ୍‌ପୁଟ୍ ସହାୟତା ବନ୍ଦ ନେଇ ଯୋଗାଣମନ୍ତ୍ରୀଙ୍କ ଘୋଷଣାକୁ ଚାରି ଆଡୁ ବିରୋଧ କରାଯାଉଛି। ଭୋଟ୍ ପୂର୍ବରୁ ଗୋଟିଏ କଥା ଓ ଭୋଟ ପରେ ଗୋଟିଏ କଥା କୁହାଯାଉଥିବାରୁ ସରକାରଙ୍କୁ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି।

ଏହି ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ, ଚାଷୀ ଦୁର୍ଦ୍ଦଶାରେ ଅଛି। ଏ ପର୍ଯ୍ୟନ୍ତ ଚାଷୀଙ୍କ ଧାନ କିଣିବା ତ ଦୂରର କଥା, ଚାଷୀଙ୍କୁ ଟୋକନ ବି ମିଳିନାହିଁ। ଅପାରଗତା ଲୁଚେଇ, ଚାଷୀଙ୍କୁ ଅଧିକାରରୁ ବଞ୍ଚିତ କରିବାକୁ ସରକାର ନୂଆ ନିୟମ ଆଣିଛି। ୧୫୦ କ୍ୱିଣ୍ଟାଲ ଧାନ ପରେ ଚାଷୀଙ୍କୁ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ମିଳିବ ନାହିଁ। ଏହାକୁ ସେ ନାପସନ୍ଦ କରିବା ସହ ସରକାର ସବୁ ଚାଷୀଙ୍କୁ ସମାନ ବ୍ୟବହାର କରି ଯଥାଶୀଘ୍ର ସମସ୍ତଙ୍କ ପାଇଁ ଉଚିତ୍ ମୂଲ୍ୟ ସୁନିଶ୍ଚିତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

**ଆପତ୍ତି ଉଠାଇଲେ ଭକ୍ତ, ସମାଲୋଚନା କଲେ ମାନସ**

ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏହି ପ୍ରସଙ୍ଗରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀ ମଙ୍ଗରାଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଚାଲିଛି। ତେଣୁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି। ଏବେ ସରକାର ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଘୋଷଣା କରାଯାଇଛି। ଗୋଟିଏ ଚାଷୀଙ୍କ ଠାରୁ ମାତ୍ର ୧୫୦ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ ଓ ବାକି ଧାନକୁ ୨୩୬୯ ଟଙ୍କାରେ କିଣାଯିବ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଅନ୍ୟପଟେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟର ୯୮ ପ୍ରତିଶତ ଚାଷୀ ୧୫୦ କ୍ୱିଣ୍ଟାଲରୁ କମ ଧାନ ବିକ୍ରି କରୁଛନ୍ତି। ମାତ୍ର ୧.୫ ପ୍ରତିଶତ ଚାଷୀ ୧୫୦ କ୍ୱିଣ୍ଟାଲ୍ ଧାନ ବିକୁଛନ୍ତି। ତେଣୁ ଏହି ୨ ପ୍ରତିଶତ ଚାଷୀଙ୍କ ପାଇଁ କଟକଣା ଥିବା ସେ କହିଛନ୍ତି।






### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା


## ୬ ପରୀକ୍ଷାର୍ଥୀଙ୍କୁ ଜେରା

ଭୁବନେଶ୍ୱର,୧୦।୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ହାଜର ହେବା ପାଇଁ ନୋଟିସ ହୋଇଥିବା ୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମଙ୍ଗଳବାର ସିବିଆଇ ନିକଟରେ ହାଜର ହୋଇଛନ୍ତି ୬ପରୀକ୍ଷାର୍ଥୀ। ଏମାନଙ୍କୁ ସିବିଆଇ ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଜେରା କରିଛି। ମାର୍ଚ୍ଚ ଏବଂ ଅକ୍ଟୋବର ମାସରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର କିଏ ପ୍ରଶ୍ନପତ୍ର ଯୋଗାଉଥିଲା? ଚାକିରି ଡିଲ୍‌ରେ କିଏ ସାମିଲ ଥିଲା? ଓପିଆର୍‌ବିରେ କାହାର ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ପ୍ରଶ୍ନ କରାଯାଇଛି। ଜେରା ବେଳେ ଏମାନ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ମିଳିଥିବା ଜଣାପଡ଼ିଛି। ଓପିଆର୍‌ବିର କିଛି କର୍ମଚାରୀ, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲିଙ୍କ୍ ରହିଥିବା ନେଇ ସିବିଆଇ ଜାଣିବାକୁ ପାଇଛି। ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳି ଯାଉଥିଲା ସେନେଇ ଖୋଳତାଡ ଜାରି ରହିଛି।

### ଋଣ ଚାପ

## ମାସକର ଛୁଆକୁ ବିକ୍ରି

ଭଦ୍ରକ/ଭଣ୍ଡାରିପୋଖରୀ, ୧୩।୧(ସମିସ): ଋଣ ଶୁଝିବାକୁ ମାସକର ଶିଶୁକନ୍ୟାକୁ ବିକିଦେଲେ ବାପା-ମା'। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର ଗାଁରୁ ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ଶିଶୁର ଜେଜେ ମା' ସାବିତ୍ରୀ ଦାସ ମଙ୍ଗଳବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଏନେଇ ପୁଲିସ ନଂ-୧୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ସୋମବାର ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ଚିକିତ୍ସା ପାଇଁ ନେଉଥିବା କହି ଘରୁ ବାହାରିଥିଲେ। ସେମାନେ ରାତି ୮ଟା ବେଳକୁ ପୁଅ-ବୋହୂ ଘରକୁ ଫେରିଥିଲେ। ହେଲେ ସେମାନଙ୍କ ସହ ଶିଶୁକନ୍ୟା ନଥିଲା। ଏ ସଂପର୍କରେ ସାବିତ୍ରୀ ସେମାନଙ୍କୁ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ସାବିତ୍ରୀଙ୍କ ଘରେ ବୋହୂ ରୀନାଙ୍କ ମାଆ(ସମୁଦୁଣୀ) ରହୁଛନ୍ତି। ସାବିତ୍ରୀ ତାଙ୍କ ପୁଅ-ବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କିମ୍ବା ହତ୍ୟା କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ
# ଜଳ ସୁବିନିଯୋଗ ନେଇ ଚାଷୀଙ୍କୁ ପରାମର୍ଶ



ଅନୁଗୋଳ,୧୩ ।୧(ସମିସ): ଚାଷରେ ବ୍ୟବହୃତ ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଜିଲ୍ଲା ଜଳସେଚନ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାଷୀମାନେ କିପରି ଜଳର ସୁବିନିଯୋଗ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଗ୍ରୋ ଇଣ୍ଡଷ୍ଟ୍ରିର ବ୍ୟାପକ ସଫଳ ରୂପାୟନ ନିମନ୍ତେ, ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ସରକାରୀ ଯୋଜନା ଯେପରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ମାଧ୍ୟମରେ ଜନସାଧାରଣ କିପରି ଉପକୃତ ହୋଇପାରିବେ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ସେହିପରି କୃଷି ବିଭାଗ ତରଫରୁ ସି ଏମ୍ କିଷାନ ଓ ପି ଏମ୍ କିଷାନ ଯୋଜନାରେ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନର ବିବରଣୀ, ଉଦ୍ୟାନ କୃଷି ବିଭାଗ ତରଫରୁ ଶଙ୍କର ଜାତୀୟ ପନିପରିବା ଚାଷ, ଛତୁ ଚାଷ, ଅମଳ ପରବର୍ତ୍ତୀ ଯନ୍, ସୁରକ୍ଷିତ ଫୁଲ ଚାଷ, ଜୈବିକ ଚାଷ ଏବଂ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଛତୁ ମଞ୍ଜି, ମାଣ୍ଡିଆ ଚାଷ, ମୃତ୍ତିକା ବିହନ, ଘାସ ଚାଷ, ଡ୍ରାଗନ ଫଳ ଚାଷ, ଆଜୋଲା ଚାଷ, ଜିଆ ଖତ ଉତ୍ପାଦନର ପ୍ରଚାରପ୍ରସାର ସମ୍ପର୍କରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ବ୍ରାହ୍ମଣୀ ଅବବାହିକା ସମଲର ମୁଖ୍ୟଯନ୍ତ୍ରୀ ଇ.ହୃଦାନନ୍ଦ ମଲ୍ଲିକ, ନିର୍ମଳ କୁମାର ସାମନ୍ତ, ପ୍ରେମାନନ୍ଦ ପଟ୍ଟନାୟକ, ଡ.ସତ୍ୟ ନାରାୟଣ ସାହୁ, ଉମାଶଙ୍କର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ୟକ ବିକାଶ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଅନୁଗୋଳରେ ଜିଏସ୍‌ଟିର ଚଢ଼ଉ
# ଶୀତଳ ରିଅଲଷ୍ଟେଟ ମାଲିକଙ୍କ କାର୍ଯ୍ୟାଳୟରେ ତଦନ୍ତ

ଅନୁଗୋଳ,୧୩ ।୧(ସମିସ): ଦୀର୍ଘ ଦିନ ଧରି ଜିଏସ୍‌ଟି ଟିକସ ଫାଙ୍କିବା ଅଭିଯୋଗରେ ଅନୁଗୋଳ ସହରରେ ଜିଏସଟି ଟିମର ଚଢ଼ଉ ହୋଇଛି। ଶୀତଳ ରିଅଲଷ୍ଟେଟ ମାଲିକ ସୁନୀଲ ଅଗ୍ରୱାଲଙ୍କ ଘରେ ଥିବା କାର୍ଯ୍ୟାଳୟକୁ ଡିରେକ୍ଟରେଟ୍ ଅଫ୍ ଜେନେରାଲ୍ ଜିଏସଟି ଇଣ୍ଟେଲିଜେନ୍ସ (ଡିଜିଜିଆଇ), ଭୁବନେଶ୍ୱରର ୧୨ଜଣିଆ ଟିମ ଘେରି ନେଇ ତଦନ୍ତ ଚାଳାଇଛି।

ସୂଚନା ଅନୁଯାୟୀ, ସୁନୀଲ ଅଗ୍ରୱାଲ ଦୀର୍ଘ ସମୟ ଧରି ଟିକସ ଫାଙ୍କୁଥିବା ସନ୍ଦେହରେ ଜିଏସଟି ଇଣ୍ଟେଲିଜେନ୍ସର ରାଡାରରେ ଥିଲେ। ଗୁପ୍ତ ସୂଚନାକୁ ଆଧାର କରି ମଙ୍ଗଳବାର ପ୍ରାୟ ୧୨ଟାରୁ ଅଚାନକ ଚଢ଼ଉ ଆରମ୍ଭ ହୋଇ ଦୀର୍ଘ ସମୟ ଧରି ତଦନ୍ତ ଜାରି ରହିଛି। ମାର୍ବଲ ବ୍ୟବସାୟ ସହିତ ରିଅଲଷ୍ଟେଟ ବ୍ୟବସାୟରେ ସକ୍ରିୟ ଥିବା ସୁନୀଲ ଅଗ୍ରୱାଲଙ୍କ କାର୍ଯ୍ୟାଳୟରୁ ହିସାବ କିତାବ, ବିଲ୍ ବହି, ଟ୍ୟାକ୍ସ ରିଟର୍ନ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଉଛି। ତଦନ୍ତ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ସୂଚନା ମିଳିଛି। ମାର୍ବଲ ଓ ରିଅଲଷ୍ଟେଟ ବ୍ୟବସାୟରେ କେତେ ପରିମାଣର ଲେଣଦେଣ ହୋଇଥିଲା ଓ ସେହି ଆୟ ଉପରେ କେତେ ଟିକସ ଦିଆଯାଇଛି, ତାହାକୁ ନେଇ ଟିମ ତଦନ୍ତ କରୁଥିବା ସୂଚନା ମିଳିଛି। ଜିଏସ୍‌ଟି କର୍ତ୍ତୃପକ୍ଷଙ୍କ ତରଫରୁ ଏପର୍ଯ୍ୟନ୍ତ ଅଧିକାରୀ ମାନେ କିଛି ଖୁଲାସା କରାଯାଇ ନ ଥିବାବେଳେ, ଚଢ଼ଉ ସରିବା ପରେ ଖୁଲାସା ହେଇପାରେ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଛେଣ୍ଡିପଦା,୧୩ ।୧(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୨ ହଜାର ୫୦୦ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନମୋହନ ପ୍ରଧାନ, ଛେଣ୍ଡିପଦା ତହସିଲଦାର ମାନସ ରଞ୍ଜନ ରାୟ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଅମ୍ବର ଲୁଗୁନ୍, ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।




# ଅର୍କିଲ ପଞ୍ଚାୟତ ବିଜେଡିର ବନ୍ଧୁମିଳନ



ପବିତ୍ରନଗର,୧୩ ।୧(ସମିସ): କଣିହାଁ ବ୍ଲକ୍ ଅଧୀନ ଅର୍କୀଲ ପଞ୍ଚାୟତ ବିଜୁ ଜନତା ତରଫରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସଭାପତି ଶିବରାମ ବେହେରା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପାଲଲହଡା ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ୍ ବିଜେଡି ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ପର୍ଶୁରାମ ବିଶ୍ୱାଳ, ନିର୍ବାଚନ ମଣ୍ଡଳୀ ଯୁବ ନେତା ସୁବାସ ମହାନ୍ତି, ଦେବରାଜ ପ୍ରଧାନ, ପରାବିଲ ସଭାପତି ବିରଞ୍ଚି ନାରାୟଣ ସାହୁ, ଦଳକ ସଭାପତି ଜୟନ୍ତ ପ୍ରଧାନ ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ କିପରି ୱାର୍ଡସ୍ତରରୁ ପଞ୍ଚାୟତ ପର୍ଯ୍ୟନ୍ତ ସଂଗଠନ ମଜଭୁତ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ଉପ ସଭାପତି ଭାବେ ପତିତପାବନ ସାହୁ, ସାଧାରଣ ସମ୍ପାଦକ ଭାବେ ରତ୍ନାକର ସାହୁଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଗଲା। ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ସେଠୀ, ଦୁଃଖ ବନ୍ଧୁ ସାହୁ, ପୂର୍ବତନ ପଞ୍ଚାୟତ ସଭାପତି ରାମଚନ୍ଦ୍ର ପ୍ରଧାନ, ବେଣୁଧର ବିଶ୍ୱାଳ, ପ୍ରସନ ପ୍ରଧାନ, ବେଦବ୍ରତ ପ୍ରଧାନ, ସଞ୍ଜୟ କୁମାର ଉଦବାର ପ୍ରମୁଖ ସହଯୋଗ କରିଥିଲେ।

## ଦନ୍ତାର ମୃତଦେହ ଠାବ

କିଶୋରନଗର,୧୩ ।୧(ସମିସ): କିଶୋରନଗର ଥାନା ବାମୁର ବନାଞ୍ଚଳ ଅଧୀନସ୍ଥ କଦଳୀ ମୁଣ୍ଡା ପଞ୍ଚାୟତ ଅଧୀନ ସାଲେଇଗୋଠ-ଧଉରାଗୋଠ ଖେସରା ଜଙ୍ଗଲରେ ଏକ ଦନ୍ତାହାତୀ ର ମୃତଦେହ ଠାବ କରାଯାଇଛି। ୩ଦିନ ହେବ ଦନ୍ତାର ମୃତ୍ୟୁ ହୋଇଥିବା ବେଳେ ବନ ବିଭାଗର ଅଧିକାରୀମାନେ ଜାଣି ନ ପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରକ୍ତଦାନ ଶିବିର; ୭୫ ୟୁନିଟ୍ ସଂଗ୍ରହ



ତାଳଚେର,୧୩ ।୧(ସମିସ): ତାଳଚେର ଥର୍ମାଲ ଏନ୍‌ଟିପିସି ଡିଏଭି ପବ୍ଲିକ ସ୍କୁଲଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ.ସମୀର କୁମାର କାନୁନଗୋଙ୍କ ନେତୃତ୍ୱରେ ୭୫ ଜଣ ରକ୍ତଦାନ କରିଥିଲେ। ଶିବିରକୁ ତାଳଚେର ଥର୍ମାଲ ଏନଟିପିସି ଜିଏମ ପ୍ରୋଜେକ୍ଟ ପ୍ରବୀର କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ରୋହିତ କୁମାର ଓ ଡ଼. ଶଶୀଭୂଷଣ ମିଶ୍ର, ସାଗରିକା ମହିଳା ମଣ୍ଡଳର ଅଧ୍ୟକ୍ଷା ଭିଭା ଅଗ୍ରୱାଲ, ସମ୍ପାଦିକା ଶର୍ମିଷ୍ଠା ସାହୁ, ଡା. ଭାରତୀ ସିଂହ, ସଂଗୀତା ପଟ୍ଟନାୟକ ଉପସ୍ଥିତ ଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ



ବଆଁରପାଳ,୧୩ ।୧(ସମିସ): ବଆଁରପାଳ ମୌଜାସ୍ଥ ମଣ୍ଡପ ସାହି କୋଠଘର ଭଗବତ ମନ୍ଦିର ପ୍ରାଙ୍ଗଣରେ ନାମଯଜ୍ଞ ଅଷ୍ଟପ୍ରହର ଅନୁଷ୍ଠିତ ହୋଇଛି। ଶନିବାର ଭୋର ସମୟରେ ନାମଯଜ୍ଞ ହୋଇଥିବାବେଳେ ରବିବାର ନଗର କୀର୍ତ୍ତନ ଓ ପୂର୍ଣ୍ଣାହୂତି ହୋଇଥିଲା। ଏହି ଅବସରରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭଗବତ ପ୍ରେମୀ ଯୋଗ ଦେଇଥିଲେ। ଯଜ୍ଞକମିଟି ସଭାପତି ହରିହର ପରିଡ଼ା, ଉପ ସଭାପତି ସତ୍ୟାନନ୍ଦ ସେନାପତି, ସମ୍ପାଦକ ଦୁଷ୍ମନ୍ତ ରାଉତ, ସହ ସମ୍ପାଦକ ତ୍ରିଲୋଚନ ଭୂତିଆ, ସଂଯୋଜକ ଦୁଃଖବନ୍ଧୁ ପରିଡ଼ା ଓ କୃପାସିନ୍ଧୁ ପରିଡ଼ା ସହଯୋଗ କରିଥିଲେ।

## ଜୟନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ଗୋପାଳପ୍ରସାଦ ଚାମ୍ପିଅନ

କଣିହାଁ,୧୩ ।୧(ସମିସ): କଣିହାଁ ବ୍ଲକ୍ ବଜ୍ରକୋଟ ଗ୍ରାମ ଖେଳପଡ଼ିଆଠାରେ ସମ୍ରାଟ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଗୋପାଳପ୍ରସାଦ ଓ ନରହରିପୁର ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚରେ ଗୋପାଳପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ୧୧୨ ରନ୍ କରିଥିଲା। ଯବାବରେ ନରହରିପୁର ୭ ଉଇକେଟ ବିନିମୟରେ ୯୫ ରନ କରି ପରାଜିତ ହୋଇଥିଲା। ଗୋପାଳପ୍ରସାଦ ଦଳ ଚାମ୍ପିଅନ ହେଇଥିଲା। ଗୋପାଳପ୍ରସାଦର ସିପୁନ ପଟିଆର ମ୍ୟାନ ଅଫ ଦି ମ୍ୟାଚ ଓ ଅନନ୍ତ ପଟ୍ଟନାୟକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସୁବ୍ରତ ସେଠୀ ଓ ସୁରିନ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଁ. ଅବନିକାନ୍ତ ସାହୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ରଶ୍ମୀତା ବେହେରା, କୈଳାସ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରଦୀପ ସାହୁ, ସମିତିସଭ୍ୟ ସିମାଚଳ ପଣ୍ଡା, ଗ୍ରାମ୍ୟକମିଟି ସଭାପତି ଅକ୍ଷୟ ବିଶି, ଗୁରୁଚରଣ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁବ୍ରତ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ରାଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ଷ୍ଟେଟ୍ ବ୍ୟାଙ୍କରୁ ଟଙ୍କା ହଡ଼ପ

ଅନୁଗୋଳ,୧୩ ।୧(ସମିସ): ଖମାର ଥାନା ପାଉଁଶିଆ ଗ୍ରାମର ସତ୍ୟଜିତ ମହାନ୍ତିଙ୍କ ଷ୍ଟେଟବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୫ ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ସେ ଖମାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଆକାଉଣ୍ଟରୁ ପ୍ରଥମେ ୫୦ ହଜାର ପରେ ୫୫ ହଜାର ଟଙ୍କା ହଡ଼ପ ହୋଇଥିଲା। ଦୁଇଥର ଦୁଇଟି ଅଲଗା ଅଲଗା ଆକାଉଣ୍ଟକୁ ଟଙ୍କା ଯାଇଛି। ପ୍ରଥମେ ଟଙ୍କା କଟିବା ନେଇ ମେସେଜ ମିଳିବା ପରେ ଫୋନ୍ ଆପେ ଆପେ ହ୍ୟାଙ୍ଗ ହୋଇଯାଇଥିଲା। ସମସ୍ତ ଘଟଣା ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ। ପୁଲିସ ଅଭିଯୋଗ ପାଇବାପରେ ତଦନ୍ତ ଜାରି ରଖିଛି।






























## ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ରାଜନଗର, ୧୩।୧(ସମିସ): ସଦର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ ଓ ରାଜନଗର ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତିର ନିର୍ଦ୍ଦେଶକ ରବିନାରାୟଣ ଲେଙ୍କା, ଅକ୍ଷୟ ନାୟକ, ଗଣେଶ୍ୱର ସାହୁ, ଚିତ୍ତରଞ୍ଜନ ଦାସ, ଦାମୋଦର ସାମଲ, ଖଗେଶ୍ୱର ସେଠୀ, ମାଳତୀ ସ୍ୱାଇଁ, ରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ।

## ୨୬୮ ବୋତଲ ମଦ ଜବତ, ଜଣେ ଗିରଫ

ରାଜନଗର, ୧୩।୧(ସମିସ): ରାଜନଗର ଥାନା ଅନ୍ତର୍ଗତ ଜୁଣୁପାଙ୍ଗରା ଛକରେ ଭରତ ଜେନା ଓ ପୁଅ ବାବୁନି ଜେନା ପାନ, ଥଣ୍ଡା ଓ ଷ୍ଟେସନାରୀ ଦୋକାନ ରହିଛି। ସେଠାରେ ଚୋରା ମଦ ବ୍ୟବସାୟ କରନ୍ତି। ଗତକାଲି ସନ୍ଧ୍ୟାରେ ରାଜନଗର ଥାନାର ଏଏସଆଇ ଶିଶିର ସାହୁ ସଦଳବଳେ ଭରତ ଜେନାଙ୍କ ଦୋକାନରେ ଚଢ଼ଉ କରିଥିଲେ। ମଦ ବିକୁଥିବା ଓ ଷ୍ଟକ ରଖିଥିବା ଭରତ ଜେନା ଓ ତାଙ୍କ ପୁଅ ବାବୁନି ଜେନାଙ୍କୁ ପୁଲିସ କାବୁ କରିବା ସହିତ ଦୋକାନରୁ ୨୬୮ ବୋତଲ ମଦ ବିଦେଶୀ ମଦ ଜବତ କରିଥିଲା। ଉଭୟ ବାପ, ପୁଅଙ୍କ ସହିତ ମଦ ଥାନାକୁ ଆଣିଥିଲେ। ତେବେ ରାତି ୧୧ଟା ବେଳେ ଭରତ ଜେନଙ୍କୁ ଥାନାରେ ରଖି ତାଙ୍କ ପୁଅ ବାବୁନିଙ୍କୁ ପୁଲିସ ଛାଡି ଦେଇଛି। ବଡ଼ଧରଣର ଡିଲ୍ କରି ଅଭିଯୁକ୍ତକୁ ପୁଲିସ ଛାଡ଼ିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଇଆଇସି ନରେଶ ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

### ମାଲିପୁର-ବଳଭଦ୍ରପୁର ମୁଖ୍ୟମନ୍ତ୍ରୀ ସଡ଼କ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ

# ରାସ୍ତାର ମ୍ୟାପ ଦେଖାଇପାରିଲେନି ବିଭାଗୀୟ ଅଧିକାରୀ

ପଟ୍ଟାମୁଣ୍ଡାଇ,୧୩।୧(ସମିସ): ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଟ୍ରିପ ଯୋଜନାରେ ମାଲିପୁରଠାରୁ ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଛତ୍ରଧରିପାଟଣା ଦେଇ ବଳଭଦ୍ରପୁର ପର୍ଯ୍ୟନ୍ତ ରାସ୍ତା ତିଆରି ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ୬ କିଲୋମିଟର, ଏକଶହ ମିଟର ରାସ୍ତା ପାଇଁ ୬ କୋଟି ୧୮ ଲକ୍ଷ ଟଙ୍କାର ବ୍ୟୟବରାଦ ରଖି ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡର ପରେ ୫ କୋଟି ୪୦ ଲକ୍ଷ ୬୧ ହଜାର ଏକଶହ ପଞ୍ଚାବନ ଟଙ୍କା ବ୍ୟୟ ଅଟକଳରେ ଠିକାଦାର ବିଜୟ ମହାନ୍ତି ସରକାର ୨୦୨୪ ମାର୍ଚ୍ଚ ୧୫ ତାରିଖରେ ଚୁକ୍ତି କରିଥିଲେ। ଏଷ୍ଟିମେଟ ହିସାବରେ ରାସ୍ତା କାର୍ଯ୍ୟ ମାଲିପୁର ଛକରେ ଥିବା ପୂର୍ତ୍ତ ବିଭାଗ ରୋଡ଼ ପାଖରୁ ଆରମ୍ଭ ହୋଇ ବିଭିନ୍ନ ଭାୟା ଗ୍ରାମ ଦେଇ ଯାଇ ବଳଭଦ୍ର ପୁରରେ ସମାପ୍ତ ହେବା କଥା। ଚାରୋଟି ପଞ୍ଚାୟତକୁ ସଂଯୋଗ କରୁଥିବା ଏକମାତ୍ର ପ୍ରବେଶ ପଥ ମାଲିପୁରଠାରୁ ବାଲିପାଟଣା ପର୍ଯ୍ୟନ୍ତ ରାସ୍ତାରେ ଏଷ୍ଟିମେଟ ଅନୁଯାୟୀ କୌଣସି ରାସ୍ତା କାର୍ଯ୍ୟ ଠିକାଦାର ନିର୍ମାଣ କରି ନ ଥିଲେ। ସ୍ଥାନୀୟ ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ମାଲିପୁର ପୂର୍ତ୍ତ ବିଭାଗ ରୋଡ ନିକଟରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏଷ୍ଟିମେଟ୍‌ରେ ସ୍ୱଷ୍ଟ ଲେଖାଥିଲେ ବି ମାଲିପୁର ନିକଟରେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ କୌଣସି ସୂଚନା ଫଳକ ନ ଲଗାଇ ଠିକାଦାର ଅନ୍ୟ ଗ୍ରାମରେ କାର୍ଯ୍ୟ ଆରମ୍ଭ କରିଥିଲେ। ଯଦ୍ୱାରା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ

**ପ୍ରକଳ୍ପ କାଗଜପତ୍ର ଅଭାବରୁ ଅଧା ମାପରୁ ଫେରିଗଲେ ଭିଜିଲାନ୍ସ ଟିମ**

ମଧୁଚନ୍ଦ୍ରିକାର ଶିକାର ହୋଇଥିଲା ମାଲିପୁରଠାରୁ ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା। ମାତ୍ର ଅଳ୍ପ କେତେ ମିଟର କାମ କରି ବିଭାଗୀୟ ଅଧିକାରୀଙ୍କ ସହାୟତାରେ ମାତ୍ର କିଛି ଦିନ ପୂର୍ବରୁ ଅନ୍ୟ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ରାସ୍ତାକୁ ନିଜେ କରିଥିବା ମ୍ୟାପ୍‌ରେ ଦର୍ଶାଇ ଠିକାଦାର କୋଟି କୋଟି ଟଙ୍କା ହଡ଼ପ କରି ନେବାକୁ ମସୁଧା କରିଥିଲେ। କିନ୍ତୁ ସ୍ଥାନୀୟ ବାସିନ୍ଦା ସୁରାକ ପାଇ ରାସ୍ତା କାର୍ଯ୍ୟରେ ହୋଇଥିବା ଚରମ ଦୁର୍ନୀତି ବିଷୟରେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ସଂପୃକ୍ତ ଘଟଣାର କୈଫିୟତ ମାଗିଥିଲେ। ପ୍ରତ୍ୟୁତ୍ତରରେ ଛଅ ଜଣ ବିଭାଗୀୟ ଅଧିକାରୀ ଆଦୌ କ୍ଷେତ୍ର ପରିଦର୍ଶନ ନକରି ରାସ୍ତା ସମ୍ପର୍କିତ ବିଭିନ୍ନ ଭୁଲ ତଥ୍ୟ ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୁନର୍ବାର ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ଡରରେ ବିଭାଗୀୟ ଅଧିକାରୀ ବାରମ୍ବାର ମ୍ୟପ ଓ ରାସ୍ତା ସମ୍ପର୍କିତ ତଥ୍ୟ ବଦଳାଇ ତଥ୍ୟ ପ୍ରଦାନ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଭିଜିଲାନ୍ସକୁ ସୂଚନା ଦେବା ପରେ ଗତକାଲି ସକାଳୁ ଭିଜିଲାନ୍ସ ଟିମ୍ କ୍ଷେତ୍ର ପରିଦର୍ଶନ କରି ତନାଘନା ଆରମ୍ଭ କରିଥିଲା। ମ୍ୟାପରେ ସୂଚିତ ଥିବା ରାସ୍ତାକୁ ଭିଜିଲାନ୍ସ ଦ୍ୱାରା ମାପ କରାଯାଇଥିଲା। ଆଜି ଠିକାଦାର ନିଜେ ଉପସ୍ଥିତ ରହି ଭିଜିଲାନ୍ସ ଟିମ୍‌କୁ ମ୍ୟାପରେ ନ ଥିବା ଓ ଅନ୍ୟ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ରାସ୍ତାକୁ ମାପିବାକୁ ପ୍ରବର୍ତ୍ତାଇ ଥିଲେ। ଯେଉଁ ରାସ୍ତା ମାପୁଛନ୍ତି ସେହି ରାସ୍ତା ମ୍ୟାପରେ କେଉଁଠି ଦର୍ଶାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିବାରୁ ରାସ୍ତା କାମ ତଦାରଖ ଦାୟିତ୍ୱରେ ଥିବା ତତ୍କାଳୀନ ବିଭାଗୀୟ ଅଧିକାରୀ ତଥା ଏସଡିଓ ସୁବାସ ସାହୁ ରାସ୍ତାର କୌଣସି ମ୍ୟାପ ଦେଖାଇ ପାରି ନ ଥିଲେ। ମ୍ୟାପ ନ ଆଣି ରାସ୍ତା କେମିତି ମପାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଥିଲେ। ଭିଜିଲାନ୍ସ ଟିମ ବିଭାଗୀୟ ଅଧିକାରୀଙ୍କୁ ମ୍ୟାପ ଦେଖାଇବାକୁ କହିବାରୁ ବିଭାଗୀୟ ଅଧିକାରୀ ରାସ୍ତାର କୌଣସି ମୂଳ ପ୍ରକଳ୍ପ ମ୍ୟାପ କିମ୍ବା ଡେଭିଏସନ ମ୍ୟାପ ଦେଖାଇ ନ ପାରିବାରୁ ଭିଜିଲାନ୍ସ ଟିମ ଅଧାରୁ ମାପ ବନ୍ଦ କରି ଫେରିଯାଇଥିଲେ। ଭିଜିଲାନ୍ସ ତଦନ୍ତକୁ ଦିଗହରା କରିବାକୁ ଭୁଲ ତଥ୍ୟ ଦେବାକୁ ଯୋଜନା କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଣୁ ଭିଜିଲାନ୍ସ ତଦନ୍ତ ବେଳେ ଅଭିଯୋଗକାରୀ ସ୍ଥାନୀୟ ବାସିନ୍ଦାଙ୍କୁ ସାଥିରେ ନେଇ ପ୍ରକଳ୍ପର ମୂଳ କାଗଜ ପତ୍ର ଓ ମ୍ୟାପ ଅନୁସାରେ ତଦନ୍ତ କରିବାକୁ ବଳଭଦ୍ରପୁର ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଡାମରପୁର ପୂର୍ବତନ ସମିତି ସଭ୍ୟ ସର୍ବେଶ୍ୱର ସେଠୀ, ଦିବାକର ବେହେରା, ରମାକାନ୍ତ ଦାସ, ଆଶିଷ ମଳିକ, ଅର୍ଜୁନ ସାହୁ, ଶଶିକାନ୍ତ କୁଣ୍ଡ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

## ଅଳଭା ବେଆଇନ ବାଲିଘାଟ ବିରୋଧରେ କଂଗ୍ରେସର ବିକ୍ଷୋଭ

ପଟ୍ଟାମୁଣ୍ଡାଇ,୧୩।୧(ସମିସ): ବିନା ଅନୁମତିରେ ଗ୍ରୀନ ଟ୍ରିବୁନାଲ ଅଞ୍ଚଳରୁ ବେଆଇନ ଭାବେ ବାଲି ଉଠାଣ ଘଟଣାକୁ ସ୍ଥାନୀୟ ଅଧିବାସୀ କଡ଼ା ବିରୋଧ କରିଛନ୍ତି। ଅଳଭା ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉଠାଣ ଫଳରେ ନଦୀ କୂଳ ଓ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ସ୍ଥାନୀୟ ଅଧିବାସୀ ଗତ ୫ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ବେଆଇନ ବାଲିଘାଟ ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଆଜି ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଅଳଭା ଘାଟରୁ ବେଆଇନ ବାଲି ଉଠାଣ ବିରୋଧରେ ଶୋଭାଯାତ୍ରା କରାଯାଇଥିଲା। ପ୍ରାକ୍ତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନା, ପଟ୍ଟାମୁଣ୍ଡାଇ ନଗର ଛାତ୍ର କଂଗ୍ରେସ ପ୍ରାକ୍ତନ ସଭାପତି ଦେବେଶ ରାଜ, ଯୁବ କଂଗ୍ରେସ ନେତା ସନତ ମଲିକ, ଉମେଶ ପାଢ଼ୀ, ବିଶାଳ ଭୂୟାଁ, ସରୋଜ ରାଉତରାୟଙ୍କ ନେତୃତ୍ୱରେ କଂଗ୍ରେସ ଯୁବ ଛାତ୍ର ଓ ମହିଳା ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତହସିଲଦାର, ଏସଡିପିଓ, ଆଦର୍ଶ ଥାନା ଅଧିକାରୀ ପ୍ରମୁଖ ବେଆଇନ ଘାଟକୁ ସିଲ କରିଥିଲେ।




## ଏସିଡ୍ ମାଡ଼ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,୧୩।୧(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଛରା ଗ୍ରାମରେ ଗତକାଲି ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡ ମାଡ଼ ଯୋଗୁଁ ମାଆପୁଅ ଗୁରୁତର ଆହତ ହୋଇ ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ପରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପଟ୍ଟାମୁଣ୍ଡାଇରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଆଜି କୋର୍ଟ ଚାଲାଣ କରିଛି। ବାଛରା ଗ୍ରାମର ରବିନ୍ଦ୍ର ସାହୁଙ୍କ ତାଙ୍କ ପଡୋଶୀ ବିଜୟ ସାହୁଙ୍କ ସହିତ ପୂର୍ବରୁ ଶତ୍ରୁତା ଥିଲା। ଗତକାଲି ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ ସମୟରେ ରବୀନ୍ଦ୍ର ତାଙ୍କର ନିର୍ମାଣଧୀନ କୋଠା ଘର ସମ୍ମୁଖରୁ ବାଲି ଗୋଟାଉଥିବା ସମୟରେ ଅଭିଯୁକ୍ତ ବିଜୟ ସାହୁ ଓରଫ ବୁଲୁ ଏସିଡ ବୋତଲରୁ ରବୀନ୍ଦ୍ରଙ୍କ ଉପରେ ଏସିଡ ଢାଳି ଦେଇଥିଲା। ଏହା ଦେଖି ରବୀନ୍ଦ୍ରଙ୍କ ନିକଟରେ ଥିବା ତାଙ୍କ ମାଆ ଟୁକୁନି ସାହୁ (୫୨) ପାଟି କରିବାରୁ ଅଭିଯୁକ୍ତ ବିଜୟ ତାଙ୍କ ଉପରେ ଏସିଡ ଢାଳି ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ



ମହାକାଳପଡ଼ା, ୧୩।୧ (ସମିସ): ଜଣେ ଯୁବକଙ୍କୁ ସ୍ୱାମୀ, ସ୍ତ୍ରୀ ଓ ପୁଅ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ଘଟଣାରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ବିଲିପଦା ଗ୍ରାମର ନାରାୟଣୀ ରାଇସ୍ ମିଲ୍ କାନ୍ଥର ପ୍ଲାଷ୍ଟର କାମ ଚାଲିଥିବା ସମୟରେ ସେଠାରେ ସୁପରଭାଇଜର ଭାବେ ଅଳାଇଲୋ ଗ୍ରାମର ସୁଶାନ୍ତ ନାୟକ କାର୍ଯ୍ୟ ତଦାରଖ କରୁଥିଲେ। କାମକୁ ନେଇ ସୁଶାନ୍ତଙ୍କ ସହିତ ବିଲିପଦା ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ମଧ୍ୟରେ ପ୍ରବଳ ବାକ୍-ବିନିମୟ ହୋଇଥିଲା। ଖବର ସୁଶାନ୍ତଙ୍କ ଭାଇ ପ୍ରଶାନ୍ତ ନାୟକ ପହଞ୍ଚି ବିବାଦକୁ ଶାନ୍ତ କରିଥିଲେ। ପରେ ସକାଳ ପ୍ରାୟ ୧୦ ଘଟିକା ସମୟରେ ସୁଶାନ୍ତ ନାୟକ ଓ ପ୍ରଶାନ୍ତ ନାୟକ ବିଲିପଦା ଦେଇ ସେମାନଙ୍କ ଗାଁ ଅଳାଇଲୋକୁ ଫେରୁଥିବାବେଳେ ପୂର୍ବରୁ ଉପସ୍ଥିତ ଥିବା ରବୀନ୍ଦ୍ର ପଣ୍ଡା, ଆଦିତ୍ୟ ପଣ୍ଡା, ସଚିନ ପଣ୍ଡା ଓ ବିଶ୍ୱରାଣୀ ପଣ୍ଡା ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ପ୍ରଶାନ୍ତ ନାୟକ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ସମୟରେ ଆଦିତ୍ୟ ପଣ୍ଡା ତାଙ୍କ ଡାହାଣ ହାତରେ ଲାଠିରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ପହଞ୍ଚିବା ପରେ ଅଭିଯୁକ୍ତ ପଳାଇ ଯାଇଥିଲେ। ଏଥିରେ ସୁଶାନ୍ତ ଗୁରୁତର ଆହତ ହୋଇଥିଲେ।

## ସମାଜସେବୀ ପ୍ରଦୀପ ରାଉତଙ୍କ ଦେହାନ୍ତ

ପଞ୍ଚୁପାଣ୍ଡବ,୧୩।୧(ସମିସ): କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମର ସମାଜସେବୀ ପ୍ରଦୀପ ରାଉତ (୫୮) ଙ୍କ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ରାଉତଙ୍କ ହଠାତ୍ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଭୁବନେଶ୍ୱର ନେଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁଅ ମୁଖାଗ୍ନି ଦେଇଥିଲେ।



## ଚୋରାମଦ ସହ ଗଞ୍ଜେଇ ଜବତ;୧୧ ଗିରଫ

କେନ୍ଦ୍ରାପଡ଼ା,୧୩।୧(ସମିସ): ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଚଢ଼ଉରେ ବିପୁଳ ପରିମାଣର ଚୋରାମଦ ସହ ଗଞ୍ଜେଇ ଜବତ ହୋଇଛି। ଏହି ଅଭିଯାନରେ ୧୧ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ଆଳି, ପାଟକୁରା, ମାର୍ଶାଘାଇ ଓ ରାଜନଗର ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ମାଳପଟଣାର ଅକ୍ଷୟ ଲେଙ୍କାଙ୍କଠାରୁ ୧ କିଗ୍ରା ଗଞ୍ଜେଇ, ଅଠରବାଟିଆର ଜିତେନ୍ଦ୍ର ସେଠୀଙ୍କଠାରୁ ୨୭ ଲିଟର ବିଦେଶୀ ମଦ, ଲୋକନାଥର ବଳରାମ ମଲିକଙ୍କଠାରୁ ୨୩ ଲିଟର ଦେଶୀ ମଦ, ବଡ଼ପଡାର ଚନ୍ଦନ ମଲିକଙ୍କଠାରୁ ୧୫ ଲିଟର ବିଦେଶୀ ମଦ, ବାରତୁଙ୍ଗାର ଅମୂଲ୍ୟ ସ୍ୱାଇଁଙ୍କଠାରୁ ୧୪ ଶହ ଲିଟର ଦେଶୀ ରନ୍ଧା ମଦ, ତିଖିରୀର କମଳା ବେହେରାଙ୍କଠାରୁ ୧୮ ଲିଟର, ପାଟଳିପଙ୍କର କୈଳାସ ବେହେରାଙ୍କଠାରୁ ୧୭ ଲିଟର ଦେଶୀ ମଦ ଜବତ କରାଯାଇଛି।

## ଚିତ୍ତରଞ୍ଜନଙ୍କୁ ୟୁଥ୍ କନକ୍ଲେଭ ସମ୍ମାନ

ମହାକାଳପଡ଼ା,୧୩।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବନେତା, ଯୁବକଙ୍କ ପ୍ରେରଣାର ଉତ୍ସ ଯୁବ ଆଇନଜୀବୀ ତଥା ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କୁ ୟୁଥ୍ କନକ୍ଲେଭ ସମ୍ମାନରେ ସମ୍ମାନିତ କରାଯାଇଛି। ଯୁବଶକ୍ତିଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଚିତ୍ତରଞ୍ଜନ ନିରନ୍ତର ପ୍ରୟାସ କରି ଆସୁଛନ୍ତି। କେବଳ ସେତିକି ନୁହେଁ ଅଞ୍ଚଳରେ ଯୁବକଙ୍କୁ ଏକତ୍ରିତ କରାଇ ଜନମଙ୍ଗଳ କାର୍ଯ୍ୟ ରକ୍ତଦାନ ଶିବିର, ମେଡିକାଲ୍ ସହାୟତା ଆଦି କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ନିଃସ୍ୱାର୍ଥପର ସେବା ମନୋଭାବକୁ ସମ୍ମାନ ଜଣାଇ କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନରେ ତାଙ୍କୁ ସମ୍ମାନିତ କରାଯାଇଛି।



● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ମୁକ୍ତେଶ୍ୱର ଫାଇନାଲ୍‌କୁ ଉନ୍ନୀତ

ରାଜନଗର,୧୩।୧(ସମିସ): ବଡ଼ପଲ୍ଲୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୦ତମ ଚଞ୍ଚଳା ଟ୍ରଫିର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ଭଦ୍ରକର ୟୁନିକ୍ କ୍ରିକେଟ୍ ଆସୋସିଏସନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ଭଦ୍ରକ ୨୨.୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱରର ଗଣେଶ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସ୍ୱୟଂସିଦ୍ଧ ପକ୍ଷରୁ କମ୍ବଳ ବଣ୍ଟନ

ରାଜକନିକା,୧୩।୧(ସମିସ): ରାଜକନିକା ତେନ୍ତୁଳିକୋଳିର ଅଗ୍ରଣୀ ସାମାଜିକ ସଂଗଠନ ସ୍ୱୟଂସିଦ୍ଧ ପକ୍ଷରୁ ଆଜି ଅସହାୟ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କୋଇଲିପପୁର ପଞ୍ଚାୟତର ଗଜରାଜପୁର ଛକରେ ଆଜି ଅପରାହ୍ନରେ ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୀତର ସାଥି ଯୋଜନାରେ ଗଜରାଜପୁର, କୋଲ୍‌ହା, ପୋଖରୀସାହି, ଚାରିପୋଖରିଆ, ମଲ୍ଲିପୁର ଆଦି ଗାଁର ୩ ଶହ କମ୍ବଳ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ସଙ୍ଗୀତଜ୍ଞ ରବୀନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଜଗନ୍ନାଥ ରାଉତରାୟ, କିଶୋର ରାଉତ, ଦାମୋଦର ଧଳ ପ୍ରମୁଖ ଯୋଗଦେଇ ସ୍ୱୟଂସିଦ୍ଧର ଲୋକାଭିମୁଖୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସ୍ୱୟଂସିଦ୍ଧର ସଞ୍ଚାଳକ ଶରତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ଦୀପ୍ତିକାନ୍ତ ବାରିକ, ହେମନ୍ତ ନାୟକ, ରଜତ ନାୟକ, ଗୋଲେଖ ଚନ୍ଦ୍ର ଧଳ, ରଞ୍ଜୁବାଳା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'କେନ୍ଦ୍ରାପଡ଼ାର ବିକାଶ ହେଲେ ରାଜ୍ୟ ବିକାଶ ହେବ'

କେନ୍ଦ୍ରାପଡ଼ା,୧୩।୧(ସମିସ): ଜିଲ୍ଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ କେନ୍ଦ୍ରାପଡ଼ାର ସାମଗ୍ରିକ ବିକାଶ ନେଇ ନୂଆ ଆଶା ଓ ସଂକଳ୍ପର ସନ୍ଦେଶ ଦେଇଯାଇଛି। ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଜିଲ୍ଲାର ଶିଳ୍ପ ଓ ଅର୍ଥନୈତିକ ଉନ୍ନତି ନେଇ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। କେନ୍ଦ୍ରାପଡ଼ାର ବିକାଶ ହେଲେ ରାଜ୍ୟ ବିକାଶ ହେବ। ଜିଲ୍ଲାରେ ନୂଆ ଶିଳ୍ପ ପ୍ରତିଷ୍ଠା କରାଯିବା ସହ ପଟ୍ଟାମୁଣ୍ଡାଇରେ ଏମଏସଏମଇ ପାର୍କ ସ୍ଥାପନ କରିବାକୁ ସରକାର ଯୋଜନା କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ମନ୍ତ୍ରୀ ଜିଲ୍ଲା ପାଇଁ ଗୌରବ ଆଣିଥିବା ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର।
- ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ THE SAKALA

## ଧାତବ-ଯାତ୍ରା ଓ ଯୁଦ୍ଧଭୟ

ଗତ କିଛିମାସ ଧରି ସୁନା ସମେତ ରୁପା ଓ ତମ୍ବା ପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଧାତୁ ମୂଲ୍ୟ ମଧ୍ୟ ଅନୁମାନଠାରୁ ଅଧିକ ବେଗରେ ବଢ଼ିଚାଲିବା ଅର୍ଥନୀତି ଓ ଭୂରାଜନୀତି ପ୍ରତି ଏକ ଭିନ୍ନ ସଙ୍କେତ ଦେଇଛି। ସାମ୍ପ୍ରତିକ ଅସ୍ଥିର ପ୍ରତିଭୂତି ବଜାରରେ ସ୍ଥାୟୀ ଓ ନିଶ୍ଚିତ ପ୍ରତିଦାନ ବା ଲାଭାଂଶ (ରିଟର୍ଣ୍ଣ) ଏବଂ ତ୍ୱରିତ ବିନିମୟକ୍ଷମ(ଲିକ୍ୱିଡିଟି) କ୍ଷମତା ଯୋଗୁଁ ସୁନାରେ ଅଧିକରୁ ଅଧିକ ନିବେଶ ସହିତ ଚୀନ୍ ଓ ଭାରତୀୟଙ୍କ ଅଳଙ୍କାର ଚାହିଦା ଯୋଗୁଁ ପୀତଧାତୁର ମୂଲ୍ୟ ଆକାଶଛୁଆଁ ହେବା ସ୍ୱାଭାବିକ। ଏହାଛଡ଼ା ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ମହଜୁଦ ସ୍ତର ବଢୁଥିବାରୁ ଏହାର ମୂଲ୍ୟ ବଜାରରେ ପ୍ରତିଫଳିତ ହୋଇଛି। କିନ୍ତୁ ରୁପା ଓ ତମ୍ବା ମୂଲ୍ୟରେ ଯେଉଁ ଅସ୍ୱାଭାବିକ ଊର୍ଦ୍ଧ୍ୱଗତି ଦେଖାଦେଇଛି ତାହା ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି। ଏହି ମୂଲ୍ୟବୃଦ୍ଧି ପଛର କାରଣ ଖୋଜିବା ବେଳେ କେବଳ ଚାହିଦା ବ୍ୟତୀତ ଭୂରାଜନୀତି, କୂଟନୀତି, ପ୍ରତିରକ୍ଷା ଭଳି ଅନେକ କାରକ ସାମ୍ନାକୁ ଆସୁଛି। ଗତବର୍ଷକ ମଧ୍ୟରେ କେବଳ ଭାରତରେ ରୁପା ଦରରେ ୧୬୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ତମ୍ବା ମୂଲ୍ୟ ୩୫% ପର୍ଯ୍ୟନ୍ତ ବଢ଼ିଛି। ଏଥିରୁ ବିଶ୍ୱବଜାରର ସ୍ଥିତି ଅନ୍ବେବହୁତ ଅନୁମେୟ।

ପ୍ରଥମେ ରୁପା କଥା ଆଲୋଚନା କରିବା। ଅଳଙ୍କାର ଓ ସୌଖୀନ ସାମଗ୍ରୀ ବ୍ୟତୀତ ଏବେ ରୁପାର ସର୍ବାଧିକ ବ୍ୟବହୃତ କ୍ଷେତ୍ରଟି ହେଉଛି ସୌରଶକ୍ତି ଉତ୍ପାଦନକାରୀ ଉପକରଣ ଓ ବ୍ୟାଟେରି ନିର୍ମାଣ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ବିଶ୍ୱ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାରୁ ରୁପା ଚାହିଦା ବଢ଼ିଛି। କିନ୍ତୁ ଏହା ଦ୍ୱିତୀୟ କାରକ ଭାବେ ଗ୍ରହଣ କରାଯାଇପାରେ। ରୁପା ମୂଲ୍ୟ ବୃଦ୍ଧି ପଛର ଅସଲ ରହସ୍ୟମୟ କାରଣଟି ପୁଣି ଥରେ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ 'କ୍ରିଟିକାଲ୍ ମିନେରାଲ୍' ତାଲିକାରେ ରୁପାକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଅର୍ଥ ହେଲା ଆମେରିକା ରୁପାକୁ ସରକାରୀ ଆବଶ୍ୟକତା ଭାବରେ ଗ୍ରହଣ କରିବ ଏବଂ ଅଧିକରୁ ଅଧିକ ସଂଗ୍ରହକୁ ଅଗ୍ରାଧିକାର ଦେବ। ଏହି ନିର୍ଦ୍ଦେଶନାମା ଜରି ହେବା ପରେ ଗତବର୍ଷ ତୁଳନାରେ ଆମେରିକାରେ ସରକାରୀ ରୁପା ସଂଗ୍ରହ ହାର ୭୪% ବୃଦ୍ଧି ଘଟିଛି। ବିଶେଷକରି ଚୀନ୍ ବିରଳ ମୃତ୍ତିକା ରପ୍ତାନୀ ଉପରେ କଟକଣା ଜାରି କରିବା ପରେ ଆମେରିକା ରୁପା ସଂଗ୍ରହକୁ ତ୍ୱରାନ୍ୱିତ କରିଛି। ଏ କ୍ଷେତ୍ରରେ ଚୀନ୍ ଓ ଭାରତ ମଧ୍ୟ ପଛରେ ପଡ଼ିବାକୁ ଚାହିଁନାହାନ୍ତି। ଭାରତରେ ରୁପାରେ ନିବେଶ ବର୍ଷକ ଭିତରେ ୫, ୩୪୨ କୋଟି ଟଙ୍କା ବଢ଼ିଛି ଏବଂ ମ୍ୟୁଚୁଆଲ୍ ଫଣ୍ଡରେ କମିଛି। ଏବେ ଭାରତରେ ମୋଟ ନିବେଶ ପରିମାଣର ପାଖାପାଖି ୭୨% ସୁନା ଓ ରୁପାରେ ହୋଇଛି। ସେହିଭଳି ସାମ୍ପ୍ରତିକ ସେମିକଣ୍ଡକ୍ଟର ନିର୍ମାଣ ପ୍ରତିଯୋଗିତା ଆଗକୁ ଆହୁରି ତୀବ୍ର ହେବାକୁ ଯାଉଥିବାରୁ ରୁପା ଚାହିଦା ସହିତ ମୂଲ୍ୟ ଆହୁରି ବଢ଼ିବାର ଅନୁମାନ କରାଯାଉଛି।

ସୁନା ଓ ରୁପା ସହିତ ତାଳ ଦେଇ ତମ୍ବା ମଧ୍ୟ ଅଭୂତପୂର୍ବ ଊର୍ଦ୍ଧ୍ୱମୁଖୀ ଯାତ୍ରାରେ ସାମିଲ୍ ହେବା ଆଶ୍ଚର୍ଯ୍ୟଚକିତ କରିଛି ଏବଂ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ଟନ୍ ପିଛା ଐତିହାସିକ ୧୨ ହଜାର ଡଲାର ଅତିକ୍ରମ କରିଛି ଏବଂ ପୂର୍ବବର୍ଷ ତୁଳନାରେ ଏଥିରେ ୩୫% ବୃଦ୍ଧି ଘଟିଛି। ଏହି ପିଙ୍ଗଳ ଧାତୁର ହଠାତ୍ ମୂଲ୍ୟ ବୃଦ୍ଧି ଯେଭଳି ଅସ୍ୱାଭାବିକ, କାରଣ ମଧ୍ୟ ସେଭଳି ଚିନ୍ତାଉଦ୍ରେକକାରୀ। ତମ୍ବା ନିବେଶକମାନଙ୍କ ଉପରେ ହୋଇଥିବା ଏକ ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣରେ ତମ୍ବାର ବ୍ୟବହାର ସର୍ବାଧିକ ହେଉଥିବାରୁ ଏବଂ ଆଗକୁ ଯୁଦ୍ଧର ଘନଘଟା ଆହୁରି ବଢ଼ିବାକୁ ଥିବାରୁ ତମ୍ବାରେ ନିବେଶ ହିଁ ବୁଦ୍ଧିମାନର କାମ ବୋଲି ସେମାନେ ମତ ଦେଇଛନ୍ତି। ଏହାଛଡ଼ା ସାମ୍ପ୍ରତିକ କୃତ୍ରିମବୁଦ୍ଧିମତ୍ତା(ଏଆଇ) ଏବଂ ଅକ୍ଷୟଶକ୍ତି ପରିବହନରେ ତମ୍ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତମ୍ବାରେ ନିବେଶ ବଢ଼ିଛି। ଗୋଟିଏ ଡାଟା କେନ୍ଦ୍ର ହାରାହାରି ୫ ହଜାରରୁ ୧୫ ହଜାର ଟନ୍ ପର୍ଯ୍ୟନ୍ତ ତମ୍ବା ଆବଶ୍ୟକ କରେ। ସେହିପରି ପାରମ୍ପରିକ ଯାନ ତୁଳନାରେ ବୈଦ୍ୟୁତିକ ଯାନରେ ଦୁଇଗୁଣା ଅଧିକ ତମ୍ବା ବ୍ୟବହାର ହେଉଥିବାରୁ ବୈଦ୍ୟୁତିକ ଯାନର ଚାହିଦା ସହିତ ତାଳ ଦେଇ ତମ୍ବା ଚାହିଦା ଓ ମୂଲ୍ୟ ମଧ୍ୟ ବଢ଼ିଛି।

ଏତଦ୍‌ବ୍ୟତୀତ ଟ୍ରମ୍ପ ପ୍ରଶାସନ ଅର୍ଦ୍ଧନିର୍ମିତ ତମ୍ବା ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ଆମେରିକାରେ ହିଁ ତମ୍ବା ଆମଦାନୀ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି। ଆମେରିକାରେ ତମ୍ବାର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମହଜୁଦ ସ୍ତର ୮୦ ହଜାର ଟନ୍‌ରୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବୃଦ୍ଧି ପାଇବା ସହିତ ବିଶେଷଜ୍ଞମାନେ ଆଗାମୀ ଦିନରେ ଯୁଦ୍ଧଆଶଙ୍କାକୁ ତୁଳନା କରୁଛନ୍ତି। ଅପରପକ୍ଷରେ ଆମେରିକାର ଉଦ୍ୟମକୁ ପ୍ରତିହତ କରିବାକୁ ଚୀନ୍ ପ୍ରରୋଚନାରେ ଇଣ୍ଡୋନେସିଆ, ଚିଲି ଓ କଙ୍ଗୋ ଭଳି କେତେକ ତମ୍ବା-ଖଣିଜସମୃଦ୍ଧ ରାଷ୍ଟ୍ର ସେମାନଙ୍କ ଉତ୍ପାଦନରେ କାଣ୍ଟଛାଣ୍ଟ କରିଛନ୍ତି। ଏହାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଛି।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ଯୋଜନାବଦ୍ଧ ବାଣିଜ୍ୟ-ଅର୍ଥନୀତି ଆବଶ୍ୟକ ଥିବା ବେଳେ ଏକ ନୂଆ ଆହ୍ୱାନ ସୃଷ୍ଟି ହୋଇଛି। ବିଶ୍ୱ ଧାତବ ବଜାରରେ ଏବେ ଯେଉଁ ଊର୍ଦ୍ଧ୍ୱମୁଖୀ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରେ ଭାରତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଗତ ୧ ତାରିଖରୁ ୟୁରୋପୀୟ ସଂଘ ବିଶ୍ୱରେ ପ୍ରଥମ ଥର ପାଇଁ 'କାର୍ବନ୍ ଟ୍ୟାକ୍ସ' ଲାଗୁ କରିଥିବା ବେଳେ ଇଂଲଣ୍ଡ ଖୁବ୍‌ଶୀଘ୍ର ଏହାକୁ ଅନୁସରଣ କରିବାକୁ ଯାଉଛି। ଏହି ଟିକସ ଆଳରେ ପାଶ୍ଚାତ୍ୟ ବିଶ୍ୱ ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଧାତବ ଚାହିଦାର ଭରପୂର ଫାଇଦା ନେବାର ମସୁଧା କରିଛନ୍ତି। ଅପରପକ୍ଷରେ ଭାରତରେ ଧାତବ ଉତ୍ପାଦନ ପାଇଁ ଯେଉଁ ପଦ୍ଧତି ବ୍ୟବହାର ହୋଇଆସୁଛି ତାହା ଅପେକ୍ଷାକୃତ ଅଧିକ କାର୍ବନ ନିର୍ଗମନକାରୀ। ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ କାରବାରରେ ଇସ୍ପାତ୍ ଓ ଆଲୁମିନିୟମ୍ ସହିତ ତମ୍ବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହି ବିବାଦୀୟ ଟିକସ ଫଳରେ ଭାରତରୁ ରପ୍ତାନି ହେଉଥିବା ତମ୍ବା ବିଶ୍ୱ ବଜାରରେ ଅଧିକ ମହଙ୍ଗା ହେବ ନଚେତ୍ ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ଭାରତୀୟ ରପ୍ତାନୀକାରୀମାନେ ମୂଲ୍ୟ ହ୍ରାସ କରିବାକୁ ପଡ଼ିବ, ଯାହା ସମ୍ଭବ ନୁହେଁ। ଭାରତରେ ଏକପକ୍ଷରେ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ଚାଲିଥିବା ବେଳେ ଧାତବର ବିଦେଶୀ ଯାତ୍ରାରେ ଏହି କଟକଣା ଭାରତୀୟ ଅର୍ଥନୀତି ସହିତ ଭୂରାଜନୀତି ଓ କୂଟନୀତିକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସର୍ବୋପରି ଭାରତୀୟ ନିବେଶକମାନେ ଆଉ ଟଙ୍କା(ସେୟାର, ଡିବେନ୍‌ଚର) ଉପରେ ଯେ ଭରସା କରିପାରୁନାହାନ୍ତି, ତାହା ଧାତବ ଯାତ୍ରାରେ ପ୍ରତିଫଳିତ ହୋଇଛି। ●

# ଆର୍ଥିକ ଯୋଜନା ଓ ବିତ୍ତୀୟ ସମୃଦ୍ଧି

ଅନନ୍ତ ଚରଣ ସ୍ୱାଇଁ

ଆମ ଶିକ୍ଷା, ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତା ପଛର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଅର୍ଥ ଉପାର୍ଜନ ଓ ଆର୍ଥିକ ସ୍ୱାଧୀନତା। ଅର୍ଥ ବିନା ଜୀବନ ଦୁର୍ବିସହ ହୋଇପଡ଼େ। ଉପାର୍ଜିତ ଆୟର ଅପବ୍ୟବହାର, ଆୟ ବୃଦ୍ଧି କରିବାରେ ଅବହେଳା ବ୍ୟକ୍ତିକୁ ଆର୍ଥିକ ସଙ୍କଟ ଆଡ଼କୁ ନେଇଯାଏ। ଉପାର୍ଜିତ ଆୟ ମୁଖ୍ୟତଃ ଦୁଇପ୍ରକାର - ସକ୍ରିୟ ଆୟ ଓ ନିଷ୍କ୍ରିୟ ଆୟ। ଏହି ଦୁଇପ୍ରକାର ଆୟ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି - ଶ୍ରମ ଓ ସମୟ। ସକ୍ରିୟ ଆୟ ହେଉଛି ଯାହା ବ୍ୟକ୍ତି ନିଜ ଶ୍ରମ ଓ ସମୟ ବ୍ୟବହାର କରି ଅର୍ଜନ କରେ। ଏହି ଆୟ ପାଇଁ ବ୍ୟକ୍ତିକୁ ସକ୍ରିୟ ବା କ୍ରିୟାଶୀଳ ହେବା ସହ ସମୟ ଦେବାକୁ ପଡ଼ିଥାଏ। ଏଗୁଡ଼ିକ ହେଲା କର୍ମକ୍ଷେତ୍ରରୁ ଉପାର୍ଜନ କରୁଥିବା ଅର୍ଥ, ବ୍ୟବସାୟ କିମ୍ବା ସେବାରୁ ଆୟ, ଫ୍ରିଲାନ୍ସିଂ ଆୟ(ଲେଖା, ଡିଜାଇନ୍ କିମ୍ବା ପ୍ରୋଗ୍ରାମିଂ କାମରୁ ପ୍ରାପ୍ତ ଆୟ), କୃଷି ଆୟ ଇତ୍ୟାଦି। ନିଷ୍କ୍ରିୟ ଆୟ ହେଉଛି, ଯାହା ପାଇଁ ବ୍ୟକ୍ତିକୁ ସକ୍ରିୟ ଭାବରେ କାମ କରିବା ଆବଶ୍ୟକ ନଥାଏ। ଏହାପୂର୍ବରୁ କରାଯାଇଥିବା ବିନିଯୋଗ କିମ୍ବା କାର୍ଯ୍ୟର ଫଳାଫଳ। ନିଷ୍କ୍ରିୟ ଆୟର ଉଦାହରଣଗୁଡ଼ିକ ହେଉଛି - ଷ୍ଟକ, ବଣ୍ଡ, ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଘର ଭଡ଼ା, ଯନ୍ତ୍ରପାତି ଭଡ଼ା, ପ୍ୟାଟେଣ୍ଟ ରାଇଟ୍‌ରୁ ମିଳୁଥିବା ରୟାଲ୍‌ଟି, ରିଅଲ୍ ଇଷ୍ଟେଟ୍ ବିନିଯୋଗ ଆଦି। ପେନସନ୍‌ରୁ ମିଳୁଥିବା ଆୟ ଏକପ୍ରକାର ନିଷ୍କ୍ରିୟ ଆୟ।

୨୫ ବର୍ଷରୁ ୬୦ ବର୍ଷ ହେଉଛି ଅର୍ଥ ଉପାର୍ଜନ, ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଏହି ବୟସ ସୀମା ବାହାରେ ମଧ୍ୟ କିଛିଲୋକ ରୋଜଗାର କରିଥା'ନ୍ତି। କିନ୍ତୁ ସେହି ସଂଖ୍ୟା ଅତିନଗଣ୍ୟ। ୨୫ରୁ ୬୦ ବର୍ଷ ମଧ୍ୟରେ ହେଉଥିବା ଆୟର ସୁଚିନ୍ତିତ ଓ ସୁନିୟନ୍ତ୍ରିତ ପରିଚାଳନା, ସଞ୍ଚୟ ଓ ନିବେଶର ବିବିଧୀକରଣ, ସକ୍ରିୟ ଆୟରୁ ନିଷ୍କ୍ରିୟ ଆୟ ମିଳିବାର ବ୍ୟବସ୍ଥା, ଆର୍ଥିକ ସ୍ଥିରତା, ଆର୍ଥିକ ସ୍ୱାଧୀନତା ଓ ଆର୍ଥିକ ସୁରକ୍ଷା ପାଇଁ ଅପରିହାର୍ଯ୍ୟ।



ଉପାର୍ଜିତ ଅର୍ଥର ସଦୁପଯୋଗ ପାଇଁ ଉପଯୁକ୍ତ ଆର୍ଥିକ ଯୋଜନା ପ୍ରସ୍ତୁତି ଓ ପରିଚାଳନା ଭବିଷ୍ୟତକୁ ସଶକ୍ତ ଓ ସୁରକ୍ଷିତ କରିଥାଏ। ଆର୍ଥିକ ଯୋଜନା କେବଳ ଟଙ୍କା ସଞ୍ଚୟ କରିବାରେ ସୀମିତ ନୁହେଁ। ଏହା ଆୟ-ବ୍ୟୟର ସୁପରିଚାଳନା ସହ ସଞ୍ଚୟ, ବିନିଯୋଗ ଓ ଜୀବନର ବିଭିନ୍ନ ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଏକ ସୁକଳ୍ପିତ ଉପାୟ।

ଆର୍ଥିକ ଯୋଜନାର ଅନେକ ଦିଗ ରହିଛି। ଲକ୍ଷ୍ୟ ନିର୍ଦ୍ଧାରଣ, ଗୃହ ନିର୍ମାଣ, ପିଲାଙ୍କ ଶିକ୍ଷା, ବିବାହ, ବ୍ରତ ପରି ସାମାଜିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସେବା, ଭ୍ରମଣ, ଅବସରକାଳୀନ ଖର୍ଚ୍ଚ, ଗାଡ଼ି କିଣିବା ଆଦି। ବଜେଟ ହେଉଛି ଆୟ ଓ ବ୍ୟୟର ଆବଣ୍ଟନ ଓ ବିଶ୍ଳେଷଣ। ଏହାଦ୍ୱାରା ମାସିକ ଆୟ କେଉଁଠାରେ, କିଭଳି ଖର୍ଚ୍ଚ ହେଉଛି, ତାହା ବୁଝାପଡ଼େ। ବ୍ୟୟକୁ ନିୟନ୍ତ୍ରଣ କରି ଅନାବଶ୍ୟକ ଖର୍ଚ୍ଚକୁ କମାଇବା ଦ୍ୱାରା ଉପାର୍ଜିତ ଅର୍ଥର ସଦୁପଯୋଗ ସହ ଅଧିକ ସଂଚୟ ହୋଇଥାଏ। ଜୀବନରେ ଅପ୍ରତ୍ୟାଶିତ ଘଟଣା ଘଟିପାରେ। ଏପରି ସ୍ଥିତିରେ ଆର୍ଥିକ ସହାୟତା ପାଇଁ ଜରୁରିକାଳୀନ ଅର୍ଥ ପାଖରେ ଥିବା ଦରକାର। ସାଧାରଣତଃ, ୩ରୁ ୬ ମାସ ଖର୍ଚ୍ଚର ସମାନ ପରିମାଣ ଅର୍ଥ ସଂଚୟ, ସହଜରେ ଉପଲବ୍ଧ ହୋଇପାରୁଥିବା ସ୍ଥାନରେ ରଖିବା ଉଚିତ।

ବ୍ୟବସାୟିକ ଆୟ ବଢ଼ାଇବା କିମ୍ବା କୌଣସି ଏକ ଅପ୍ରତ୍ୟାଶିତ ସ୍ଥିତିର ମୁକାବିଲା ପାଇଁ ହୁଏତ ଋଣ କରିବା ଦରକାର ପଡ଼ିପାରେ। ଏକ୍ଷେତ୍ରରେ ଅଧିକ ସୁଧରେ ଆଣିଥିବା ଋଣର ପରିଶୋଧକୁ ପ୍ରାଥମିକତା ଦେବା ଉଚିତ। ସଂଚୟ କରିବା ସହିତ ବିନିଯୋଗ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିନିଯୋଗ ସମୟରେ ଆର୍ଥିକ ଲକ୍ଷ୍ୟ, ବିନିଯୋଗର ସମୟସୀମା, ଏଥିରୁ ମିଳୁଥିବା ଅମଳ ବା ରିଟର୍ଣ୍ଣ ଏବଂ ବିନିଯୋଗରେ ଥିବା ବିପଦ ବା ରିସ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ବିନିଯୋଗର ବିବିଧୀକରଣ ବିପଦ ବା ରିସ୍କକୁ କମ କରିଥାଏ।

ଏହାଛଡ଼ା ସେବା ନିବୃତ୍ତି ପରେ କିମ୍ବା ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ସଙ୍କଟ ନଆସେ ସେଥିପାଇଁ ପୂର୍ବରୁ ଯୋଜନା କରିବା ଜରୁରୀ। ଅର୍ଥ ଉପାର୍ଜନ କରିବା ସଙ୍ଗେ ସଙ୍ଗେ ବିଳମ୍ବ ନକରି ଯଥାସମ୍ଭବ ସଞ୍ଚୟ ଓ ନିବେଶ ଆରମ୍ଭ କଲେ ସକ୍ରିୟ ଆୟ ସରିଯିବା ପରେ ପୂର୍ବ ବିନିଯୋଗରୁ ନିରନ୍ତର ନିଷ୍କ୍ରିୟ ଆୟ ମିଳିଥାଏ। ସକ୍ରିୟ ଆୟର ନିଷ୍କ୍ରିୟତାକୁ ରୂପାନ୍ତରିତ ଫଳରେ ଆର୍ଥିକ ସ୍ଥିତିରେ ସୁଧାର ଆସେ। ଆର୍ଥିକ ସଙ୍କଟ ଦେଖାଦିଏ ନାହିଁ। ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଘର ବୀମା, ଇତ୍ୟାଦି ଅପ୍ରତ୍ୟାଶିତ ଘଟଣାରୁ ସୁରକ୍ଷା ପ୍ରଦାନ କରେ। ଜୀବନ ବୀମା ପରିବାରକୁ ଆର୍ଥିକ ସୁରକ୍ଷା ଦେବା ଓ ସ୍ୱାସ୍ଥ୍ୟ ବୀମା ଚିକିତ୍ସା ଖର୍ଚ୍ଚର ଭରଣା କରିବାରେ ସହାୟକ ହୋଇଥାଏ। ତେଣୁ ନିଜର ଆବଶ୍ୟକ ଅନୁଯାୟୀ ସଠିକ୍ ବୀମା ବାଛିବା ଜରୁରୀ।

ସଠିକ ଟିକସ ଯୋଜନା ଦ୍ୱାରା ମଧ୍ୟ କରଦେୟକୁ କମାଇବା ସହ ଅଧିକ ଟଙ୍କା ସଞ୍ଚୟ କରିବା ପାଇଁ ସହାୟକ ହୋଇଥାଏ। ଦେହାନ୍ତ ପରେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ଅନ୍ୟମାନଙ୍କ ଅଧିକାର ସମ୍ବନ୍ଧୀୟ ଏକ ସଂଗଠିତ ଯୋଜନା କରିବା ଆବଶ୍ୟକ। ଏହାକୁ ପାଥେୟ କରି ଉତ୍ତରାଧିକାରୀମାନଙ୍କୁ ପୂର୍ବନିର୍ଦ୍ଧାରିତ ଯୋଜନା ବା ନିଷ୍ପତ୍ତି ଅନୁଯାୟୀ ସମ୍ପତ୍ତି ବଣ୍ଟନ କରାଯାଏ। ଫଳରେ ଉତ୍ତରାଧିକାରୀଙ୍କ ମଧ୍ୟରେ କଳହ ଓ ଅସନ୍ତୋଷର ଆଶଙ୍କା କମ୍ ରହେ। ଆର୍ଥିକ ଯୋଜନା ଏକ ନିରନ୍ତର ପ୍ରକ୍ରିୟା। ପରିସ୍ଥିତିକୁ ନେଇ ଆର୍ଥିକ ଲକ୍ଷ୍ୟ, ଆୟ, ବ୍ୟୟ ଏବଂ ବିନିଯୋଗରେ ପରିବର୍ତ୍ତନ ହୋଇପାରେ। ତେଣୁ ନିୟମିତ ଭାବରେ ଆର୍ଥିକ ଯୋଜନାର ସମୀକ୍ଷା କରିବା ଆବଶ୍ୟକ।

ରୋଜଗାର ବେଳ ହେଉଛି ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଆୟ ଆରମ୍ଭର ପ୍ରଥମରୁ ଯଥାସମ୍ଭବ ସଞ୍ଚୟ ଆରମ୍ଭ କଲେ ଏହା ଏକ ଅଭ୍ୟାସରେ ପଡ଼ିଯାଏ। ବରିଷ୍ଠ ନାଗରିକ ହେବା ବେଳକୁ ଏହି ସଞ୍ଚିତ ଅର୍ଥ ଚକ୍ରବୃଦ୍ଧି ହାରରେ ଆଶାତୀତ ଭାବରେ ବୃଦ୍ଧି ପାଇଥାଏ। ରୋଜଗାରକ୍ଷମ ହେବାର କିଛିବର୍ଷ ପରେ କିମ୍ବା ଅବସର ସମୟ ପାଖେଇ ଆସିଲେ ବୃଦ୍ଧାବସ୍ଥା ଚିନ୍ତା ଅନେକଙ୍କ ମୁଣ୍ଡକୁ ଆସେ। ସେତେବେଳକୁ ବହୁ ସମୟ ଅତିବାହିତ ହୋଇଯାଇଥାଏ। ବୃଦ୍ଧାବସ୍ଥାରେ ଚଳିବା ପାଇଁ ଦରକାର ହେଉଥିବା ପାଣ୍ଠି ଏକଜୁଟ କରିବା କଷ୍ଟ ହୁଏ। ଅଭାବ ହେତୁ ଆର୍ଥିକ ସଙ୍କଟ ଘନେଇ ଆସେ। ଆଜିର ଯୁବା ଆସନ୍ତା କାଲିର ବରିଷ୍ଠ ନାଗରିକ। ବୃଦ୍ଧାବସ୍ଥାରେ ନିଷ୍କ୍ରିୟ ଆୟ ଉପରେ ନିର୍ଭର କରିବାକୁ ହୁଏ। ଏଣୁ ନିଷ୍କ୍ରିୟ ଆୟକୁ ବଢ଼ାଇବାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ବହୁପୂର୍ବରୁ ବିଶେଷକରି ଉପାର୍ଜନକ୍ଷମ ହେବା ସଙ୍ଗେ ସଙ୍ଗେ ଆରମ୍ଭ କରିବା ଦରକାର। ଆୟ ସହ ତାଳ ଦେଇ ଆର୍ଥିକ ଯୋଜନା ପ୍ରସ୍ତୁତି, ଏହାର ପରିଚାଳନା ଓ ବିଭିନ୍ନ ପ୍ରକାର ଆୟର ସଦୁପଯୋଗ ଜୀବନରେ ସମୃଦ୍ଧି, ସୁଖ ଓ ଶାନ୍ତି ଆଣିଥାଏ। ●

ପଲେଇ(କେନ୍ଦ୍ରାପଡ଼ା)
ମୋ: ୭୩୮୧୦୪୬୪୭୭

# ଆଲୋକ: ପ୍ରଦୂଷଣର ଅନ୍ୟ ଏକ ରୂପ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅଗ୍ନି ଉଦ୍ଭାବନ ପରେ ବିଦ୍ୟୁତ୍ ବଲ୍‌ବର ଉଦ୍ଭାବନକୁ ମାନବ ସଭ୍ୟତା ବିବର୍ତ୍ତନ କାହାଣୀରେ ସବୁଠାରୁ ବିପ୍ଳବୀ ବୋଲି ବିବେଚନା କରାଯାଏ। ଏହାଦ୍ୱାରା ମଣିଷ ଅନ୍ଧାରକୁ ଜୟ ଏବଂ ରାତିକୁ ଦିନରେ ପରିଣତ କରି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥିଲା। ଆମେ ଏହାକୁ ପ୍ରଗତି ଓ ଆଧୁନିକତା ବୋଲି କହୁଛନ୍ତି। କିନ୍ତୁ ଆଜି ଏହି ବିଜୟ ଆମର ସର୍ବବୃହତ ଜୈବିକ ପରାଜୟର କାରଣ ହେବାକୁ ଯାଉଛି। ସୁବିଧା ପାଇଁ ଆମେ ଯେଉଁ କୃତ୍ରିମ ଆଲୋକ ଉଦ୍ଭାବନ କରିଥିଲୁ ତାହା ଏବେ ଏକ ଅଦୃଶ୍ୟ ବିପଦ ପାଲଟିଛି। ଯାହା ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ, ବିଶେଷକରି ଆମର ହୃଦୟକୁ, ଆକ୍ରମଣ କରୁଛି। ସାମ୍ପ୍ରତିକ ବୈଜ୍ଞାନିକ ଅଧ୍ୟୟନ ଗମ୍ଭୀର ବିପଦ ବିଷୟରେ ଆମକୁ ଚେତାବନୀ ଦେଉଛି। ଏହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ଆମର ସମଗ୍ର ଆଧୁନିକ ଜୀବନଶୈଳୀକୁ ପ୍ରଶ୍ନ କରୁଛି। ଏହି ଅନାବଶ୍ୟକ 'ରାତ୍ରିଆଲୋକ' ଆମ ହୃଦୟ ପାଇଁ 'ସ୍ଲୋପଏଜନ୍' ପାଲଟିଛି।

ଆମମଧ୍ୟରୁ ଅଧିକାଂଶ ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ଆମେ ଆଲୋକକୁ ସୁରକ୍ଷା ଓ ସକାରାତ୍ମକତା ସହିତ ଯୋଡ଼ିଥାଉ ଏବଂ ଅନ୍ଧାରକୁ ଭୟ ସହିତ। ହେଲେ ଜୀବ ବିଜ୍ଞାନ ଦୃଷ୍ଟିକୋଣରୁ ବାସ୍ତବତା ଠିକ୍ ବିପରୀତ। ସାମ୍ପ୍ରତିକ ଗବେଷଣା ନିଶ୍ଚିତ କରିଛି ଯେ ରାତିରେ କୃତ୍ରିମ ଆଲୋକର ସଂସ୍ପର୍ଶରେ ଆସିବା କେବଳ ନିଦକୁ ବାଧା ଦିଏ ନାହିଁ, ବରଂ ଏହା ଜୀବନଘାତକ ହୃଦ୍‌ରୋଗର ଏକ ପ୍ରତ୍ୟକ୍ଷ ଓ ପ୍ରମୁଖ କାରଣ ମଧ୍ୟ। ଏହି ଅଧ୍ୟୟନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ଯେଉଁମାନେ ଭାବନ୍ତି ରାତିରେ ଧୀରଆଲୋକ ଯେପରି ଟିଭି କିମ୍ବା ଫୋନ୍ ବ୍ୟବହାର ସେତେଟା କ୍ଷତିକାରକ ନୁହେଁ।

ପରିସଂଖ୍ୟାନ ଦୃଷ୍ଟିରୁ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ମନେହୁଏ। ଗବେଷକମାନେ କହିଛନ୍ତି, ରାତିରେ ଅତ୍ୟଧିକ ଉଜ୍ଜ୍ୱଳ କିମ୍ବା ନିରନ୍ତର କୃତ୍ରିମ ଆଲୋକର ସମ୍ମୁଖୀନ ହେଉଥିବା ଲୋକଙ୍କ ହୃଦଘାତର ବିପଦ ଆଶଙ୍କା ୫୬ ପ୍ରତିଶତ ବୃଦ୍ଧି ପାଏ। ଏହାକୁ ଚିକିତ୍ସା ବିଜ୍ଞାନରେ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସେହିପରି ଷ୍ଟ୍ରୋକ୍ କିମ୍ବା ଅନ୍ୟାନ୍ୟ ଜୀବନ-ବିପର୍ଯ୍ୟୟ ଅବସ୍ଥାର ବିପଦ ୩୦ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି। ଏଗୁଡ଼ିକ କେବଳ କାଗଜରେ ଥିବା ସଂଖ୍ୟା ନୁହେଁ, ବରଂ ଅଜ୍ଞତା ଯୋଗୁଁ ଅକାଳରେ ହରାଇଥିବା ଲକ୍ଷ ଲକ୍ଷ ଜୀବନର କାରକ। ଏହି ଗବେଷଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଏହି ବିପଦ ସେମାନଙ୍କ ମଧ୍ୟରେ ମଧ୍ୟ ସମାନ ଭାବରେ ପଡୁଛି, ଯେଉଁମାନେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ କାର୍ଯ୍ୟକଳାପ ପ୍ରତି ଅତ୍ୟନ୍ତ ସତର୍କ ଥିଲେ। ଆମେ ପ୍ରାୟତଃ ଭାବୁଛନ୍ତି ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ଧୂମପାନରୁ ଦୂରରେ ରହିଲେ ଆମର ହୃଦୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। କିନ୍ତୁ ଏହି ନୂତନ ଅଧ୍ୟୟନ ଏହି ଧାରଣାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦିଏ।

ଆପଣ ସାରା ଦିନ ଯେତେ ପରିଶ୍ରମ କରନ୍ତୁ କିମ୍ବା ଆପଣଙ୍କ ଖାଦ୍ୟ ଯେତେ ପୁଷ୍ଟିକର ହେଉ, ଯଦି ଆପଣ ରାତ୍ରି ଅନ୍ଧାରରେ ବିଶ୍ରାମ ନିଅନ୍ତି ନାହିଁ, ତେବେ ଆପଣଙ୍କ ହୃଦୟ ବିପଦରେ ପଡ଼ିପାରେ। ଏହି ତଥ୍ୟ ସ୍ୱାସ୍ଥ୍ୟ ଜଗତରେ ଏକ ନୂତନ ଉଦାହରଣ ସ୍ଥାପନ କରେ, ଯେଉଁଠାରେ ଅନ୍ଧକାର ବର୍ତ୍ତମାନ ଭିଟାମିନ୍ ଓ ବ୍ୟାୟାମ ପରି ଭଲ ସ୍ୱାସ୍ଥ୍ୟର ଏକ ଅତ୍ୟାବଶ୍ୟକ ସ୍ତମ୍ଭ ପାଲଟିଛି। ଏହି ବିପଦକୁ ବୁଝିବା ପାଇଁ ଆମକୁ ମାନବ ଶରୀରର ବିବର୍ତ୍ତନ ଇତିହାସ ଏବଂ ଜୈବିକ ଗଠନକୁ ବୁଝିବାକୁ ପଡ଼ିବ।

ଲକ୍ଷ ଲକ୍ଷ ବର୍ଷ ଧରି ମାନବ ଶରୀର ପୃଥିବୀର ଘୂର୍ଣ୍ଣନ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ପ୍ରାକୃତିକଚକ୍ର ସହିତ ସମନ୍ୱୟରେ ବିକଶିତ ହୋଇଛି। ଆମର ପୂର୍ବପୁରୁଷମାନେ ଦିବାଲୋକରେ ଶିକାର କରିବା ସହ ଅନ୍ୟାନ୍ୟ କାର୍ଯ୍ୟକଳାପ କରୁଥିଲେ ଏବଂ ରାତିର ଅନ୍ଧକାରରେ ବିଶ୍ରାମ ନେଉଥିଲେ। ଲକ୍ଷ ଲକ୍ଷ ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟା ଆମ ଡିଏନ୍‌ଏ ରେ ଏକ ଜୈବିକ ଘଣ୍ଟା ସ୍ଥାପିତ କରିଛି। ସୂର୍ଯ୍ୟ ଅସ୍ତ ହେବା ପରେ ଆମର ମସ୍ତିଷ୍କ ଆଖିର ରେଟିନା ମାଧ୍ୟମରେ ଏକ ବାର୍ତ୍ତା ପାଏ ଯେ କାମ କରିବା ବନ୍ଦ କରିବା ଏବଂ ବିଶ୍ରାମ ନେବାର ସମୟ ଆସିଛି। ଏହି ବାର୍ତ୍ତା ପାଇବା ପରେ ଆମର ମସ୍ତିଷ୍କ ପାଇନିଆଲ୍ ଗ୍ରନ୍ଥି ମାଧ୍ୟମରେ ମେଲାଟୋନିନ୍ ନାମକ ଏକ ବିଶେଷ ହରମୋନ୍ ଉତ୍ପାଦନ କରିବା ଆରମ୍ଭ କରେ। ମେଲାଟୋନିନ୍‌କୁ ପ୍ରାୟତଃ ନିଦ୍ରା ହରମୋନ୍ ଭାବରେ ଚିନ୍ତା କରାଯାଏ। ବାସ୍ତବରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। ରାତିରେ ଯେତେବେଳେ ମେଲାଟୋନିନ୍ କ୍ଷରଣ ହୁଏ, ଏହା ଆମ ଶରୀରର ତାପମାତ୍ରାକୁ ସାମାନ୍ୟ ହ୍ରାସ କରେ, ଆମର ରକ୍ତଚାପକୁ ନିୟନ୍ତ୍ରଣ ଏବଂ ଆମର ହୃଦସ୍ପନ୍ଦନକୁ ଧୀର ଓ ସ୍ଥିର କରେ।

ଦିନସାରା ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଚାପ ଓ ପ୍ରଦୂଷଣ ଯୋଗୁଁ ଆମର ରକ୍ତବାହୀ ନଳୀ ଓ ହୃଦୟ ମାଂସପେଶୀରେ ହେଉଥିବା ଅଣୁ କ୍ଷୟ ଏହି ଅନ୍ଧାର ସମୟରେ ମେଲାଟୋନିନ୍ ତତ୍ତ୍ୱାବଧାନରେ ମରାମତି କରାଯାଏ। ଏହା ଏକ ପ୍ରାକୃତିକ ମରାମତି ପ୍ରଣାଳୀ, ଯାହା ଆମ ଶରୀରକୁ ପରଦିନ ପାଇଁ ସତେଜ କରିଥାଏ। ସହରୀକରଣ ଏହି ସମସ୍ୟାକୁ ଅଣଦେଖା କରିଛି। ଆମେ ଏପରି ସହରରେ ରହୁଛନ୍ତି ଯେଉଁଠାରେ ନିରନ୍ତର ଆଲୋକିତ। ଏହାକୁ ଆଲୋକ ପ୍ରଦୂଷଣ କୁହାଯାଏ। ପୂର୍ବରୁ ପ୍ରଦୂଷଣର ଅର୍ଥ କେବଳ ବାୟୁ କିମ୍ବା ଜଳ ପ୍ରଦୂଷଣକୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ଆଲୋକ ମଧ୍ୟ ପ୍ରଦୂଷଣର ଏକ ରୂପ ହୋଇଗଲାଣି, ଯାହା ପ୍ରତିଦିନ ଆମର ସ୍ୱାସ୍ଥ୍ୟକୁ ନଷ୍ଟ କରେ। ବୈଜ୍ଞାନିକମାନେ ଏବେ ଗୁରୁତ୍ୱ ଦେଉଛନ୍ତି ଯେ ରାତିର ଆଲୋକ ମଧୁମେହ ଓ ସ୍ଥୂଳକାୟ ପରି ମେଟାବୋଲିକ୍ ସମସ୍ୟାରେ ଯୋଗଦାନ କରେ, ଯାହା ଫଳରେ ହୃଦରୋଗ ହୁଏ।

ଏହି ଗମ୍ଭୀର ବିପଦକୁ ଏଡ଼ାଇବା ସମ୍ପୂର୍ଣ୍ଣ ଆମ ହାତରେ। ପ୍ରଥମେ, ଆମ ଶୟନ କକ୍ଷରେ ଅନ୍ଧାରକୁ ପ୍ରାଥମିକତା ଦେବା ଉଚିତ। ନିଶ୍ଚିତ କରନ୍ତୁ ଯେ କୌଣସି ଉତ୍ସରୁ ଆଲୋକ ଯେପରି କୋଠରିରେ ପ୍ରବେଶ ନ କରେ। ଶୋଇବା ସମୟର ଅତିକମରେ ଗୋଟିଏ ଘଣ୍ଟା ପୂର୍ବରୁ ମୋବାଇଲ୍ ଫୋନ୍, ଲାପଟପ୍, ଟାବଲେଟ୍ ଓ ଟେଲିଭିଜନ ବନ୍ଦ କରନ୍ତୁ। ଏହି ଉପକରଣଗୁଡ଼ିକରୁ ନିର୍ଗତ ନୀଳ ଆଲୋକ ମେଲାଟୋନିନ୍ ହରମୋନ୍ ଉତ୍ପାଦନକୁ ବାଧା ଦେବାରେ ଏକ ପ୍ରମୁଖ କାରଣ। ପ୍ରକୃତରେ ରାତିର ଅନ୍ଧାର କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ଆମ ଶରୀର ଓ ହୃଦୟ ପାଇଁ ଅତ୍ୟାବଶ୍ୟକ। ଆମେ ନିଜର ସୁବିଧା ପାଇଁ ଏହି ଅନ୍ଧାର ଉପରେ ଯେଉଁ ଆଲୋକ ଲଦିଥାଉ ତାହା ଆମ ଜୀବନକୁ ଛୋଟ କରିପାରେ। ଆମ ହୃଦୟକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ରାତି ସହିତ ପୁନଃଅନୁକୂଳ ହେବାକୁ ପଡ଼ିବ। ଏହି ଛୋଟ ପରିବର୍ତ୍ତନ ଆମ ହୃଦୟକୁ ଦୀର୍ଘ ଓ ସୁସ୍ଥ ଜୀବନ ବଞ୍ଚିବାର ସୁଯୋଗ ଦେବ। ଯେତେବେଳେ ବାହାରେ ଆଲୋକ ଲିଭେ, ସେତେବେଳେ ହିଁ ଜୀବନର ଶିଖା ଆମ ଭିତରେ ଜଳେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ମହାପ୍ରଭୁଙ୍କ ରତ୍ନହାରର ହୀରା

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମଧ୍ୟଭାରତରେ ସୈନ୍ୟବଡ଼ ନାମକ ଏକ ଛୋଟ ରାଜ୍ୟ ଥିଲା। ରାଜା ଦୀନ ସଲାହ ସିଂହ ଦୁର୍ବଳ ଥିଲେ ମଧ୍ୟ ସେନାପତି ଦାୟିତ୍ୱରେ ଥିବା ତାଙ୍କ ପୁତୁରା ଅଙ୍ଗଦ ସିଂହଙ୍କ ପରାକ୍ରମ ଓ ଯୁଦ୍ଧ କୌଶଳରେ ଭୟଭୀତ ହୋଇ ପଡ଼ୋଶୀ ରାଜ୍ୟମାନେ ସୈନ୍ୟବଡ଼ ଉପରେ ଆକ୍ରମଣ କରୁ ନ ଥିଲେ। କିନ୍ତୁ ନିଜର ବଳ ଓ ପରାକ୍ରମକୁ ନେଇ ଅଙ୍ଗଦଙ୍କ ମନରେ ବହୁତ ଗର୍ବ ଥିଲା। ସେ ବିଳାସ, ବ୍ୟସନ, ଖେଳ, କୌତୁକ ଓ ମୃଗୟାରେ ଅନେକ ସମୟ ଅତିବାହିତ କରୁଥିଲେ। ପ୍ରଜାମାନେ ତାଙ୍କ ଦ୍ୱାରା ଅତ୍ୟାଚାରିତ ହେଉ ଥିଲେ ମଧ୍ୟ ପ୍ରତିବାଦ କରିବା ପାଇଁ ସାହସ କରୁ ନ ଥିଲେ। ସମୟକ୍ରମେ ରାଜା ଜଣେ ସର୍ବଗୁଣସଂପନ୍ନା ସୁନ୍ଦରୀ କନ୍ୟା ସହ ଅଙ୍ଗଦଙ୍କ ବିବାହ କରାଇ ଦେଲେ। କନ୍ୟାଟି ଧର୍ମ ପରାୟଣା ଓ ସାଧ୍ୱୀ ପ୍ରକୃତିର ଥିଲେ। ସେ ମନଧ୍ୟାନ ଦେଇ ସ୍ୱାମୀଙ୍କର ସେବାଯତ୍ନ କରୁଥିଲେ ଏବଂ ବାକି ସମୟ ଭଗବତ ଆରାଧନା ଓ ସାଧୁସନ୍ଥଙ୍କର ସେବାରେ ଅତିବାହିତ କରୁଥିଲେ।

ଦିନେ ଅଙ୍ଗଦ ଘରକୁ ଆସି ଦେଖିଲେ ଯେ ତାଙ୍କ ବଂଶର କୁଳଗୁରୁ ଅଗଣାରେ ତାଙ୍କ ପତ୍ନୀଙ୍କୁ ପ୍ରବଚନ ଦେଉଥିଲେ। ପ୍ରବଚନ ଶୁଣିବାରେ ମଗ୍ନ ଥିବାରୁ ଅଙ୍ଗଦ ଘରକୁ ଆସିବା କଥା ପତ୍ନୀ ଲକ୍ଷ୍ୟ କରି ପାରି ନ ଥିଲେ। ଏହା ଦେଖି ଅଙ୍ଗଦ ରାଗୀ ଯାଇ ଘର ଭିତରକୁ ଚାଲିଗଲେ। ଅଙ୍ଗଦଙ୍କର ଏ ପ୍ରକାର ହାବଭାବ ଗୁରୁଙ୍କ ଦୃଷ୍ଟିରେ ପଡ଼ିଲା। ସେ ସଂଗେସଂଗେ ସେ ସ୍ଥାନ ତ୍ୟାଗ କଲେ। ଧର୍ମ ପରାୟଣା ଅଙ୍ଗଦଙ୍କ ପତ୍ନୀ ଏ ଘଟଣା ଦେଖି ଦୁଃଖରେ ମୂର୍ଚ୍ଛା ଗଲେ। ଚେତନା ଫେରିବା ପରେ ସେ ଅଙ୍ଗଦଙ୍କୁ ଗୁରୁଙ୍କ ପ୍ରତି ଅସତ୍ ଆଚରଣ ଶାସ୍ତ୍ରବିରୋଧୀ ବୋଲି କହିଲେ। ଏ କଥା ଅଙ୍ଗଦଙ୍କୁ ଗଭୀର ପ୍ରଭାବିତ କଲା। ସେ ସ୍ତ୍ରୀ ସହ ସତ୍‌ମାର୍ଗରେ ସହଯାତ୍ରୀ ହେବା ପାଇଁ ସଙ୍କଳ୍ପ କଲେ। ରାଜପ୍ରଦତ୍ତ ସମସ୍ତ ବିଳାସବ୍ୟସନ ତ୍ୟାଗ କରି ସାତ୍ତ୍ୱିକ, ସାଧୁ ଓ ପରୋପକାରୀର ଜୀବନଯାପନ କଲେ। ଈଶ୍ୱର ଆରାଧନା, ଧ୍ୟାନ, ତପ ଓ ତୀର୍ଥାଟନରେ ଅଧିକ ଧ୍ୟାନ ଦେଲେ। ତୀର୍ଥଭ୍ରମଣ ସମୟରେ ସେ ଶୁଣିବାକୁ ପାଇଲେ ଯେ ଉତ୍କଳ ଦେଶର ନୀଳାଚଳରେ ସ୍ୱୟଂ ପରଂବ୍ରହ୍ମ ଦାରୁ ସ୍ୱରୂପରେ ବିରାଜମାନ କରି ଦର୍ଶନମାତ୍ରେ ସମସ୍ତ ପାପରୁ ମୁକ୍ତି ପ୍ରଦାନ କରୁଛନ୍ତି। ସମୟକ୍ରମେ ସେ ମହାପ୍ରଭୁଙ୍କର ଜଣେ ସମର୍ପିତ ଭକ୍ତ ହୋଇଗଲେ।

ଇତିମଧ୍ୟରେ ଦିଲ୍ଲୀର ଯବନ ସମ୍ରାଟ ସୈନ୍ୟଗଡ଼ ଆକ୍ରମଣ କଲେ। ସଲାହ ସିଂହ ଅଙ୍ଗଦଙ୍କ ସହାୟତା ଲୋଡ଼ିଲେ। ମାତୃଭୂମିର ସୁରକ୍ଷା ପାଇଁ ଅଙ୍ଗଦ ପୁଣି ଯୁଦ୍ଧ କଲେ ଏବଂ ଜୟଲାଭ କରି ବିଜୟର ସ୍ମାରକୀରୂପେ ଦିଲ୍ଲୀ ସମ୍ରାଟଙ୍କ ମୁକୁଟ ନେଇଆସିଲେ। ବିଜୟ ଭେଟିସ୍ୱରୂପ ମୁକୁଟଟିକୁ ରାଜାଙ୍କୁ ଦେବାକୁ ଗଲା ବେଳେ ସେଥିରେ ଲାଗିଥିବା ଏକ ଅମୂଲ୍ୟ ହୀରା ଉପରେ ଅଙ୍ଗଦଙ୍କର ଆଖି ପଡ଼ିଲା। ସେ ଭାବିଲେ ଯେ ଏହି ହୀରା କେବଳ ମହାପ୍ରଭୁ ଧାରଣ କରିବା ଉଚିତ ହେବ। ତେଣୁ ହୀରାଟିକୁ ବାହାର କରି ନିଜ ପାଖରେ ରଖିଲେ ଏବଂ ମୁକୁଟ ରାଜାଙ୍କୁ ପ୍ରଦାନ କଲେ। ବଳ ପ୍ରୟୋଗ କରି ହୀରା ହାସଲ କରିବାର ସାହସ ସଲାହ ସିଂହଙ୍କର ନ ଥିଲା। ତେଣୁ ସେ ଛଳରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବାକୁ ଯୋଜନା କଲେ। ଏ କାମ ପାଇଁ ରାଜା ଅଙ୍ଗଦଙ୍କ ଭଉଣୀକୁ ନିୟୋଜିତ କଲେ। ଭଉଣୀ ରାଜାଜ୍ଞା ପାଳନ କରି ଭାଇର ଖାଦ୍ୟରେ ବିଷ ମିଶେଇ ଦେଲେ। ଅଙ୍ଗଦ ଖାଦ୍ୟକୁ ମହାପ୍ରଭୁଙ୍କୁ ସମର୍ପଣ କରି ଖାଇବାକୁ ଯାଉଥିବା ବେଳେ ଭଉଣୀର ମନରେ ହଠାତ୍ ପରିବର୍ତ୍ତନ ଆସିଲା। ସେ ସବୁ କଥା କହି ନ ଖାଇବା ପାଇଁ ଅନୁରୋଧ କଲେ। ଅଙ୍ଗଦ କହିଲେ, 'ଏ ଭୋଜନ ମହାପ୍ରଭୁଙ୍କୁ ସମର୍ପିତ। ତେଣୁ ଏହା ମହାପ୍ରସାଦ। ମହାପ୍ରସାଦର ଅବମାନନା ମୁଁ କରିବି ନାହିଁ।' ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁଁ ବିଷମିଶା ଖାଦ୍ୟ ଅଙ୍ଗଦଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ।

ଏହି ଘଟଣା ପରେ ଅଙ୍ଗଦ ରାଜ୍ୟ ତ୍ୟାଗ କରି ସସ୍ତ୍ରୀକ ହୀରା ସହ ନୀଳାଚଳ ଯାତ୍ରା କଲେ। ସଲାହ ସିଂହ ରାସ୍ତାରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବା ପାଇଁ ସୈନିକଙ୍କୁ ପଠେଇଲେ। ନିରସ୍ତ୍ର ଅଙ୍ଗଦ ସେମାନଙ୍କ ସହ ଦ୍ୱନ୍ଦ୍ୱ ନ କରି ହୀରାଟିକୁ କୌଶଳକ୍ରମେ ଏକ ପୋଖରୀକୁ ଫିଙ୍ଗି ଦେଇ ପ୍ରାର୍ଥନା କଲେ, 'ମହାପ୍ରଭୁ ବଳୀଆର ଭୁଜ! ତୁମକୁ ସମର୍ପିତ ହୀରାକୁ ରକ୍ଷା କରିବାରେ ମୁଁ ଅସମର୍ଥ। ତୁମ ପଦାର୍ଥ ତୁମେ ରକ୍ଷାକର।' ମହାପ୍ରଭୁ ପ୍ରଲମ୍ବିତ ହାତ ବଢ଼େଇ ହୀରାଟିକୁ ନେଇ ନିଜ ରତ୍ନହାରରେ ଲଗେଇ ହାରଟିକୁ ଗଳାରେ ପକେଇଲେ। ହୀରା ନ ପାଇବାରୁ ସୈନିକମାନେ ଅଙ୍ଗଦଙ୍କୁ ଛାଡ଼ିଦେଲେ। ଅଙ୍ଗଦ ନୀଳାଚଳ ଚାଲିଗଲେ। ପ୍ରଥମ ଦିନ ମହାପ୍ରଭୁଙ୍କୁ ଦର୍ଶନ କଲା ବେଳେ ସେ ଦେଖିଲେ ମହାପ୍ରଭୁ ସେହି ମହାର୍ଘ ହୀରା ଖଚିତ ହାର ଗଳାରେ ପନ୍ଧି ମନ୍ଦମନ୍ଦ ହସୁଥିଲେ। ସେ ମହାପ୍ରଭୁଙ୍କୁ ପ୍ରଣାମ କରି ବାକି ଜୀବନ ତାଙ୍କ ସେବାରେ ଅତିବାହିତ କରିବାର ସଙ୍କଳ୍ପ ନେଲେ। କୁହାଯାଏ ଯେ ଆଜି ମଧ୍ୟ ସେ ହୀରା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ମଣ୍ଡନ କରୁଛି। ●

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜର୍ଡା ରେଞ୍ଜରେ ହାତୀ ଶାବକ ମୃତ



ବଣାଇଁ,୧୩।୧(ସମିସ): ବଣାଇଁ ବନଖଣ୍ଡ ଜର୍ଡା ରେଞ୍ଜ ମଜୁରଡିମା ସେକ୍ସନ କେଲୋ ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଶାବକର ମୃତ୍ୟୁ ହୋଇଛି। କିଛି ଦିନ ହେବ, ମଜୁରଡିମା ସେକ୍ସନ ଅଞ୍ଚଳରେ ୯ ଘରିଆ ଏକ ହାତୀପଲ ଘୂରି ବୁଲୁଛନ୍ତି। ସେଥିମଧ୍ୟରୁ ସୋମବାର କୌଣସି କାରଣରୁ ଏକ ଶାବକର ମୃତ୍ୟୁ ଘଟିଥିବା ବନ ବିଭାଗକୁ ଖବର ମିଳିଥିଲା। ମୃତ ଶାବକ ନିକଟରେ ହାତୀପଲ ଜଗି ରହିଥିବାରୁ ଘଟଣାସ୍ଥଳକୁ ଯିବା ବନ ବିଭାଗ ପକ୍ଷେ ସମ୍ଭବ ହୋଇନଥିଲା। ଆଜି ବନ ଅଧିକାରୀ, ପ୍ରାଣୀ ଚିକିତ୍ସକ ଓ ଉଦ୍ଧାରକାରୀ ଦଳ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଲଗାତାର ଟ୍ରାକିଂ ପରେ ହାତୀ ଶାବକର ମୃତ ଦେହକୁ ବନବିଭାଗ ଉଦ୍ଧାର କରିଥିଲା। ସେଠାରେ ତା'ର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ, ଶାବକଟି ଜନ୍ମ ସମୟରେ ହିଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସଠିକ୍ କାରଣ ଜାଣିବା ପାଇଁ ମୃତଦେହର ନମୁନା ସଂଗ୍ରହ କରି ଭୁବନେଶ୍ୱରକୁ ପଠାଯାଇଛି। ଘଟଣାସ୍ଥଳରେ ବଣାଇଁ ବନଖଣ୍ଡ ଦାୟିତ୍ୱରେ ଥିବା ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ବଣାଇଁ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ଜର୍ଡା ରେଞ୍ଜ ଅଧିକାରୀ ହରେଶ କିସାନ, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

## ଖୋଲୁନି ଓଏସ୍ଏସ୍ସି ୱେବସାଇଟ୍

### ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଶାୟୀ

ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଶାୟୀମାନେ ନାକେଦମ୍ ହେଲେଣି। ୱେବସାଇଟ୍ ଧିମେଇଧିମେଇ ଖୋଲୁଥିବାରୁ ଆବେଦନ ହୋଇପାରୁନାହିଁ। ଏପରିକି, ପରୀକ୍ଷା ଫି' ଦାଖଲ ସମୟରେ ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଟଙ୍କା କଟିଯାଉଥିଲେ ମଧ୍ୟ ଫି' ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉନାହିଁ। ବିଭିନ୍ନ ବୈଷୟିକ ସମସ୍ୟାକୁ ସମାଧାନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ସଚିବ ଓ ଓଏସ୍ଏସ୍ସି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସିଜିଏଲ୍ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖରେ ସରିବ।

## ଦୁର୍ଘଟଣା ପରେ ଚେତିଲେ ସରକାର
## ବିନା ତାରପୋଲିନ୍‌ରେ ବାଲି ପରିବହନ କଲେ ଗାଡ଼ି ଜବତ

**ପରିବହନ କମିସନରଙ୍କ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ**

କଟକ, ୧୩।୧(ସମିସ): ପରିବହନ ବେଳେ ବାଲି ବୋଝେଇ ଟ୍ରକ୍, ଟିପର ଏବଂ ଟ୍ରାକ୍ଟରରୁ ବାଲି ଖସି ରାସ୍ତା ଉପରେ ଜମା ହେଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଳମ୍ବରେ ହେଲେ ହେଁ ଏହି ପ୍ରସଙ୍ଗରେ ଏବେ ସରକାରଙ୍କ ଚେତା ପଶିଛି। ବାଲି ପରିବହନ ନେଇ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓମାନଙ୍କୁ ଚିଠି ଲେଖି କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ କମିସନର ଅମିତାଭ ଠାକୁର। ବିଶେଷକରି ବାଲି ବୋଝେଇ ଗାଡ଼ିଗୁଡ଼ିକ ପରିବହନ ବେଳେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ କରାଯାଇଛି। ଏହା ନକରି ବାଲି ପରିବହନ କରୁଥିବା ଗାଡ଼ି ଜବତ କରାଯିବା ସହ ଚାଲାଣ କଟାଯିବ ବୋଲି ନିର୍ଦ୍ଦେଶ ରହିଛି। ରାସ୍ତାରେ ବାଲି ପଡ଼ି ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ଏଭଳି କଡ଼ା ପଦକ୍ଷେପ ନେଇଛି ପରିବହନ ବିଭାଗ।

ବାଲି ବୋଝେଇ ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ତାରପୋଲିନ୍ କିମ୍ବା ଏଚଡିପିଇ କଭର ଦ୍ୱାରା ଢାଙ୍କି ହୋଇ ରହିବା ଆବଶ୍ୟକ ଏବଂ ଏହାକୁ ଚାରିଆଡ଼ୁ ଭଲ ଭାବରେ ବନ୍ଧାଯିବା ଜରୁରୀ। ଗାଡ଼ିର ସମସ୍ତ ପାର୍ଶ୍ୱ ବୋର୍ଡଗୁଡ଼ିକ ସଠିକ୍ ଭାବରେ ଲକ୍ ହୋଇ ରହିବା ଉଚିତ। ଏଥିସହିତ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ବାଲି ବୋଝେଇ କରିବା ମଧ୍ୟ ନିଷେଧ କରାଯାଇଛି। ଯଦି କୌଣସି ଗାଡ଼ି ଖୋଲା କିମ୍ବା ଆଂଶିକ ଭାବେ ଢଙ୍କା ହୋଇ ଯାତାୟାତ କରୁଥିବା ମିଳେ, ତାହାକୁ ଅସୁରକ୍ଷିତ ପରିବହନ ଭାବେ ବିଚାର କରାଯିବ। ଏଭଳି କ୍ଷେତ୍ରରେ ତୁରନ୍ତ ଇ-ଚାଲାଣ କଟାଯିବା ସହ ଆବଶ୍ୟକସ୍ଥଳେ ଗାଡ଼ିକୁ ଜବତ କରାଯିବ ବୋଲି କୁହାଯାଇଛି। ଆରଟିଓ ଏବଂ ପୁଲିସ୍ ପକ୍ଷରୁ ମିଳିତ ଭାବେ ବାଲି ଘାଟ, ଜାତୀୟ ରାଜପଥ ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ନିୟମିତ ଯାଞ୍ଚ କରାଯିବ। ବିଶେଷକରି ଟ୍ରାକ୍ଟର ଏବଂ ଟିପର ଗୁଡ଼ିକ ଉପରେ ଅଧିକ ନଜର ରଖାଯିବ।

କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ଅନୁଯାୟୀ ଖୋଲା ଗାଡ଼ିରେ ଯେକୌଣସି ସାମଗ୍ରୀ ନେବା ସମୟରେ ତାକୁ ଘୋଡ଼ାଇବା ବାଧ୍ୟତାମୂଳକ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖାଯାଇ ବାଲିଘାଟ ସ୍ତରରେ ହିଁ କଡ଼ା ପ୍ରତିବନ୍ଧକ ଲଗାଇବାକୁ କହିଛନ୍ତି। ବାଲିଘାଟରୁ କୌଣସି ବି ଗାଡ଼ି ବାଲି ଲୋଡ୍ କରି ବାହାରିବା ପୂର୍ବରୁ ତାହାକୁ ସମ୍ପୂର୍ଣ୍ଣ ରୂପେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ। ଯଦି ବାଲିଗାଡ଼ି ସଠିକ୍ ଭାବେ ପଲିଥିନ ବା ତାରପୋଲିନରେ ଢଙ୍କା ନଯାଏ, ତେବେ ସେହି ଗାଡ଼ିକୁ ଘାଟରୁ ବାହାରକୁ ଛଡ଼ାନଯିବା ସୁନିଶ୍ଚିତ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। କୌଣସି ଲିଜ୍‌ଧାରୀ କିମ୍ବା ଅପରେଟର୍ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ଲିଜ୍ କିମ୍ବା ଅନୁମତିପତ୍ର ରଦ୍ଦ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାଲିଘାଟରୁ ବାହାରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ପାଇଁ ଯେଉଁ ସ୍ଥାନରେ ସିସିଟିଭି କ୍ୟାମେରା ଅଛି, ସେଠାରେ ଗାଡ଼ିଗୁଡ଼ିକ ଢାଙ୍କି ହୋଇ ବାହାରୁଛି କି ନାହିଁ ତାହାର ଭିଡିଓ ରେକର୍ଡିଂ କରାଯିବା ପାଇଁ ପରିବହନ ବିଭାଗ ପ୍ରସ୍ତାବ ଦେଇଛି।

## କାଳ ହେଲା ଖେଳଣା; ଶିଶୁର ଆଖି ନଷ୍ଟ



ଟିଟିଲାଗଡ଼,୧୩।୧(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପିଲାଙ୍କୁ ଆକୃଷ୍ଟ କରିବାକୁ କୁରକୁରେ ପ୍ୟାକେଟ୍ ଭିତରେ ଥିବା ଏକ ଖେଳଣା ଗୋଟିଏ କୁନି ଶିଶୁ ପାଇଁ କାଳ ହୋଇଛି। ଖେଳଣାଟିରେ ନିଆଁ ଲଗାଇବା ବେଳେ ତାହା ବିସ୍ଫୋରଣ ହେବାରୁ ଶିଶୁଟିର ଆଖି ନଷ୍ଟ ହୋଇଯାଇଛି। ସେ ହେଲା, ଲବ ହରପାଳଙ୍କ ୮ ବର୍ଷର ପୁଅ ଅଙ୍କେଶ। ଶନିବାର ଅଙ୍କେଶ ଗାଁର ଏକ ଦୋକାନରୁ କୁରକୁରେ ପ୍ୟାକେଟ କିଣିଥିଲା। ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇଦେବା ମାତ୍ରେ ତାହା ଜୋରରେ ଫୁଟି ଅଙ୍କେଶର ଆଖିରେ ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାକୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ତା' ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାଯାଇଛି। ଏ ସଂପର୍କରେ ତା' ବାପା, ମା' ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲାଇଟ୍ ହାଉସ୍ ନାମକ ଏହି କୁରକୁରେକୁ ବନ୍ଦ କରିବା, କମ୍ପାନୀ ବିରୋଧରେ ପଦକ୍ଷେପ ନେବା ସହ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ମୃତ ବ୍ୟକ୍ତିଙ୍କ ନାମ ଜମି ପଟ୍ଟାରୁ ହଟାଇବା ପାଇଁ ମ୍ୟୁଟେସନ ପ୍ରକ୍ରିୟା ବାଧ୍ୟତାମୂଳକ: ହାଇକୋର୍ଟ

କଟକ,୧୩।୧(ସମିସ): ଜମିଜମା ରେକର୍ଡ (ଆରଓଆର) ସଂଶୋଧନ ସମ୍ପର୍କରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ଜଣେ ମୃତ ବ୍ୟକ୍ତିଙ୍କ ନାମ ଜମିଜମା ରେକର୍ଡରୁ କାଟିବା ପାଇଁ ଅଦାଲତ ସିଧାସଳଖ ଆଦେଶ ଦେଇପାରିବେ ନାହିଁ। ଏଥିପାଇଁ ଆଇନଗତ ମ୍ୟୁଟେସନ ପ୍ରକ୍ରିୟା ଅନୁସରଣ କରିବା ବାଧ୍ୟତାମୂଳକ ବୋଲି କହିଛନ୍ତି ହାଇକୋର୍ଟ। ଜୟନ୍ତୀ ବିଶ୍ୱାସ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ପ୍ରକାଶ କରିଛନ୍ତି। ସ୍ୱତ୍ୱାଧିକାରୀ ରେକର୍ଡ ବା ଜମିପଟ୍ଟାରୁ ଜଣେ ମୃତବ୍ୟକ୍ତିଙ୍କ ନାମ ହଟାଇବା ପାଇଁ ସିଧାସଳଖ ହାଇକୋର୍ଟରେ ଦାୟର ହୋଇଥିବା ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ। ମୃତ୍ୟୁ ପରେ କାହାର ନାମ ହଟାଇବା ପାଇଁ ସଂପୃକ୍ତ ପକ୍ଷଙ୍କୁ ପ୍ରଥମେ ତହସିଲଦାରଙ୍କ ନିକଟରେ ଏକ ମ୍ୟୁଟେସନ ମାମଲା ଦାୟର କରିବାକୁ ପଡ଼ିବ। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କ ଦ୍ୱାରା ତଦନ୍ତ ହେବା ଏକ ଜରୁରୀ ସର୍ତ୍ତ ବୋଲି ଅଦାଲତ କହିଛନ୍ତି। ତଦନ୍ତ ପରେ ହିଁ ତହସିଲଦାର ମୃତ ବ୍ୟକ୍ତିଙ୍କ ନାମ ହଟାଇବା ସହ ତାଙ୍କ ସ୍ଥାନରେ ଆଇନଗତ ଉତ୍ତରାଧିକାରୀଙ୍କ ନାମ ଲିପିବଦ୍ଧ କରିବା ପାଇଁ ଆଦେଶ ଦେଇପାରିବେ ବୋଲି ଅଦାଲତ କହିଛନ୍ତି। ଜଣେ ରେକର୍ଡଭୁକ୍ତ ଚାଷୀଙ୍କ ଆବେଦନକାରୀଙ୍କୁ କାଳିମେଲା ତହସିଲଦାରଙ୍କ ନିକଟରେ ଆଇନଗତ ଭାବେ ଆବେଦନ କରିବାକୁ ସ୍ୱାଧୀନତା ପ୍ରଦାନ କରାଯାଇଛି। ଏହି ଆବେଦନ ଆଧାରରେ ତହସିଲଦାର ଏକ ମ୍ୟୁଟେସନ୍ ମାମଲା ରୁଜୁ କରି, ତଦନ୍ତ ପୂର୍ବକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ମାଲକାନଗିରି ଜିଲ୍ଲା କାଳିମେଲା ତହସିଲ ଅନ୍ତର୍ଗତ ଏରବାନପାଲି ମୌଜାର ଉପରୋକ୍ତ ଆବେଦନକାରୀ ଏହି ମାମଲା ରୁଜୁ କରିଥିଲେ। ସେମାନଙ୍କ ଜଣେ ମୃତ ସମ୍ପର୍କୀୟଙ୍କ ନାମ ଏକ ଜମିଜମା ରେକର୍ଡରୁ ହଟାଇବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୁଲା କୁକୁର କାମୁଡ଼ିଲେ....

ହେବ। କେବଳ ନିୟମ ପାଳନ ହେଉ ବୋଲି କୋର୍ଟ ଚାହୁଁଛନ୍ତି। ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ ଭାରି କ୍ଷତିପୂରଣ ଧାର୍ଯ୍ୟ କରାଯିବ।

ଖଣ୍ଡପୀଠ କହିଥିଲେ ଯେ କୁକୁରଠାରେ ଏକ ସ୍ୱତନ୍ତ୍ର ପ୍ରକାରର ଭୂତାଣୁ ଥାଏ। ଏହାର କୌଣସି ଚିକିତ୍ସା ମଧ୍ୟ ନାହିଁ। ଏ ପର୍ଯ୍ୟନ୍ତ ଚାରି ଦିନ ଶୁଣାଣିରେ କେବଳ କୁକୁର ପାଇଁ ଭାବ ଥିବା ଦେଖିବାକୁ ମିଳୁଛି। ୯ ବର୍ଷର ଶିଶୁକୁ କୁକୁର କାମୁଡ଼ିଲେ କିଏ ଦାୟୀ ହେବ? ଏହି ପ୍ରସଙ୍ଗରେ କୋର୍ଟ ଆଖି ବନ୍ଦ କରିଦେବେ କି? ଜଣେ ମହିଳା ଓକିଲ ଶିଶୁଙ୍କୁ ରାସ୍ତାରୁ ହଟାଇବାକୁ କହିବାରୁ ଜଷ୍ଟିସ ମେହେଟା କହିଥିଲେ ଯେ ଏଭଳି କେମିତି କହିପାରୁଛନ୍ତି? କିଛି ଓକିଲ ଏଭଳି ଶିଶୁଙ୍କୁ ପୋଷ୍ୟ ନେବା ପାଇଁ ମାମଲା କରିବେ ବୋଲି ଆଶା। ୨୦୧୧ ପରଠାରୁ ସେ ମଣିଷ ପାଇଁ ଏଭଳି ଲମ୍ବା ବିତର୍କ କେବେ ଦେଖିନାହାନ୍ତି। ଏହା ସହିତ କୋର୍ଟ ଶୁଣାଣି ଶେଷ କରିଥିଲେ। ଆସନ୍ତା ୨୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ। ଏହା ବ୍ୟତୀତ କୁକୁର ପାଳିବାକୁ ଚାହୁଁଥିବା ଲୋକଙ୍କୁ ଲାଇସେନ୍ସ ନେବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

### ବଢ଼ିଲା ୭୦୦୦...

ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେନେଇ ଆମେ ବ୍ୟାପକ ପଦକ୍ଷେପ ନେବୁ। ସହାୟତା କେନ୍ଦ୍ର ସହ ଲୋକମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ପ୍ରସ୍ତୁତି ପାଇଁ ନିର୍ବାଚନ ଆୟୋଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେହି ନିର୍ଦ୍ଦେଶର ଅନୁପାଳନ କରାଯାଇଛି। ଅପରପକ୍ଷେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ସମାପ୍ତି ପରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ହେବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ଏସଆଇଆରକୁ ବିରୋଧୀ ଦଳ ଗୁଡ଼ିକ ପ୍ରବଳ ବିରୋଧ କରି ଆସୁଥିବା ବେଳେ ବିଜେଡି ମଧ୍ୟ ଏନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଏକ ସ୍ୱଚ୍ଛ ଏବଂ ସଠିକ୍ ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି। ମାତ୍ର ଯେଉଁଭଳି ଭାବେ ଏସ୍ଆଇଆର କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ। ମତଦାନ ଏକ ସାମ୍ବିଧାନିକ ଅଧିକାର। ଯେକୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡୁନାହାନ୍ତି, ତାହା ସୁନିଶ୍ଚିତ କରିବା ନିର୍ବାଚନ ଆୟୋଗଙ୍କ ଉତ୍ତର ଦାୟିତ୍ୱ। ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ ଦଳ କଦାପି ସମର୍ଥନ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

### ପୁଣି ଟ୍ରମ୍ପ ଟାରିଫ୍...

୫୦୦% ପର୍ଯ୍ୟନ୍ତ ଶୁଳ୍କର ସମ୍ମୁଖୀନ ହୋଇପାରନ୍ତି। ଏହା ଲାଗୁ ହେଲେ ଭାରତ ଉପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ମୋଟ ଟାରିଫ୍ ୫୭୫% ହୋଇଯିବ। ଯେହେତୁ ଭାରତ ଏବଂ ଇରାନ ମଧ୍ୟ ବାଣିଜ୍ୟ କାରବାର କରନ୍ତି, ତେଣୁ ଟ୍ରମ୍ପ ଇରାନ ସହିତ ବାଣିଜ୍ୟ ପାଇଁ ଭାରତ ଉପରେ ୨୫% ଶୁଳ୍କ ଲଗାଇପାରନ୍ତି। ତେଣୁ ଏହି ଟାରିଫର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଛି।

ଟ୍ରମ୍ପଙ୍କ ଅନୁଯାୟୀ, ଆମେରିକା ଇରାନର ହିଂସାତ୍ମକ ପ୍ରତିବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେହେରାନ୍ ଉପରେ ଚାପ ପକାଇବା ପାଇଁ ତା'ର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୨୫% ଶୁଳ୍କ ଲାଗୁ କରୁଛି। ଇରାନରେ ଚାଲିଥିବା ପ୍ରତିବାଦରେ ଶହ ଶହ ଲୋକଙ୍କ ମୃତ୍ୟୁ ହୋଇଛି। ଆମେରିକାର ରାଷ୍ଟ୍ରପତି ବାରମ୍ବାର ତେହେରାନ୍‌କୁ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛନ୍ତି। ଯଦି ଇସଲାମିକ ଗଣରାଜ୍ୟ ସରକାର ବିରୋଧୀ ପ୍ରତିବାଦକାରୀଙ୍କ ବିରୋଧରେ ମାରାତ୍ମକ ଶକ୍ତି ବ୍ୟବହାର କରୁଛି, ତେବେ ଆମେରିକା ଆକ୍ରମଣ କରିବ ବୋଲି ଟ୍ରମ୍ପ କହିଛନ୍ତି।

### ଭିଡିଓ ଭାଇରାଲ...

କ୍ୱାର୍ଟରକୁ ନେଇ ଯାଇଥିଲା। ସେଠାରେ ସେ ତାକୁ ଦୁଷ୍କର୍ମ କରିଥିଲା। ଖାଲି ସେତିକି ନୁହେଁ, ଅଭିଯୁକ୍ତଜଣଙ୍କ ପୀଡ଼ିତାଙ୍କର କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ୍ କରିଦେବାର ଧମକ ଦେଇ ପରବର୍ତ୍ତୀ ସମୟରେ ମଧ୍ୟ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏହି ନିର୍ଯାତନା ଯୋଗୁଁ ନାବାଳିକାଜଣଙ୍କ ଗୁରୁତର ଅସୁସ୍ଥ ହୋଇପଡ଼ିବା ସହ ପ୍ରବଳ ରକ୍ତସ୍ରାବ ହେବାରୁ ସେ ସାହସ ଜୁଟାଇ ପରିବାରଲୋକଙ୍କୁ ସମସ୍ତ କଥା ଜଣାଇଥିଲା। ପରିବାର ପକ୍ଷରୁ ଏନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହେବା ପରେ ପୁଲିସ ନମ୍ବର ୨୨/୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମଳୟଙ୍କୁ ଗିରଫ କରିଛି। ନାବାଳିକାଙ୍କର ଡାକ୍ତରୀମାଇନା କରାଯାଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ସରକାରଙ୍କୁ ୬ସପ୍ତାହ...

ନେବା ପାଇଁ କହିଛନ୍ତି ହାଇକୋର୍ଟ। ପ୍ରବୀର କୁମାର ଦାସ, ମନୋରଂଜନ ସାହୁ ଓ ସତୀଶ ବିଶ୍ୱାଳଙ୍କ ପକ୍ଷରୁ ରୁଜୁ ପୃଥକ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୨୪କୁ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ, ଲୋକାୟୁକ୍ତର ଅଧ୍ୟକ୍ଷ, ଜଣେ ବିଚାର ବିଭାଗୀୟ ସଦସ୍ୟ ଏବଂ ଅନ୍ୟ ଦୁଇ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ଗତ ୨୦୨୪ ମାର୍ଚ୍ଚ ୧୯, ୨୦୨୪ ମାର୍ଚ୍ଚ ୩୦, ୨୦୨୪ ଏପ୍ରିଲ୩ ଓ ଅଗଷ୍ଟ୭ରେ ଶେଷ ହୋଇଥିଲା। ଏଥିପାଇଁ ଗତ ୨୦୨୪ ଅଗଷ୍ଟ ୮ ତାରିଖରୁ ଲୋକାୟୁକ୍ତରେ ଅଚଳାବସ୍ଥା ଦେଖାଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ତତ୍କାଳୀନ ରାଜ୍ୟ ସରକାର ଗତ ୨୦୨୪ ଫେବ୍ରୁଆରୀ ୨୧ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଚୟନ ଓ ସର୍ଚ୍ଚ କମିଟି ଗଠନ କରିଥିଲେ ସୁଦ୍ଧା ଅଦ୍ୟାବଧି ନିଯୁକ୍ତି ଦିଆଯାଇପାରି ନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ଘରେ ନ ପଶୁଣୁ...

ଘୋଷଣା ହୋଇସାରିଛି। ତେଣୁ ଖାରବେଳ ଭବନ ଓ ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର ଓ ରାଜ୍ୟ ବିଧାନ ସୌଧକୁ ଛାଡ଼ିଦେଲେ ପାୱାର ହାଉସ ଛକ ଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଥିବା ସବୁ କାର୍ଯ୍ୟାଳୟ ଭଙ୍ଗାଯିବ ବୋଲି ମନ୍ତ୍ରୀଙ୍କ ମନ୍ତବ୍ୟ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୂର୍ତ୍ତମନ୍ତ୍ରୀଙ୍କ ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ ଅଫିସ ଖାରବେଳ ଭବନ ନିକଟରେ ନିର୍ମାଣ ହେବ। ଏହାପରେ ପାୱାର ହାଉସ ଛକକୁ ଲାଗି ଏଡିଏମ୍ ଅଫିସ, ଓସେପା ଅଫିସ୍ ପାଖରେ ନୂତନ ଲୋକସେବା ଭବନ ଅଫିସ୍ ରହିବ। ନୂଆ ବିଧାନ ସଭା ନିର୍ମାଣ ପରେ ପୁରୁଣା ବିଧାନସଭାକୁ ସନ୍ତକ ହିସାବରେ ରଖାଯିବ। ଏହାକୁ ମ୍ୟୁଜିୟମ ଭାବରେ ମଧ୍ୟ ବ୍ୟବହାର କରାଯିବ ଓ ଯଦି ଆଗକୁ ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ ପରିଷଦ ଗୃହ ଭାବେ ମଧ୍ୟ ବ୍ୟବହାର କରିହେବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟ କୋଠାଗୁଡ଼ିକ ଭାଙ୍ଗିବାକୁ ନେଇ କୌଣସି ଆପତ୍ତି ଥିଲେ ମଧ୍ୟ ମାତ୍ର ୨୭ ବର୍ଷ ତଳେ ନିର୍ମାଣ ହୋଇଥିବା ରାଜୀବ ଭବନର ଭଙ୍ଗାଯିବା ନିଷ୍ପତ୍ତିକୁ କେହି ଗ୍ରହଣ କରିପାରୁ ନାହାନ୍ତି। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାଁ ହଟାଇବା ପାଇଁ ଏହି ବିଲ୍ଡିଂକୁ ଭାଙ୍ଗିବାକୁ ବିଜେପି ସରକାର ଯୋଜନା କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୧୯୯୭ ମସିହାରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହି ବିଲ୍ଡିଂର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ୧୯୯୮ ଅକ୍ଟୋବର ମାସରେ ଏହାର ଉଦ୍‌ଘାଟନ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ଏହି ଅଟ୍ଟାଳିକାକୁ ନାମିତ କରାଯାଇଥିଲା। ଏହି ବିଲ୍ଡିଂରେ ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ସମେତ ଏସ୍ଆରସି ଓ ଏସ୍‌ଡମା ଅଫିସ ମଧ୍ୟ ରହିଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଗସ୍ତ କରି ଏଠାରେ ଥିବା ରାଜ୍ୟ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର ବୁଲି ଦେଖିଥିଲେ ଓ ରାଜୀବ ଭବନକୁ ଆହୁରି ସ୍ମାର୍ଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର କେଇଟା ମାସ ନ ଯାଉଣୁ ଏହି ଭବନକୁ ଭାଙ୍ଗିବାକୁ ସରକାରଙ୍କ ଘୋଷଣା କେହି ଗ୍ରହଣ କରିପାରୁନାହାନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଏପରି ନିଷ୍ପତ୍ତିକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହାକୁ ଅତି ଆଦରରେ ନିର୍ମାଣ କରିଥିଲେ। ହେଲେ ସରକାର ରାଜ୍ୟ ତଥା ଦେଶରୁ ଗାନ୍ଧୀ ନାମ ହଟାଇବା ପାଇଁ ଏହି ଉପାୟ ଆପଣାଇଛନ୍ତି। ରାଜୀବ ଭବନ ନିର୍ମାଣ ପୂର୍ବରୁ ଷ୍ଟେଟ୍ ଗେଷ୍ଟ ହାଉସ, ଉତ୍କଳ ବିଶ୍ୱ ବିଦ୍ୟାଳୟ ସହ ଅନେକ ବଡ଼ ବଡ଼ ବିଲ୍ଡିଂ ନିର୍ମାଣ ହୋଇଛି। ଏଗୁଡ଼ିକୁ 'ଅନସେଫ୍' ଘୋଷଣା କରି ସରକାର ଭାଙ୍ଗିଦେବେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ରାଜୀବ ଭବନ ବିଲ୍ଡିଂର ସମସ୍ତ ତଥ୍ୟ ସରକାରଙ୍କୁ ମଗାଯିବ। କିପରି ସରକାର ଏହାକୁ ଅନସେଫ୍ କଲେ, ତାହା ପରେ ଦଳ ଆଗାମୀ ନିଷ୍ପତ୍ତି ନେବ। ଲୋକଙ୍କ ବିକାଶ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ, ସେଥିପାଇଁ ଜିଜିଆ କର ଭଳି ଗାଡ଼ି ଚାଳକଙ୍କଠାରୁ ଟଙ୍କା ଆଦାୟ ହେଉଛି। ଏବେ କାହିଁକି ରାଜ୍ୟବାସୀଙ୍କ ଟଙ୍କାକୁ ଅପଚୟ କରିବାକୁ ସରକାର ଏହି ଉଦ୍ୟମ କରିଛନ୍ତି ବୋଲି କହି ଭକ୍ତ ସରକାରଙ୍କୁ ସମାଲୋଚନା କରିଛନ୍ତି।


GOVERNMENT OF ODISHA B-955

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR**

Phone/Fax: 0680-2233996, E-mail: sernb2.ganjam@gmail.com

INVITATION FOR BIDS (IFB) (e-Procurement)

TENDER CALL NOTICE

Bid Identification No. SC (R&B)-GM-II-29/2025-26 No. 202 Dated.07.01.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 05 Nos.
4) Tender Cost : Rs.6,000/-
5) Class of Contractor : HT of registered with the ELBO Authorized HT License
6) Availability of bid documents in the website : From 15.01.2026 10.00 AM to 27.01.2026 4.00 P.M.
7) Date of opening of Bid : 28.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-

i-472

**OFFICE OF THE PANCHAYATA SAMITI, SADAR, BALASORE**

INVITATION FOR BIDS THROUGH e-Procurement

**Bid Identification No-04 of 2025-26**

Invitation for Bids

| | | |
|---|---|---|
| 1 | The BLOCK DEVELOPMENT OFFICER SADAR BALASORE,on behalf of Government of Odisha invites percentage rate bids in single cover system in ONLINE MODE only,for Construction of Building work as detailed below. | |
| 2 | Name of Work | **Construction of Academic Building with Smart Classroom Facility at Nilamani Mahavidyalaya, Rupsa** |
| 3 | No of work | 01 Nos |
| 4 | Bid Cost | Rs.10,000/- |
| 5 | Class of Contractor | B License |
| 6 | Availability of Bid Documents in the website | From 10:00AM of 16.01.2026 to 5:00PM of 07.02.2026 |
| 7 | Date of Opening of Bid | Dt. 12.02.2026 at 11:00AM |
| 8 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR-

Block Development Officer
Sadar Balasore



**AFFIDAVIT**

By virtue of an affidavit sworn before Executive Magistrate, Ambabhona dated 13.09.2025, I, Bedamati Mahakud, S/o- Kanhu Charan Mahakud resident of Dwari, Ps.- Tah.- Ambabhona, Dist.- Bargarh, Odisha, Pin-768031 declare that, I have changed my name from **Debamati Mahakhud** to **Bedamati Mahakhud**. Hence- forth, I shall be known as **Bedamati Mahakhud** for all purposes.
Sd/- **Bedamati Mahakhud**

**AFFIDAVIT**

By virtue of an affidavit sworn before the Executive Magistrate, Kakatpur, vide CF. No. 05, dated 05.01.2026, **GANESH CHANDRA SAHOO**, S/o Banshidhar Sahoo resident of Vill.- Nasikeswar, PO- Sisua, Ps.- Kakatpur, Dist- Puri, declare that I have changed any name, from **GANESH SAHOO** to **GANESH CHANDRA SAHOO.** Henceforth I shall be known as **GANESH CHANDRA SAHOO** for all purposes.
Sd- **GANESH CHANDRA SAHOO**

**AFFIDAVIT**

By virtue of an affidavit before the Executive Magistrate, Nimapara, dtd. 04.12.2025, I, Sidhanta Swain, S/o Prasanta Swain, Vill- Chhenua, Po- Alipingal, Ps.- Nimapara, Dist.- Puri have changed my name from Sidhanta Kumar Swain (Old Name) to Sidhanta Swain (New Name). Henceforth, I shall be known as Sidhanta Swain for all purposes.
**Sd/- Sidhanta Swain**

**AFFIDAVIT**

I, Wasim Ahemed Khan, aged about 47 years, S/o- Abdul Wahid Khan, resident of At- Sainso, Po- Gobabasta, Ps- Cuttack Sadar, Dist- Cuttack, Odisha, PIN- 754001, Odisha declared by this affidavit No. 102, dtd- 13/01/2026 that now onwards I shall be known as **WASIM AHMED KHAN** for all future purposes.

**ନାମ ପରିବର୍ତ୍ତନ**

ମୁଁ ସିମାରାଣୀ ରାଉଳ ଓରଫ ସୋନିଆ ରାଉଳ ବୟସ ୨୨ ବର୍ଷ, ପିତା- ରମେଶ ଚନ୍ଦ୍ର ରାଉଳ, ଗ୍ରାମ/ପୋ/ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଭୋଟର ପରିଚୟ ପତ୍ର, ଏସ.ବି.ଆଇ ବ୍ୟାଙ୍କ୍ ପାସ୍ ବୁକ୍ ଓ ଆଧାର କାର୍ଡ଼ରେ ମୋର ନାମ ସୋନିଆ ରାଉଳ ଉଲ୍ଲେଖ ଥାଇ ଏଲ୍ଆଇସି ପଲିସି ବଣ୍ଡ ନଂ- **585918134** ରେ ମୋର ନାମ ସୋନିଆ ରାଉଳ ପରିବର୍ତ୍ତେ ସିମାରାଣୀ ରାଉଳ ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- **6051,** ତା-୦୯/୦୯/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସୋନିଆ ରାଉଳ, ପିତା- ରମେଶ ଚନ୍ଦ୍ର ରାଉଳ ନାମରେ ପରିଚିତ ହେବି।

**AFFIDAVIT**

By virtue of an Affidavit No- 2960 before the Executive Magistrate, Bhadrak dtd- 24/10/2025, I , Sasmita Biswal, 44 yrs, W/o-Nalini Kant Das Mohapatra, resident of Akshar Vihar, Vadodara, Gujara–390009, declare that my name appears as Sasmita Biswal in all records, but as Sasmita Das Mohapatra in my son Aryan Das Mohapatra's birth certificate. Both Sasmita Biswal and Sasmita Das Mohapatra are one and the same person. Henceforth, I will be known as **SASMITA BISWAL** W/o- Nalini Kant Das Mohapatra for all purpose.

**AFFIDAVIT**

I, Rubina Banoo, aged about 51 years, W/o- Mohammed Dawood, resident of Ward No. 10, Mangali Sahi, Kotpad, Po- Kotpad, Ps- Kotpad, Dist- Koraput, Odisha, Pin- 764058, do hereby declare by this affidavit No.101, dtd- 13/01/2026, that now onwards I shall be known as **RUBINA BANO** for all future purposes.

**ହଜିଛି**

ମୁଁ **ରେଣୁବାଳା ଭୂୟାଁ,** ବୟସ: ୪୬ ବର୍ଷ ସ୍ୱାମୀ: ସୋମନାଥ ଭୂୟାଁ, ସ୍ଥାୟୀ ଠିକଣା- ସା: ଧରାଧରପୁର, ପୋ/ଥାନା: ରଘୁନାଥପୁର, ଜିଲ୍ଲା: ଜଗତସିଂହପୁର- ୭୫୪୧୩୧ ଏବଂ ବର୍ତ୍ତମାନ ଠିକଣା- ସା: ପ୍ରଫେସରପଡା, ପୋ: କଲେଜ ଛକ, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ-୭୫୩୦୦୩, ଓଡ଼ିଶା, ଘୋଷଣା କରୁଅଛି କି, ଅରଜିନାଲ ପଟ୍ଟା ଯାହାର ଖାତା ନଂ.: ୭୭୨/୩୦୯୪, ତା.: ୨୫.୦୨.୨୦୧୫, ପ୍ଲଟ୍ ନଂ.: ୨୫୩୯/୭୫୮୦, ମୌଜା: ନିମପୁର, ତହସିଲ: ଟାଙ୍ଗୀ- ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶାକୁ ଜୟଶ୍ରୀ ପଣ୍ଡା, ସ୍ୱାମୀ: ଅନିଲ କୁମାର ପଣ୍ଡା, ଠିକଣା- ସା: ରତଗଡା, ଲେଙ୍କା ସାହି, ଗୋଡିସାହି, ଜିଲ୍ଲା: କଟକ - ୭୫୪୦୦୬, ଓଡ଼ିଶା, ମୂଳ ବିକ୍ରୟ ଦଲିଲ୍ ନଂ.: ଆଇଏନ- ୧୦୪୩୧୨୦୨୦୭୫, ତା.୨୮.୦୫.୨୦୧୨ଙ୍କ ଠାରୁ କ୍ରୟ କରିଥିଲି। ଯିଏକି ଏହାକୁ ୧) ବିଶ୍ୱନାଥ ସାହୁ, ୨) ସତ୍ୟ ନାରାୟଣ ସାହୁ, ୩) ଜନାର୍ଦ୍ଦନ ସାହୁ, ସମସ୍ତଙ୍କ ପିତା: ୪ ଲକ୍ଷ୍ମଣ କୁମାର ସାହୁ, ସମସ୍ତଙ୍କ ଠିକଣା ସା: ଦରଦଶାସନ, ପୋ: କନ୍ଦରପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶାଙ୍କ ଠାରୁ କ୍ରୟ କରିଥିଲେ। ଉପରୋକ୍ତ ଦଲିଲଗୁଡିକ ତା.୦୫.୦୧.୨୦୨୬ ଅପରାହ୍ନ ୨.୦୦ ଘ. ରେ ଏଗୁଡିକ କେରକ୍ସ କରିବାକୁ ଯିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ **ଓକିଲ ଫଗୁ ସାମଲ-** ୯୪୩୮୬୭୦୮୫୭ରେ ଯୋଗାଯୋଗ କରିବେ।

**କବଲା ହଜିଛି**

ମୁଁ, ଶ୍ରୀମତୀ ଭାଗ୍ୟଶ୍ରୀ ଧାନୀ, ସ୍ୱାମୀ: ଶ୍ରୀ ଦେବସ୍ୱରୂପ ଧାନୀ, ବାସସ୍ଥାନ: ସା: ୱାର୍ଡ ନଂ.: ୧୧, ବାସୁଦେବପୁର ଏନ୍ଏସି, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ ଘୋଷଣା କରୁଅଛି କି, ମିଳିତଭାବେ ଶ୍ରୀମତୀ ଭାଗ୍ୟଶ୍ରୀ ଧାନୀ ଏବଂ ଶ୍ରୀମତୀ ନିବେଦିତା ବେହେରାଙ୍କ ନାମରେ ଥିବା ପଟ୍ଟା ଯାହାର ଖାତା ନଂ.: ୧୪୯୪/୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/୯୦୦୦, ୩୭୭୭/୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲିର ମୂଳ ଲିଙ୍କ୍ ଦଲିଲ୍ ନଂ.: ୧୦୨୪୧୩୦୦୫୯୫ ଏବଂ ୧୦୨୪୧୩୦୦୫୯୬, ତା.୧୨.୦୩.୨୦୧୩, ମୂଳ ଲିଙ୍କ୍ ଦଲିଲ୍ ନଂ.: ୧୦୨୪୧୩୦୦୮୩୯, ତା.୦୩.୦୪.୨୦୧୩ ଏବଂ ମୂଳ ଲିଙ୍କ୍ ଦଲିଲ ନଂ.୧୦୨୪୧୩୦୦୩୦୪ ତା.୦୫.୦୨.୨୦୧୪, ତା୦୩.୦୧.୨୦୨୬ରେ ସା: ରାଧାକାନ୍ତପୁରରେ ଥିବା ମୋର ରାଇସ୍ ମିଲକୁ ବାସୁଦେବପୁରରୁ ଯାଉଥିବା ସମୟରେ କେଉଁଠାରେ ହଜିଯାଇଛି ।

ବର୍ତ୍ତମାନ ମୁଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଋଣ ପାଇବା ନିମନ୍ତେ ସମ୍ପତ୍ତି ଯାହାର ଖାତା ନଂ.: ୧୪୯୪/୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/୯୦୦୦, ୩୭୭୭/୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲି, ମୌଜା: ରାଧାକାନ୍ତପୁର, ଥାନା: ବାସୁଦେବପୁର-୭୪, ତହସିଲ: ବାସୁଦେବପୁର-୨୫, ଜିଲ୍ଲା: ଭଦ୍ରକକୁ ବନ୍ଧକ ରଖିବାକୁ ଯାଉଛି । ଯଦି ଏହି ସମ୍ପତ୍ତିର ମାଲିକାନା ଉପରେ କିମ୍ବା ଅନ୍ୟଥା କୌଣସି ବ୍ୟକ୍ତିଙ୍କର କିଛି ଦାବୀ କିମ୍ବା ଅଭିଯୋଗ ଥାଏ ତେବେ ସେ ଏହି ନୋଟିସର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖି ପାରିବେ ।

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**
IA.No. 1 OF 2025
IN
M.A.T.O.P.No. 136 OF 2024

**BETWEEN:**
Yesuri Siva Rama Prasad is being in COMA Rep. by his wife and Guardian Yesuri Krishna Kumari (Died) through his legal heirs...
**Petitioners / Claim Petitioners**
**AND**
Ramanath Ray & Others
**... Respondents / Respondents**

To:
Saizar Enterprice Pvt. Ltd.,Rep. by Name not known, Occ: Owner of Lorry BearingNo. NL 01 AB-0929, Permanent Address: Kalinga Marg, Jakhapura village, Jajapur, Odisha – 755020. (R2).

Take Notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are here by directed to appear before the Hon'ble court on 12-02-2026 at about 10-30 A.M. in person or through an advocate without fail. Failing which the matter will be decided ex-parte against you.

**by order of the Hon'ble court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**
**Date: 11-01-2026, Place: Khammam**

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**
M.A.T.O.P. No. 136 OF 2024

**BETWEEN:**
Yesuri Siva Rama Prasad is being in COMA,Rep. by his wife and Guardian Yesuri Krishna Kumari
**... Claim Petitioners**
**AND**
Ramanath Ray & Others
**... Respondents**

To:
Saizar Enterprice Pvt. Ltd., Rep. by Name not known, Occ: Owner of Lorry Bearing, No. NL 01 AB-0929, Permanent Address: Kalinga Marg, Jakhapura Village, Jajapur, Odisha- 755020. (R2).

Take notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are hereby directed to appear before the Hon'ble Court on 12-02-2026 at about 10-30 A.M. in person or through an advocate without fail. Failing which, the matter will be decided ex-parte against you.

**Date: 11-01-2026**
**Place: Khammam**
**By order of the Hon'ble Court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**

## ଚର୍ଚ୍ଚିକା ମନ୍ଦିରରୁ ଲୁଟ୍ ଘଟଣା

# ୪୫ ଦିନ ପରେ ଅଭିଯୁକ୍ତ ଗିରଫ

ଜଗତସିଂହପୁର,୧୩।୧(ସମିସ)



**ରୂପା ଅଳଙ୍କାର, ବାଇକ୍, ୨ଟି ପାସପୋର୍ଟ ଜବତ**

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମା' ଚର୍ଚ୍ଚିକା ମନ୍ଦିରରୁ ଗତ ୨୦୨୪ ନଭେମ୍ବର ୨୭ ତାରିଖରେ ତାଲା ଭାଙ୍ଗି ଲୁଟ ଘଟଣାର ୪୫ ଦିନ ପରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଲୁଟେରା ଜଣକ ହେଲେ ନିକଟସ୍ଥ ଗାଲୁପଡା ଗ୍ରାମର ସେକ ନବାବ। ଏଥିସହିତ ୪ହଳ ରୂପା ଆଖି, ରୂପା ମୁକୁଟ, ରୂପା ନାକ, ରୂପା ଓଠ, ଗୋଟିଏ ବାଇକ, ୨ଟି ପାସପୋର୍ଟ, ୫ଟି ମୋବାଇଲ, ୫ଟି ପିତଳ ଥାଳି, ୭ଟି ଘଣ୍ଟି, ୪ଟି ଘଣ୍ଟା ଏବଂ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ଆଇଙ୍କ ବାବୁରାଓ ମାନେ। ଶ୍ରୀ ମାନେଙ୍କ ସୂଚନା ଅନୁସାରେ ନଭେମ୍ବର ୨୭ ତାରିଖ ଚୋରି ସମ୍ପର୍କରେ ରିପୋର୍ଟ ମିଳିବା ପରେ ଏସ୍‌ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶରେ ଏକାଧିକ ପୁଲିସ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିଲା। ୫୦ ସିସିଟିଭି ଫୁଟେଜ ଏବଂ ଭିନ୍ନ ଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଲିସ ବିରିଡ଼ି ଥାନା ଅଞ୍ଚଳରୁ ଜଣେ ଅଭିଯୁକ୍ତ ସେକ୍ ନବାବକୁ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ନବାବ ମଧ୍ୟ ମନ୍ଦିର ଚୋରି ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଲୋକଙ୍କ ଘରୁ ଅନ୍ୟ ସହଯୋଗୀ ମାନଙ୍କ ସହିତ ଚୋରି ଘଟଣାରେ ସଂପୃକ୍ତ ଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ନବାବ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଲିସ ତାଙ୍କ ଘର ପଛରେ ଲୁଚା ଯାଇଥିବା ଚୋରି ସାମଗ୍ରୀ ଜବତ କରିଥିଲା। ଆଉ କିଛି ଜିନିଷ ଜଗତପୁର ପାର ବଜାରରେ ତା' ପତ୍ନୀ ପାଖରେ ଥିବା ନବାବ ପ୍ରକାଶ କରିବା ପରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ତେବେ ପୁଲିସଙ୍କୁ ଦେଖି ପତ୍ନୀ ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପୁଲିସ ସେଠାରେ ଥିବା ଚୋରି ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଏହି ଚୋରି ଗ୍ୟାଙ୍ଗରେ ଥିବା ସଦସ୍ୟମାନେ ଚୋରି କରି ଆଣିଥିବା ସାମଗ୍ରୀ ସେମାନଙ୍କ ପତ୍ନୀମାନଙ୍କ ଦ୍ୱାରା ବିକ୍ରି କରୁଥିଲେ। ଏଥିରୁ ମିଳୁଥିବା ଅର୍ଥ ପରିବାର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ ହୁଏ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଗିରଫ ସେକ୍ ନବାବ ଜଗତସିଂହପୁର ସଦର ଥାନାର ଅନ୍ୟ ଦୁଇଟି ମାମଲାରେ ସମ୍ପୃକ୍ତ ଥିବା ବେଳେ ଆଜି ତାକୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ମାନେ ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଏସପି ସତ୍ୟବ୍ରତ ଦାଶ ଏବଂ ସଦର ଥାନା ଆଇଆଇସି ସରୋଜ ସାମଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ● ସ୍କୁଲ ବସ୍‌କୁ ପଛରୁ ପିଟିଲା ଟ୍ରକ୍

# ୫ ଛାତ୍ର ଆହତ; ଜଣେ ଗୁରୁତର

ରଘୁନାଥପୁର,୧୩।୧(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ପଞ୍ଚାୟତର କଟକ ପାରାଦୀପ ରାସ୍ତାର ଖଣ୍ଡତରିଠାରେ ଏକ ସ୍କୁଲ୍ ବସ୍‌କୁ ପଛପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। କଲରାବାଙ୍କ ସ୍ଥିତ କଳିଙ୍ଗ ଇଂଲିଶ ମିଡିଅମ ସ୍କୁଲର ବସ୍ ରାହାମା ଅଞ୍ଚଳରୁ ପିଲାଙ୍କୁ ନେଇ ଆସୁଥିବା ବେଳେ ଖଣ୍ଡତରି ନିକଟରେ ବାଙ୍କରେ ପଛ ପଟୁ ଏକ ଟ୍ରକ୍ ଆସି ଧକ୍କା ଦେଇଥିଲା। ଫଳରେ ସ୍କୁଲ ବସ୍‌ରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଥିବା ବେଳେ ଜଣଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତିର୍ତ୍ତୋଲ ଥାନା ବାଲିଆର ଜନ୍ମେଜୟ ଓମ ପ୍ରକାଶ ଦଳେଇ (୧୫), ରଥିପୁରର ଆୟୁଷ ମହାପାତ୍ର (୧୬), ତିର୍ତ୍ତୋଲର ନିର୍ମାଲ୍ୟ ମଲ୍ଲିକ (୧୫), ହାବେଳି ଗ୍ରାମର କୁମାର ରୋହିତ (୧୫) ଏବଂ ରାହାମା ଅଞ୍ଚଳର ସ୍ନେହାଂଶ ରାୟ (୧୪)ଙ୍କୁ ଛାଡ଼ି ଦିଆଯାଇଛି। ଏଥିସହ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ଗୁରୁତର ଥିବା ବିଦ୍ୟାଧରପୁର ଗ୍ରାମର ବିଶ୍ୱଜିତ ଦାସଙ୍କ ପୁଅ ରବିନାରାୟଣ ଦାସ (୧୪)ଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ରେଫର କରିଛନ୍ତି। ଏ ନେଇ ସ୍କୁଲ ବସ୍ ଚାଳକଙ୍କ ପକ୍ଷରୁ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ୯/୨୦୨୬ରେ ମାମଲା ରୁଜୁ କରି ଟ୍ରକ୍ ଚାଳକକୁ ଅଟକ ରଖି ପରେ ନୋଟିସ୍‌ରେ ଛାଡିଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।



# ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ତିର୍ତ୍ତୋଲ,୧୩।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ମକରପଡ଼ିଆ ସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲର ଦଶମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଗୋଲକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଗୁରୁମା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚୌଦ୍ୱାରସ୍ଥିତ ଚାରିବାଟିଆର ମହାସିଦ୍ଧକାଳୀ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱାମୀ ଶିବ ସତ୍ୟାନନ୍ଦ ସରସ୍ୱତୀ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସର୍ଗମ୍'କୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଏମ୍‌ଏନ୍‌ଏସ୍ ପାରାଦୀପର ଡେପୁଟି ମ୍ୟାନେଜର ସୁପ୍ରିୟା ସ୍ୱାଇଁ, ପ୍ରାର୍ଥନା ଡିଜିଟାଲ୍‌ର ଅଭିନନ୍ଦନ ଦାସ , ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ଡ ସୁନାକର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ କୁମାର ଉତ୍ସବ ସମିତିର ସଭାପତି ବିମଳ ମହାପାତ୍ର, ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ବସନ୍ତମଞ୍ଜରୀ ଦାସ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ଭାଗ୍ୟଶ୍ରୀ ପରିଜା ମଞ୍ଚ ପରିଚାଳନା କରିଥିବା ବେଳେ ଓଷ୍ଟାର ରାଜ୍ୟ ସମ୍ପାଦକ ଓ ପରିଚାଳନା ସମିତିର ବରିଷ୍ଠ ସଭ୍ୟ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦ ଗାୟତ୍ରୀ ଯଜ୍ଞର ପ୍ରସ୍ତୁତି ବୈଠକ

ପାରାଦୀପ,୧୩।୧(ସମିସ): ଏରସମା ବ୍ଲକ ଅଧିନ ଅରଡ଼ା ବ୍ଲକ ପଡ଼ିଆ ଭକ୍ତିକ୍ଷେତ୍ରଠାରେ ଭକ୍ତି ବାବାଙ୍କ ପୌରୋହିତରେ ଗୁରୁକୃପା ଟ୍ରଷ୍ଟ ଆନୁକୂଲ୍ୟରେ ଅରଡା ଗ୍ରାମବାସୀଙ୍କ ସହଯୋଗ କ୍ରମେ ଚଳିତ ଜାନୁଆରୀ ମାସ ୩୦, ୩୧ ଓ ଫେବୃୟାରୀ ୧ ତାରିଖରେ ତିନି ଦିନ ହେବାକୁ ଥିବା ତ୍ରୟୋଦଶ ବାର୍ଷିକ ଗାୟତ୍ରୀ ଯଜ୍ଞର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟ୍ରଷ୍ଟର ସଭାପତି ନୂତନ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ ବହୁ ଭକ୍ତ ପ୍ରେମୀ ଉପସ୍ଥିତ ଥିଲେ। ତେବେ ଅନୁଷ୍ଠିତ ଯଜ୍ଞରେ ଅଞ୍ଚଳର ଭକ୍ତ ପ୍ରେମୀ ସପରିବାର ଯୋଗ ଦେବା ପାଇଁ ଗୁରୁକୃପା ଟ୍ରଷ୍ଟ ତଥା ଭକ୍ତି ପରିବାର ବାଲୁଙ୍କେଶ୍ୱର ଆଇଡିଆଲ କ୍ଲବ ପକ୍ଷରୁ ନିବେଦନ କରାଯାଇଛି।

# ଏସ୍‌ଭିଏମ୍ କଲେଜରେ ଯୁବ ଦିବସ

ଜଗତସିଂହପୁର,୧୩।୧(ସମିସ): ଜଗତସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ କଲେଜର ବିଜୁ ପଟ୍ଟନାୟକ ଅଡିଟୋରିୟମ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଏବଂ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ସୁଜାତା ଓରା ଏଥିରେ ଅଧ୍ୟକ୍ଷତା କରିବା ସହିତ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କଲେଜ ପରିଚାଳନା କମିଟିର ସଭାପତି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ମୁଖ୍ୟଅତିଥି ଏବଂ ବାବାଜୀ ସତ୍ୟାନନ୍ଦ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନ ଗାଥା ଓ ଦାର୍ଶନିକ ବିଚାରଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଲିଖିତ ପୁସ୍ତକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସେହିପରି ସ୍ୱାମୀଜୀଙ୍କ ଜୀବନୀ ସମ୍ପର୍କୀତ ବକ୍ତୃତା ପ୍ରତିଯୋଗିତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ.ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀକୃଷ୍ଣ ଏକାଡେମୀରେ ସାମୂହିକ ବନ୍ଦେ ମାତରଂ ଗାନ




ଜଗତସିଂହପୁର,୧୩।୧(ସମିସ): ଶ୍ରୀକୃଷ୍ଣ ଏକାଡେମୀ ପ୍ରାଙ୍ଗଣରେ ପୌର ପରିଷଦ ଜଗତସିଂହପୁର ଓ ବିଦ୍ୟାଳୟର ମିଳିତ ସହଯୋଗରେ "ବନ୍ଦେ ମାତରଂ"ର ୧୫୦ତମ ବାର୍ଷିକୀ ଅବସରରେ ସାମୂହିକ ଗାନ ଓ ଜାତୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ନିର୍ବାହୀ ଅଧିକାରୀ ସୀମା ଜେନା, ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ସ୍ୱଚ୍ଛସାଥି, ପୌର ପରିଷଦ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆତ୍ମନିର୍ଭର ସ୍ୱଦେଶୀ ସଂକଳ୍ପ ପତ୍ର ସମ୍ବନ୍ଧୀୟ ଏକ ଶପଥପାଠ କରିଥିଲେ। ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀକୃଷ୍ଣ ମହାପାତ୍ର, ପୂର୍ବତନ କୃତି ପ୍ରଧାନ ଶିକ୍ଷକଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରତାପ ଚନ୍ଦ୍ର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାଲାସେମିଆ ପୀଡ଼ିତଙ୍କୁ ସହାୟତା

କୁଜଙ୍ଗ,୧୩।୧(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବଦଗବପୁର୍ ଗ୍ରାମର ଥାଲାସେମିଆ ରୋଗରେ ପୀଡ଼ିତ କ୍ରିଷ୍ଣା ବେହେରାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କ୍ରିଷ୍ଣାଙ୍କ ପିତା ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। କ୍ରିଷ୍ଣା ଜନ୍ମରୁ ଥାଲାସେମିଆ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ଅର୍ଥାଭାବରୁ ବାପା ତାଙ୍କର ଚିକିତ୍ସା କରାଇବାରେ ଅସମର୍ଥ। ତ୍ରୁ ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ.ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସୁଧାକର ମହାନ୍ତି, ବିଶ୍ୱନାଥ ସ୍ୱାଇଁ, ହରେକୃଷ୍ଣ ବେହେରା ଏବଂ ସତ୍ୟବ୍ରତ ଦାସ ପ୍ରମୁଖ କ୍ରିଷ୍ଣାଙ୍କ ବାସଭବନରେ ପହଞ୍ଚି ତାଙ୍କ ବାପାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ରାଜ୍ୟ ସ୍କାଉଟ୍ ଗାଇଡ୍ ଜାମ୍ବୋରୀରେ ଜଗତସିଂହପୁର ଜିଲ୍ଲାର କୃତିତ୍ୱ



ଜଗତସିଂହପୁର,୧୩।୧(ସମିସ): ଓଡ଼ିଶା ରାଜ୍ୟ ସ୍କାଉଟ ଓ ଗାଇଡ୍ ସଂଗଠନ ତରଫରୁ ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପାହାଡ଼ ପାଦଦେଶରେ ଆୟୋଜିତ ୨୦ତମ ରାଜ୍ୟ ଜାମ୍ବୋରୀରେ ଜଗତସିଂହପୁର ଜିଲ୍ଲା ସ୍କାଉଟ ଗାଇଡ୍ ସଂଗଠନ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସ୍କାଉଟ ଗାଇଡ୍ ସଂଗଠନର ଜିଲ୍ଲା ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସମ୍ପାଦକ ଜୟନ୍ତ କୁମାର ରାୟଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସଂଗଠନ କମିଶନର ତଥା କଣ୍ଟିଜେଣ୍ଟ ଲିଡର ପ୍ରତାପ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଏକ ୬୧ ଜଣିଆ ସ୍କାଉଟ/ଗାଇଡ୍ ଦଳ ଏହି ଜାମ୍ବୋରୀରେ ଭାଗ ନେଇଥିଲେ। ଦଳଗତ ପ୍ରତିଯୋଗିତାରେ ୨ଟି ବିଭାଗରେ ପ୍ରଥମ ସ୍ଥାନ, ୧ଟି ବିଭାଗରେ ଦ୍ୱିତୀୟ ସ୍ଥାନ ଓ ୨ଟି ବିଭାଗରେ ତୃତୀୟ ସ୍ଥାନ ତଥା ବ୍ୟକ୍ତିଗତ ପ୍ରତିଯୋଗିତାରେ ୪ଟି ସ୍ୱର୍ଣ୍ଣ ପଦକ ଓ ୩ଟି ରୌପ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏଥିରେ ଶ୍ରୀକୃଷ୍ଣ ଏକାଡେମୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରସୁଲପୁର ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମଣ୍ଡା ସାହି ଓ ମା' ଶାରଳା ବିଦ୍ୟାପୀଠ ଜୟପୁର ପ୍ରଭୃତିର ମୋଟ ୫୬ ଜଣ ସ୍କାଉଟ ଗାଇଡ୍ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଟ୍ରେନିଂ କମିଶନର ଅମୂଲ୍ୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଚିସ୍ମିତା ସ୍ୱାଇଁ, ସ୍କାଉଟ୍ ମାଷ୍ଟର ସଞ୍ଜମ କିଶୋର ମହାନ୍ତି ଓ ଗାଇଡ୍ କ୍ୟାପଟେନ୍ ଆରଖିକା ମହାନ୍ତି ଯୋଗଦାନ କରି ସ୍କାଉଟ/ଗାଇଡ୍ ମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି କୃତିତ୍ୱ ପାଇଁ ଜିଲ୍ଲା ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ଜିଲ୍ଲା ଉପ ମୁଖ୍ୟ କମିଶନର ରାଜଶ୍ରୀ ସାହୁ ଓ ଜିଲ୍ଲା ସଂପାଦକ ତଥା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ ପ୍ରମୁଖ ଜିଲ୍ଲା ସଂଗଠନର ସମସ୍ତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତିଯୋଗୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଇତିହାସ ବିଭାଗର ଜାତୀୟ ସଂପାନ




ପାରାଦୀପ, ୧୩।୧ (ସମିସ): ପାରାଦୀପ ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ସାଧାରଣ ପାଠ୍ୟ ପଦ୍ଧତି ବାହାରେ ଇତିହାସ ଅନୁଶୀଳନ ଓ ପୁନର୍ଲିଖନ ଉପରେ ଏକ ଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେମିନାରର ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ। ସମ୍ମାନିତ ଅତିଥି ଭାବେ ପାରାଦୀପ ସାର କାରଖାନାର ଅଧିକାରୀ ଅମ୍ବିକେଶ କୁମାର ମିଶ୍ର। ବିଭାଗୀୟ ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସେମିନାରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସନ୍ତୋଷ ମିଶ୍ର ଇତିହାସ ବିଭାଗର ବିଭିନ୍ନ କାର୍ଯ୍ୟ ବିଷୟରେ ଏକ ରିପୋର୍ଟ ପ୍ରଦାନ କରିଥିଲେ। ସେମିନାରର ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ସ୍ଥିତ ଭାରତୀୟ ଇତିହାସ କାଉନସିଲ ଗବେଷଣା କେନ୍ଦ୍ରର ସଦସ୍ୟ ପ୍ରଫେସର ଡ. ହରିହର ପଣ୍ଡା ଯୋଗ ଦେଇଥିଲେ। ଟେକ୍ନିକାଲ ସେକସନ୍‌ରେ ଯୋଗଦେଇଥିଲେ କାର୍ଡର ଡାଇରେକ୍ଟର ତଥା ଯୁବ ଐତିହାସିକ ଡ. ବିକ୍ରମ କେଶରୀ ଜେନା। ବିଭିନ୍ନ ଜିଲ୍ଲାର ବହୁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷଣା ରତ ବିଦ୍ୟାର୍ଥୀ ନିଜ ନିଜର ସନ୍ଦର୍ଭ ଅଧ୍ୟୟନ କରିଥିଲେ ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଉଦ୍‌ଯାପନୀ ପର୍ବରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ବିକ୍ରମ କେଶରୀ ଜେନା ଇତିହାସ ଓ ସମସାମୟିକ ସମାଜ ଉପରେ ଏହାର ପ୍ରଭାବ, ତଥା ନୂତନ ଅନୁଶୀଳନର ଗୁରୁତ୍ୱ ବିଷୟରେ କହିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ ଦେଇଥିଲେ।

## ● କନିଷ୍ଠ ଖଣି ଅଧିକାରୀଙ୍କୁ ଗ୍ରାମବାସୀ ଘେରିବା ଘଟଣା

# ଥାନାର ଦ୍ୱାରସ୍ଥ ହେଲେ ଅଧିକାରୀ



ନାଉଗାଁ,୧୩।୧(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଗଳଦାରିରେ କନିଷ୍ଠ ଖଣି ଅଧିକାରୀଙ୍କୁ ଘେରିଗଲେ ଶତାଧିକ ଗ୍ରାମବାସୀ। ନାଉଗାଁ ତହସିଲ ଅଧୀନ ଏକ ଚାଷ ଜମିରେ ବେଆଇନ୍ ଭାବରେ ମାଟି ଖୋଳା ଯାଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଘଟଣାସ୍ଥଳକୁ ଯାଇଥିଲେ। ମାଟିଖୋଳା କାର୍ଯ୍ୟରେ ନିୟୋଜିତ ଥିବା ଏକ ଟ୍ରାକ୍ଟର, ଜେସିବି ମେସିନ ଉପରେ ଜରିମାନା କରାଯିବ ବୋଲି କହିଥିଲେ। ଅନ୍ୟ ପଟେ ନିଜ ଜମିରୁ ମାଟି ଉଠାଇ ପାଖ ଖାଲ ଜମି ପୋତାଯାଉଥିବା ଦର୍ଶାଇ ଜମି ମାଲିକ ବିରୋଧ କରିଥିଲେ। କଥା ପ୍ରଘଟ ହେବା ପରେ ଆଖପାଖ ଲୋକେ ରୁଣ୍ଡ ହେବା ସହ ଖଣି ଅଧିକାରୀଙ୍କ ନିଷ୍ପତିକୁ ବିରୋଧ କରିଥିଲେ। ଯାହା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କନିଷ୍ଠ ଖଣି ଅଧିକାରୀ ଉପଜିଲ୍ଲାପାଳ ଓ ନାଉଗାଁ ତହସିଲ ଅଧିକାରୀଙ୍କୁ ଜଣାଇବା ପରେ ସ୍ଥାନୀୟ ପୁଲିସ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଆଜି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ସଂପୃକ୍ତ ଘଟଣାକୁ ନେଇ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଅନେକ ଲୋକେ ଘେରିଯିବା ସହିତ ଖରାପ ଭାଷାରେ ଗାଳିଗୁଲଜ ଓ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ନାଉଗାଁ ପୁଲିସ ଘଟଣାର ତଦନ୍ତ କରୁଛି।

# ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟର ଯୁବ ଦିବସ



ପାରାଦୀପ,୧୩।୧(ସମିସ): ପାରାଦୀପର ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ରାଷ୍ଟ୍ରୀୟଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସ୍ଥାନୀୟ ଜୟଦେବ ସଦନ ଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ସଭାକୁ ଉଦଘାଟନ କରିଥିଲେ। ବକ୍ତା ଭାବେ ସାଂସଦ ଡ. ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦରର ପୂର୍ବତନ ଟ୍ରଷ୍ଟି ଭୁବନ ମୋହନ ଜେନା ଓ ଯୋଗଗୁରୁ ତାପସ ରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି ବିଭୁପ୍ରସାଦ ନାୟକ ଉକ୍ତ ସଭାରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ଭାଇସ ଚେୟାରମ୍ୟାନ ବରିଷ୍ଠ ଆଇନଜୀବୀ ଦେବବ୍ରତ ସାହୁ ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସକାଳେ ବନ୍ଦର ସିଏମ୍‌ଇ ସୁଶୀଲ କୁମାର ନାହାକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିନରେ ବିଭିନ୍ନ ସ୍କୁଲର କୁନିକୁନି ପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଅୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅତିଥିମାନେ ଶ୍ରେଷ୍ଠ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ।

# ୧୫ରୁ ଜଗତସିଂହପୁର ପୁସ୍ତକ ମେଳା

ଜଗତସିଂହପୁର,୧୩।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ୨୭ତମ ପୁସ୍ତକମେଳା ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ୨୭ତମ ପୁସ୍ତକମେଳାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଆସନ୍ତା ପୁସ୍ତକମେଳାରେ ୭୪ଟି ପୁସ୍ତକ ପ୍ରକାଶନ ସଂସ୍ଥା, ୫୪ଟି ଷ୍ଟଲ (ଜାତୀୟ ବାଣିଜ୍ୟ ମେଳା) ସହ ୧୦ଟି ଖାଦ୍ୟ ଷ୍ଟଲ ଖୋଲିବ। ସେହିପରି ଆଦିକବି ସାରଳା ଦାସଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ପରିଷଦର ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ସାମ୍ବାଦିକମାନଙ୍କ ସହଯୋଗ ପାଇଁ ପ୍ରଶଂସା କରିବା ସହ ସମସ୍ତଙ୍କୁ ପୁସ୍ତକ ମେଳାରୁ ବହିଟିଏ କିଣି ଏହି ମେଳାକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ। ଏହି ସାତଦିନ ବ୍ୟାପୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ସାଂସଦ ଯୋଗଦାନ ସହିତ ରାଜ୍ୟର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ନେଇ ସାହିତ୍ୟ ଚର୍ଚ୍ଚା, ଓପନ କୁଇଜ ପ୍ରତିଯୋଗିତା, ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସାରଦା ପ୍ରସାଦ ଦାସ ସୂଚନା ପ୍ରଦାନ କରିଥିଲେ। ଉପ ସଭାପତି ବିଜୟ କୁମାର ରାଉତ ଏହିବର୍ଷ ପୁସ୍ତକମେଳା ମଞ୍ଚ ଆଦିକବି ସାରଳା ଦାସ ମଞ୍ଚ ନାମରେ ନାମିତ କରାଯାଇଛି ବୋଲି ସୂଚନା ଦେଇଥିବା ବେଳେ ଅନ୍ୟତନ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଡ. ଜ୍ୟୋତିର୍ମୟୀ ମହାନ୍ତି, ପ୍ରଭାତ ଦାଶ, କୈଳାସ ମଲ୍ଲିକ, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ବିଜୟଲକ୍ଷ୍ମୀ ମହାପାତ୍ର, ସତ୍ୟବ୍ରତ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ମଦ ଜବତ: ଜଣେ ଗିରଫ

ପାରାଦୀପ, ୧୩।୧ (ସମିସ): ପାରାଦୀପ ମେରାଇନ ଥାନା ଅଧୀନ ପଥର ବନ୍ଧ ନିକଟରୁ ଆଜି ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରି ନୋଟିସ ଦେଇ ଛାଡ଼ିଛି। ତା' ନିକଟରୁ ୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ନାମ ମକରା ଗୋଚ୍ଛା।ୟତ ଓ ସେ ନେହୁରୁବଙ୍ଗଳା ଅଞ୍ଚଳରେ ରହୁଥିବା ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି। ତେବେ ଏବେ ପର୍ଯ୍ୟଟନୀ ଋତୁ ଚାଲିଥିବାରୁ ଶହ ଶହ ପର୍ଯ୍ୟଟକ ନେହୁରୁବଙ୍ଗଳା ପଥର ବନ୍ଧ ଅଞ୍ଚଳକୁ ବୁଲି ଆସି ବଣ ଭୋଜି କରୁଛନ୍ତି। ତେବେ ଏହି ବ୍ୟବସାୟୀ ମାନେ ପ୍ରତ୍ୟକ ଦିନ ଚୋରାରେ ସେମାନଙ୍କୁ ମଦ ଯୋଗାଉଛନ୍ତି। ବହୁ ସଂଖ୍ୟାରେ ଚୋରା ମଦ ବ୍ୟବସାୟୀ ଏହି ଅଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ତେବେ ମେରାଇନ ଥାନା ପକ୍ଷରୁ ଏଭଳି ଚୋରା ମଦ ବେପାରୀଙ୍କ ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଇଜିଂ ଷ୍ଟାର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୧୩।୧(ସମିସ)



ରାଇଜିଂ ଷ୍ଟାର ୟୁଥ୍ କ୍ଲବ ମରିଚପୁର ଆନୁକୂଲ୍ୟରେ ଆୟୋଜିତ ୩୪ତମ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବାପୁଜୀ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁରୀ ପାଏନର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ୧୮୨ ରନର ବିଜୟଲକ୍ଷ୍ୟକୁ ପିଛା କରି ପୁନେ ମହାରାଷ୍ଟ୍ର ଟିମ ୧୮.୪ ଓଭରରେ ତାର ସମସ୍ତ ୱିକେଟ ହରାଇ ୧୬୦ ରନ କରି ପରାସ୍ତ ହୋଇଥିଲା। ପୁରୀ ପାଏନର ଟିମ ଚାମ୍ପିଅନ ଘୋଷଣା ହୋଇଥିଲା। ମ୍ୟାଚରେ ଶ୍ରେଷ୍ଠ ପଦର୍ଶନ ୪ ୱିକେଟ ଅକ୍ତିଆର କରି ଆର୍ ରାମାରାଓ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ପୁରୀ ପାଏନର ଟିମ ଅଧିନାୟକ ଭାଗୀରଥି ବେହେରା ମ୍ୟାନ୍ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସିରିଜର ଶ୍ରେଷ୍ଠ ଫିଲଡର ମଉସୀନ ଶେଖ, ଶ୍ରେଷ୍ଠ ବୋଲର ଅଭୟ ପଟ୍ଟନାୟକ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପଥ୍ୱୀରାଜ ସ୍ୱାଇଁ ବିବେଚିତ ହୋଇଥିଲେ। ଅନୁଷ୍ଠାନର ସଭାପତି ପ୍ରବୀର ସ୍ୱାଇଁଙ୍କ ସଭାପତି ଓ ଅରୁଣ ପଲାଉରୀଙ୍କ ମଞ୍ଚ ପରିଚାଳନା ରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସତ୍ୟସାରଥୀ ମହାନ୍ତି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପିତାମ୍ବରୀ ବେହେରା, ସମିତିସଭ୍ୟା ସୁନିତା ନାୟକ, ବନ୍ଦର ସାମୁଦ୍ରିକ ଥାନା ଅଧିକାରୀ ରଘୁନାଥ ଟୁଡୁ, ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ଘନଶ୍ୟାମ ବେହେରା, ପୂର୍ବତନ ସମିତିସଭ୍ୟ ଜନାର୍ଦ୍ଦନ ମହାନ୍ତି, ଯୁବ ସଂଗଠକ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ପାଦକ ବିଜୟ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଷଷ୍ଠଶ୍ରେଣୀ ଛାତ୍ରକୁ ଛୁରି ଭୁସିଦେଲା ସପ୍ତମ ଛାତ୍ର

**କାମାକ୍ଷାନଗର,୧୩।୧(ସମିସ):** କାମାକ୍ଷାନଗର ଥାନା ସମାଟାଙ୍ଗି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ସ୍କୁଲରେ ଖେଳୁଥିଲାବେଳେ ଷଷ୍ଠଶ୍ରେଣୀର ଛାତ୍ରକୁ ଛୁରି ଭୁସିଦେଲା ସପ୍ତମ ଶ୍ରେଣୀ ଛାତ୍ର। ଗୁରୁତର ଛାତ୍ର ଜଣକ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବାବେଳେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ଗୁରୁତର ଛାତ୍ରଙ୍କ ପିତାମାତା। ସୂଚନା ଅନୁସାରେ ସମାଟାଙ୍ଗି ଗ୍ରାମରେ ଥିବା ସରକାରୀ ଉପ୍ରା ବିଦ୍ୟାଳୟରେ ଗତ ଶୁକ୍ରବାର ବିଦ୍ୟାଳୟ ପରିସରରେ ଛାତ୍ର,ଛାତ୍ରୀମାନେ ଖେଳୁଥିଲେ। ଏହି ସମୟରେ ସେହି ବିଦ୍ୟାଳୟରେ ଷଷ୍ଠଶ୍ରେଣୀରେ ପଢୁଥିବା ଚନ୍ଦନ ନାଏକଙ୍କୁ ସେହି ଗ୍ରାମର ହୃଷିକେଶ ସାହୁଙ୍କ ପୁଅ ବୁଟୁବନ ସାହୁ ହଠାତ୍ ଛୁରି ଭୁସିଦେଇଥିଲା। ଛୁରୀଟି ଚନ୍ଦନଙ୍କ ଗାଲରେ ପଶି ଯାଇଥିବା ବେଳେ ଚନ୍ଦନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଦ୍ୟାଳୟରେ ପଡ଼ି ରହିଥିଲେ। ପ୍ରାୟ ଘଣ୍ଟାଏ ପରେ କିଛି ସ୍ଥାନୀୟ ଲୋକଙ୍କ ଠାରୁ ପୁଅକୁ ଛୁରାମାଡ଼ ହୋଇଥିବା ଖବରପାଇ ଚନ୍ଦନଙ୍କ ବାପା ଓ ମା ବିଦ୍ୟାଳୟରେ ପହଞ୍ଚି ପୁଅକୁ ତୁରନ୍ତ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଛୁରିମାଡ଼ ଘଟଣାକୁ କାମାକ୍ଷାନଗର ଥାନାରେ ଏକ ଅଭିଯୋଗ ହୋଇଛି।

## ମାଇଣ୍ଡ ମାରାଥନ୍ ଉତ୍ସବ

ଢେଙ୍କାନାଳ,୧୩।୧(ସମିସ): ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ୍ ଠାରେ ସୁରଙ୍ଗନା କଳା ନିକେତନ ଆନୁକୂଲ୍ୟରେ ମାଇଣ୍ଡ ମାରାଥନ୍ ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ନିରଞ୍ଜନ ଶତପଥୀ ସଭାପତିତ୍ୱ କରିଥିବାବେଳେ ସଂଯୋଜକ ସୁଶାନ୍ତ କୁମାର ପାଣି, ନିର୍ଦ୍ଦେଶିକା ପ୍ରଜ୍ଞାପ୍ରିୟା ନନ୍ଦ, ନିର୍ଦ୍ଦେଶକ ଜିତେନ୍ଦ୍ର ବେହେରା, ଉପସଭାପତି



ବେଣୁଧର ବେହେରା, କୋଷାଧ୍ୟକ୍ଷ ଅଜୟ କୁମାର ନନ୍ଦ, ପ୍ରମୀତା ହୋତା, ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇଂରାଜୀ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ବେଣୁଧର ମହାରଣା, ହରପ୍ରିୟା ପୃଷ୍ଟି, ଶିକ୍ଷୟିତ୍ରୀ ରେଖା ସାହୁ, ପ୍ରମିତା ହୋତା, ଗୋବିନ୍ଦ ଚନ୍ଦ୍ର ମହାରଣା ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସରିତା ଅଗ୍ରୱାଲ୍, ଅନ୍ୟତମ ସମ୍ମାନିତ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ସାମ୍ବାଦିକ ଡା.ଦେବୀ ପ୍ରସାଦ ମିଶ୍ର, ଗୁରୁ ନରେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ବି.କେ ଉଷା ଏବଂ ଅନ୍ୟତମ ସମ୍ମାନିତ ବିଶିଷ୍ଟ ଅତିଥି କଳିଙ୍ଗ ଟିଭି, ଦିଲ୍ଲୀର ବ୍ୟୁରୋ ଚିଫ୍ ଆଶୁତୋଷ ରାଉତ୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଉତ୍ସାହ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସରିତା ଅଗ୍ରୱାଲ ଛୋଟ ପିଲମାନଙ୍କୁ ସାଧୁବାଦ୍ ଜଣାଇଥିଲେ। ଗୁରୁ ନରେନ୍ଦ୍ର କୁମାର ଦାସ ଅଭିଭାବକମାନେ ପିଲାମାନଙ୍କୁ ବିଭିନ୍ନ ବିଶେଷ ଗୁଣ, ଶିକ୍ଷା ଓ ପ୍ରତିଭା ଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ବେହେରା ସ୍ୱାଗତଭାଷଣ ଦେଇଥିଲେ।

## ଜାତୀୟ ଯୁବ ଦିବସ ପାଳିତ

**ଯୋରନ୍ଦା,୧୩।୧(ସମିସ):** ଢେଙ୍କାନାଳ ଜିଲ୍ଲା ବାଇଁଶିଆ ପଞ୍ଚାୟତ ଆମ୍ବବାହାଳୀ ଗ୍ରାମ ହନୁମାନ ମନ୍ଦିରଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଯୋରନ୍ଦା ମହିମା ମହାବିଦ୍ୟାଳୟଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁ ଯୋଗଦେଇ ଥିଲେ। ସ୍ୱଦେଶୀ ଜାଗରଣ



ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସ୍ୱଦେଶୀ ଜାଗରଣ ମଞ୍ଚ ଉପଦେଷ୍ଟା ମଙ୍ଗୁଳିଚରଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନର ନୀତି ଅବଲମ୍ବନ କରିବା ପାଇଁ ମତପ୍ରକାଶ ପାଇଥିଲା। ତୃଣମୂଳସ୍ତରରୁ ପ୍ରତ୍ୟେକ ପରିବାର ପକ୍ଷରୁ ଏଥିପାଇଁ ଚିନ୍ତା କରିବାର ସମୟ ଆସିଛି ବୋଲି ବକ୍ତାମାନେ କହିଥିଲେ। ସେହିପରି ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରି ବିଦେଶୀ ଦ୍ରବ୍ୟ ବର୍ଜନ କରିବା ପାଇଁ ଆଲୋଚନା ନୁହେଁ କାର୍ଯ୍ୟରେ କରିବା ପାଇଁ ସମସ୍ତେ ସହମତି ହୋଇଥିଲେ। ବୈଠକରେ ଯଦୁ ନନ୍ଦନ ଦାସ, ବ୍ରଜବନ୍ଧୁ ପାଣି, ପ୍ରଫୁଲ୍ଲ ସାହୁ, ବିରଞ୍ଚି ନାରାୟଣ ପଣ୍ଡା, ହରି ନାରାୟଣ ଦାସ, ସଶଚେନ୍ଦ୍ର ଶତପଥୀ,ବିମଳ ପଣ୍ଡା,କାମପାଳ ଶତପଥୀ, ଉମେଶ ଚନ୍ଦ୍ର ଧିର, ଗୋବର୍ଦ୍ଧନ ବାରିକ,ଗୈାରାଙ୍ଗ ବାରିକ, ପ୍ରସନ୍ନ ଭୂୟାଁ, ଦିବାକର ସାହୁ,ଆନନ୍ଦ ମହାନ୍ତି, ଗନ୍ଧର୍ବ ଚରଣ ଲେଙ୍କା। ଜ୍ୟୋତି ରେଖା ମହାପାତ୍ର, ଅନ୍ନପୂର୍ଣ୍ଣା ଦାସ, ଗୀତାଞ୍ଜଳି ସାହୁ, ଭାସ୍କର ଚନ୍ଦ୍ର ସାମଲ, ତ୍ରିଲୋଚନ ସାହୁ, ଖଗେଶ୍ୱର ବାରିକ, ବାସୁଦେବ ରାଉତ, ଉଗ୍ରସେନ ଗଡନାୟକ,ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରସାର ପ୍ରମୁଖ ଜିତେନ୍ଦ୍ର କୁମାର ଧନ୍ୟବାଦ ଦେଇଥିଲେ।

## ଜନ ଶୁଣାଣି ଶିବିରରେ ୧୪ ଅଭିଯୋଗର ସମାଧାନ

ଭୁବନ,୧୩।୧(ସମିସ): ଭୁବନ ପଞ୍ଚାୟତ ସମିତି ସଭାଗୃହରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୭୮ ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୫୭ ଟି ବ୍ୟକ୍ତିଗତ ଓ ୧୫ ଟି ସାମୂହିକ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ଘଟଣାସ୍ଥଳରେ ୧୪ ଟି ଅଭିଯୋଗର ସମାଧାନ ହୋଇଥିଲା। ଚିକିତ୍ସା ପାଇଁ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ସମୁଦାୟ ୪୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିରିକ୍ତ



ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷା ନଗର ଉପ ଜିଲ୍ଲାପାଳ ଦିନମଣି ନାୟକ, ଆଡିଶିନାଲ ଏସ୍‌ପି ଇନ୍ଦୁରେଖା ପଶ୍ଚିମ କବାଟ, ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ରଜନୀ କାନ୍ତ ସାମଲ, ସହକାରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ କୁମାର ସାହୁ, ଭଗତ କଲ୍ୟାଣ ରାଓ ଆଇଏଏସ, ଭୁବନ ବିଡିଓ ଆୟୁସି ମହାପାତ୍ର, ତହସିଲଦାର ଅନୀଲ କୁମାର ମହାନ୍ତି, ପ୍ରଦତ୍ତ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହାନଦୀରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପ୍ରସ୍ତାବିତ ପ୍ରକଳ୍ପ

# ୩୦ ଗ୍ରାମରେ ପାନୀୟଜଳ ସମସ୍ୟାର ସମାଧାନ କେବେ

ଢେଙ୍କାନାଳ,୧୩।୧(ସମିସ):







ଢେଙ୍କାନାଳ ସହର ତାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ପାନୀୟ ଜଳ ସଙ୍କଟ ଦୀର୍ଘ ବର୍ଷବର୍ଷ ଧରି ଲାଗିରହିଛି। ଏହି ପାନୀୟ ଜଳ ସମସ୍ୟାକୁ ସମାଧାନ କରିବାକୁ ମହାନଦୀରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଢେଙ୍କାନାଳ ପୌରାଞ୍ଚଳରେ ୨୩ଟି ୱାର୍ଡ ରହିଥିବାବେଳେ ବର୍ତ୍ତମାନ ଲୋକସଂଖ୍ୟା ୭୭ ହଜାର ୯୦ ବୋଲି ଜଣାପଡ଼ିଛି। ତତ୍କାଳୀନ ବିଜେଡି ସରକାର ସହରବାସୀଙ୍କୁ ବାଙ୍କୀ ସୁବର୍ଣ୍ଣପୁର ମହାନଦୀରୁ ପାଇପ ଲାଇନଯୋଗେ ପାଣି ଯୋଗାଣ ପାଇଁ ଶଙ୍କରପୁରଠାରେ ୩୦ ଲକ୍ଷ ଲିଟର ବୃହତ ପାନୀୟଜଳ ପ୍ରକଳ୍ପର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟ ଏଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରତିବର୍ଷ ଫେବୃଆରୀ ରୁ ଜୁଲାଇ ୬ ଯାଏଁ ଢେଙ୍କାନାଳ ସହର ସମେତ ସଦର ବ୍ଲକର ୩୦ ଟି ଗ୍ରାମ ପାନୀୟଜଳ ସଙ୍କଟର ସମ୍ମୁଖୀନ ହୋଇଆସୁଛି। ବ୍ରାହ୍ମଣୀ ନଦୀ ଗତିପଥ ପରିବର୍ତ୍ତନ ଯୋଗୁଁ ଗେଙ୍ଗୁଟିଆ ନଦୀ ଜଳଉତ୍ସରୁ ପର୍ଯ୍ୟାପ୍ତ ଜଳ ସଂଗ୍ରହ ହୋଇ ନ ପାରିବା ଜଳ ଅଭାବର ମୁଖ୍ୟ କାରଣ ପାଲଟିଛି। ଫଳରେ ବାଙ୍କୀ ସୁବର୍ଣ୍ଣପୁର ମହାନଦୀରୁ ପାଇପଲାଇନ ଯୋଗେ ପାଣି ଯୋଗାଣ ପାଇଁ ଗ୍ରାମ୍ୟ ଜଳ ପରିମଳ ବିଭାଗ ଅଧୀନରେ ଶଙ୍କରପୁର ଠାରେ ୩୦,୦୦୦,୦୦୦ ଲିଟର ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମ୍ପୂର୍ଣ୍ଣ ହେବାର ଅବଧି ସରି ଯାଇଥିଲେ ସୁଧା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପ୍ରାୟ ୭୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ବୃହତ ପାନୀୟଜଳ ପ୍ରକଳ୍ପ ନିମନ୍ତେ ୪ ଫୁଟ ବ୍ୟାସାର୍ଦ୍ଧ ୧୫ ଫୁଟ ଲମ୍ବ ପାଇପ ୨୦୨୪ ମସିହାରୁ ସେମିତି ଥାକମରା ହୋଇ ପଡ଼ିରହିଛି। ଶଙ୍କରପୁର ଠାରୁ ଆଠଗଡ଼ ପର୍ଯ୍ୟନ୍ତ ରାସ୍ତା କଡ ଜମିଗୁଡିକରେ ପାଇପ ଅନେକ ଦିନ ହେବ ପଡି ରହିଥିଲେ ମଧ୍ୟ ତାହା ମାଟି ତଳେ ସଂଯୋଗୀକରଣ ହୋଇପାରି ନାହିଁ। ଇଡ୍‌କୋ ଟାଙ୍କି ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଦ୍ୱିତୀୟ ଥର ୨୦୨୫ ନଭେମ୍ବର ସୁଧା ନିର୍ମାଣ କାର୍ଯ୍ୟ ଅବଧି ମଧ୍ୟ ଚାଲିଗଲାଣି। ବର୍ତ୍ତମାନ ସହରବାସୀଙ୍କୁ ଆବଶ୍ୟକତା ଅନୁସାରେ ୧୧୪ ଲକ୍ଷ ଲିଟର ଜଳର ଆବଶ୍ୟକତା ରହିଥିବା ବେଳେ ୯୦ ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଉଛି। ଆବଶ୍ୟକତାଠାରୁ ଏହା ୨୪ ଲକ୍ଷ ଲିଟର ଜଳ କମ୍ ରହିଥିବାରୁ ସହରର ଅନେକ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସହରର ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଦୈନିକ ୧୩୫ ଲକ୍ଷ ଲିଟର ଜଳର ଆବଶ୍ୟକତା ରହିଛି। ଏହି ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ସହରାଞ୍ଚଳ ବିକାଶ ଯୋଜନାରେ ୨୦୧୬-୧୭ ଆର୍ଥିକ ବର୍ଷରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଏହାର ଅନୁମୋଦନ ପାଇଁ ପଠାଯାଇଥିଲା। ମହାନଦୀରୁ ପାଇପ୍ ଯୋଗେ ପାଣି ଆଣି ଶଙ୍କରପୁର ଦେଇ ମହିଷାପାଟଠାରେ ପହଞ୍ଚିବା ପରେ ସେଠାରେ ଏକ ଜଳବିଶୋଧନା ଗାର ପ୍ରତିଷ୍ଠା କରାଯାଇ ୱାଟର ଟ୍ରିଟମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ସେଠାରୁ ସହରକୁ ୪ଟି ଭାଗରେ ବିଭକ୍ତ କରାଯାଇ ମଣ୍ଟଫର୍ଟ ସ୍କୁଲଠାରେ ୨ଟି, ରାଜବାଟି ନିକଟରେ ଗୋଟିଏ ଏବଂ ଢେଙ୍କାନାଳ ମହାବିଦ୍ୟାଳୟ ନିକଟରେ ଏହିପରି ମୋଟ ୪ଟି ଟାଙ୍କି ନିର୍ମାଣ କରାଯାଇ ପାଣି ଗଚ୍ଛିତ କରାଯିବ। ସେଠାରୁ ପାଇପ ଯୋଗେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସହରେ ୨୩୪ଟି ଷ୍ଟାଣ୍ଡପୋଷ୍ଟ ରହିଥିବା ବେଳେ ୨୦ଟି କ୍ଷତିଗ୍ରସ୍ତ ହୋଇଛି। ସେହିପରି ସହରରେ ୩୩୨ଟି ନଳକୂପ ରହିଥିବା ବେଳେ ଭୁତଳ ଜଳ ହ୍ରାସ ପାଇଥିବାରୁ ବହୁ ନଳକୂପ ଅଚଳ ହୋଇପଡ଼ିଛି। ବର୍ତ୍ତମାନ ସହରର ଭୂତଳଜଳ ୬ ମିଟର ତଳକୁ ଖସିଯିବା ଯୋଗୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ସେହିପରି ସହରରେ ବସବାସ କରୁଥିବା ଅଧିବାସୀମାନେ ନିଜ ନିଜ ବାସଗୃହ ମଧ୍ୟରେ ଗଭୀର ବୋରୱେଲ ଖୋଳି ପାଣି ବ୍ୟବହାର କରୁଥିବା ଯୋଗୁ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ସହରରେ ଜଳସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଆଗାମୀ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟାକୁ ନେଇ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।

## ଏସ୍‌ଏସ୍‌କମ୍ପ୍ୟୁଟର ଏକାଡେମୀକୁ ଜାତୀୟସ୍ତରରେ ସମ୍ମାନ

**ଢେଙ୍କାନାଳ,୧୩।୧(ସମିସ):** ଢେଙ୍କାନାଳ ସ୍ଥିତ ଏସ୍‌ଏସ୍ କମ୍ପ୍ୟୁଟର ଏକାଡେମୀ ଆଣ୍ଡ ଟ୍ୟୁଟୋରିଆଲ୍‌କୁ ଏନ୍‌ବିସିଇ, ଇଣ୍ଡିଆପକ୍ଷରୁ ଜାତୀୟସ୍ତରର ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପ୍ରଦାନ ସମାରୋହ କଲିକତା ହାଓରାସ୍ଥିତ ଶରତ ସଦନରେ ଜାତୀୟସ୍ତରରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଶିକ୍ଷା ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ। ଏହି ସଂସ୍ଥା ଚଳିତବର୍ଷ ରତ୍ନ ସେଂଟର ଆୱାର୍ଡ ଲାଭ କରିଥିବା ସହ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାରେ ସ୍ୱୀକୃତି ପାଇଛି। ତଦୁପରି, ଓଡ଼ିଶା ଟପ୍-୧୦ କମ୍ପ୍ୟୁଟର ଶିକ୍ଷା ସଂସ୍ଥା ଶ୍ରେଣୀରେ ୩ୟ



ସ୍ଥାନ ଅଧିକାର କରିବା ସହ ଓଡ଼ିଶାର ଶ୍ରେଷ୍ଠ ଟପ୍-୩ ସଂସ୍ଥା ମଧ୍ୟରେ ମଧ୍ୟ ସଂସ୍ଥା ନିଜ ସ୍ଥାନ ସୁଦୃଢ଼ କରିଛି। ଏହାସହିତ ସମଗ୍ର ଭାରତର ଟପ୍-୫୦ ସଂସ୍ଥା ଶ୍ରେଣୀରେ ମଧ୍ୟ ସମ୍ମାନ ଲାଭ କରିଛି। ସଂସ୍ଥାର ନିର୍ଦ୍ଦେଶକ ସୁଶୀଲ୍ ବେହେରା ଏହି ସଫଳତାକୁ ଛାତ୍ରଛାତ୍ରୀଙ୍କ ପରିଶ୍ରମ, ଶିକ୍ଷକମଣ୍ଡଳୀଙ୍କ ନିଷ୍ଠା ଓ ଅଭିଭାବକମାନଙ୍କ ଆଶୀର୍ବାଦର ପ୍ରତିଫଳ ବୋଲି କହିଥିଲେ। ଆଗାମୀ ଦିନରେ ଅଧିକ ଗୁଣାତ୍ମକ ଓ ଆଧୁନିକ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା ପ୍ରତି ସଂସ୍ଥା ପ୍ରତିବଦ୍ଧ ବୋଲି ସେ ମତପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ

**ଢେଙ୍କାନାଳ,୧୩।୧(ସମିସ):** ପୁରୁଣା ଜିଲ୍ଲାପରିଷଦ ହଲଠାରେ ରେଙ୍ଗାଳି ଦକ୍ଷିଣ ଜଳସେଚନ ମଣ୍ଡଳ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି



ପଞ୍ଚାୟତ ପକ୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗ ଦେଇ, ଜଳ ବିନା ଜୀବନ ଓ ଜୀବିକା ଅସମ୍ଭବ, ଏଣୁ ଏହାର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ରେଙ୍ଗାଳି ଦକ୍ଷିଣ ଜଳସେଚନ ପ୍ରକଳ୍ପର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ ପାଣି ପଞ୍ଚାୟତ ପକ୍ଷ ପାଳନ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇ କୃଷକ ଭାଇ ଭଉଣୀ ମାନଙ୍କୁ ଉତ୍ସାହିତ କରିଥିଲେ। ପୌରଅଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ତରାଇ, ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ପାଣି ପଞ୍ଚାୟତର ସଭାପତି ନିରଞ୍ଜନ ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟ ନାରାୟଣ କର ସଂଯୋଜନା କରିଥିଲେ। ଯନ୍ତ୍ରୀ ସନ୍ତୋଷ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ବାର୍ଷିକ ଅନୁଗୁଳ ଓ ଢେଙ୍କାନାଳ କ୍ୟାଟେରିଂ ମିଟ୍

**ଢେଙ୍କାନାଳ,୧୩।୧(ସମିସ):** ସ୍ଥାନୀୟ ଶ୍ରୀରାମ ମଣ୍ଡପ ପ୍ରାଙ୍ଗଣରେ ଅନୁଗୁଳ ଓ ଢେଙ୍କାନାଳ କ୍ୟାଟେରିଙ୍ଗ ସଂଘର ତୃତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ୟାଟେରିଙ୍ଗ୍ ଆସୋସିଏସନ୍‌ର ସଭାପତି ବିନୟଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଅନୁପ ବାଗାଇ, ସମ୍ପାଦକ ଦେବୀ ପ୍ରସାଦ ରଥ ଓ ମୁଖ୍ୟ ଉପଦେଷ୍ଟା ପ୍ରବୋଧକୁମାରଦାସ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗଦେଇ ଥିଲେ। ଅଲ୍ ଓଡ଼ିଶା କ୍ୟାଟେରିଂ ଆସୋସିଏସନ୍ ସଂଘ, ଖୋର୍ଦ୍ଧା କ୍ୟାଟେରିଂ ସଂଘ, ବଲାଙ୍ଗିର୍ କ୍ୟାଟେରିଂ




ସଙ୍ଗ ଓ କଟକ କ୍ୟାଟେରିଙ୍ଗ୍ ସଂଘ ଏଥିରେ ସହଯୋଗ କରିଥିଲେ। ଏହି ବୈଠକରେ କ୍ୟାଟେରିଂ ସଂଘ କେପରି ସୁଦୃଢ ହେବ ଓ ସୁବିଧା ସୁଯୋଗ ମିଳିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଅନୁଗୁଳ ଓ ଢେଙ୍କାନାଳ କ୍ୟାଟେରିଙ୍ଗ ସଂଘର ସଭାପତି ସୁଶିଲ୍ କୁମାର ବାରିକ, ସଂପାଦକ ପ୍ରଦୀପ କୁମାର ଦାଶ, ସାନ୍ତନୁ ପାଳ, ସଞ୍ଜୟ ପ୍ରଧାନ, ଭଗବାନ ବେହେରା, ଶ୍ରୀକାନ୍ତ ସାହୁ, ବ୍ରହ୍ମଶଙ୍କର ସାହୁ, ରାଜେଶ କୁମାର ପଟ୍ଟନାୟକ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କ୍ୟାଟେରିଙ୍ଗ୍ ଯୋଗଦେଇ ଥିଲେ।

# ରାଜ୍ୟସ୍ତରୀୟ କପିଳାସ କପ୍ କ୍ରିକେଟ ପ୍ରତିଯୋଗିତା


ଢେଙ୍କାନାଳ,୧୩।୧(ସମିସ):




ଢେଙ୍କାନାଳ ଜିଲ୍ଲାର ଓକିଲ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଇଣ୍ଟରବାର ପ୍ରଥମ କପିଳାସ କପ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସମେତ ୮ଗୋଟି ଦଳ ଭାଗ ନେଇଥିଲେ। ଏହା ୧୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୬ ତାରିଖରେ ଉଦ୍‌ଯାପନୀ ମ୍ୟାଚ ଖେଳାଯିବ। ପ୍ରଥମ ଦିନର ମ୍ୟାଚରେ କ୍ୟାଟ୍ ବାର ଆସୋସିଏସନ ଏବଂ ଢେଙ୍କାନାଳ ଜିଲ୍ଲା ବାର ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଢେଙ୍କାନାଳ ଜିଲ୍ଲା ବାର ଆସୋସିଏସନ ବିଜୟ ଲାଭ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଅଛି। ଦ୍ୱିତୀୟ ମ୍ୟାଚରେ ଏମବିଏଲଏ ଓ ବୋର୍ଡ ଅଫ ରେଭେନ୍ୟୁ ସହିତ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋର୍ଡ ଅଫ ରେଭେନ୍ୟୁ ବିଜୟ ଲାଭ କରି ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲା। ଆସନ୍ତା କାଲି ସମ୍ବଲପୁର ବାର ଆସୋସିଏସନ ସହିତ ଏମଭିବାର୍ ଆସୋସିଏସନ ଏବଂ ଭୁବନେଶ୍ୱର ବାର୍ ଆସୋସିଏସନ ସହିତ ହାଇକୋର୍ଟ ବାର ଆସୋସିଏସନ, କଟକ ମଧ୍ୟରେ ଖେଳାଯିବ। ଏହି ଖେଳକୁ ଅମ୍ପେୟାର ଭାବେ ଅଜୟ କୁମାର ବାରିକ ଓ ଆଡଭୋକେଟ ଅଭିଜିତ ମିଶ୍ର ପରିଚାଳନା କରିଥିଲେ। ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, ଯୁଗ୍ମସମ୍ପାଦକ ଉତମ କୁମାର ଦାସ, କୋଷାଧ୍ୟକ୍ଷ ରଞ୍ଜନ କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, ମଳୟ କୁମାର ପାଣିଗ୍ରାହୀ, ଭାବଗ୍ରାହୀ ପଣ୍ଡା, କିଷାନ ବିଶ୍ୱାଳ, ସୁରେନ୍ଦ୍ର ମିଶ୍ର, ବିକାଶ ପଟ୍ଟନାୟକ, ଶିବସାଇ ମହାପାତ୍ର, ପ୍ରତାପ ତ୍ରିପାଠୀ, ନବ କିଶୋର ଗୁରୁ, ବିକାଶ ପଟ୍ଟନାୟକ, ବସନ୍ତ କୁମାର ରଥ, ଅଭିଜିତ ମିଶ୍ର, ପ୍ରଦୀପ ସାହୁ, ସରୋଜ ପାଢୀ, ପ୍ରତାପ ମହାନ୍ତି, ରାଜେନ୍ଦ୍ର ନାରାୟଣ ରାଉତ ପ୍ରମୁଖଙ୍କ ସହିତ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ସହଯୋଗ କରିଥିଲେ।

## କପିଳାସ ପୀଠ; ଟ୍ୟାପ୍‌ରେ ଆସୁନି ପିଇବା ପାଣି

ଗଁଦିଆ,୧୩।୧(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବ ପୀଠ କପିଳାସ ଠାରେ ମୁଖ୍ୟମନ୍ଦିର ପ୍ରାଙ୍ଗଣଠାରେ ଭକ୍ତ ମାନଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ସୁ ବ୍ୟବସ୍ଥା କରାଯାଇ ଥିଲେ ମଧ୍ୟ ଏହି ଟ୍ୟାପରେ ଦୀର୍ଘଦିନ ଧରି ପାଣି ଆସୁନଥିବାର ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାର ଧର୍ମୀୟ କ୍ଷେତ୍ରସ୍ଥଳୀ ଭାବରେ ଏହି କପିଳାସ ପୀଠ ପ୍ରମୁଖ ସ୍ଥାନ ଭାବରେ ଗୁରୁତ୍ୱ ବହନ କରି



ଆସୁଛି। ଉକ୍ତ ପୀଠକୁ ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଧାଇଁ ଆସନ୍ତି। ତତ୍‌ସହିତ ଏଠାରେ ଥିବା ବିଜ୍ଞାନ ଉଦ୍ୟାନ, ହାତୀ ସୁରକ୍ଷା କେନ୍ଦ୍ର, ମୃଗ ବିହାର ଗୁଡ଼ିକ ବିଶେଷ ଆକର୍ଷଣ ବହନ କରିଥାଏ। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ମାନେ ଟିକିଏ ଶାନ୍ତି ଓ ଖୁସି ପାଇବା ପାଇଁ ଉକ୍ତ କ୍ଷେତ୍ରକୁ ଆବୋରି ନେଇଥାନ୍ତି। କିନ୍ତୁ ଉକ୍ତ ପୀଠ ଏତେ ଗୁରୁତ୍ୱପୂର୍ଣ୍ଣ ବହନ କରୁଥିବା ବେଳେ ସାମାନ୍ୟ ପିଇବା ପାଣି ମୁନ୍ଦାଏ ଆସୁନାହିଁ। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି।

## ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ



ଢେଙ୍କାନାଳ,୧୩।୧(ସମିସ): ସଦର ବ୍ଲକ୍ ଅଧୀନ ବଳଦିଆବନ୍ଧ ଗ୍ରାମର କଲୋନୀ ସାହିଠାରେ ଶ୍ରଦ୍ଧା ଫାଉଣ୍ଡେସନ୍ ତରଫରୁ କୁନି କୁନି ପିଲାମାନଙ୍କୁ ଶୁଖିଲା ଖାଦ୍ୟ ସହିତ ବସ୍ତ୍ର ବଂଟନ କରାଯାଇଥିଲା। ଏଥିରେ ସୁଭଦ୍ରା ବେହେରା, ବିନୋଦ ମଲ୍ଲିକ, ରାଜ କିଶୋର ମୁର୍ମୁ ତଥା ଦେବେଶ୍ ରଞ୍ଜନ ମିଶ୍ର, ଡା. ସୁଧାଂଶୁବାଳା ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ସାହିତ୍ୟ ପରିଷଦ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ

ଢେଙ୍କାନାଳ,୧୩।୧(ସମିସ): ସ୍ଥାନୀୟହାଉସିଂ ବୋର୍ଡକଲୋନୀସ୍ଥିତ ଭାରତମାତା ସଦନଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଡ. ଦୁର୍ଗାମାଧବ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ପ୍ରମୋଦ କୁମାର ପରିଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ କୁମରବର ସାହୁ, ମୁଖ୍ୟବକ୍ତା ତପନ କୁମାର ଶତପଥୀ, କବି ବାହାଦୁର ପାଟସାହାଣୀ, ବାସୁଦେବ ସାହୁ, କ୍ଷୀରୋଦ ନାୟକ, ଲଳିତ ମୋହନ ବେହେରା, ହୃଦାନନ୍ଦ ଶତପଥୀ ପ୍ରମୁଖ ଯୋଗଦେଇ ଥିଲେ। ସମ୍ପାଦକ ପ୍ରମୋଦ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ ହଜାର ମହୁଲି ପୋଚ ଓ ଦୁଇ ହଜାର ରନ୍ଧା ମଦ ନଷ୍ଟ

ପରଜଙ୍ଗ,୧୩।୧(ସମିସ): ପରଜଙ୍ଗ ଅବକାରୀ ଥାନା ଅଧୀନ କଲଦା, ଆମ୍ବପଳାଶ, ବରକଟା ଓ ଜାମ୍ବୁନାଳି ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଚୋରା ରନ୍ଧା ଦେଶୀ ମଦ ଓ ପୋଚ ନଷ୍ଟ କରିଛି ଅବକାରୀ ଓ ପୁଲିସ ପ୍ରଶାସନ। ଜିଲ୍ଲାପାଳ ଓ ଅବକାରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଆମ୍ବପଳାଶ, କଲଦା, ଜାମ୍ବୁନାଳି ଓ ବରକଟା ଗ୍ରାମର ବିଭିନ୍ନ ବିଲମାଳ ଏବଂ ଜଙ୍ଗଲରେ ଚଢ଼ଉ କରି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ଦେଶୀ ମଦ ନିମନ୍ତେ ପ୍ରସ୍ତୁତି ପାଇଁ ଥିବା ୨୦ ହଜାର ମହୁଲ ପୋଚ ଓ ୨ ହଜାର ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି। ଏହି ଚଢଉରେ ମାଜିଷ୍ଟ୍ରେଟ ତଥା ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ପରଜଙ୍ଗ ଅବକାରୀ ଥାନା ଅଧିକାରିଣୀ ବାସନ୍ତୀ ବାକ୍ଲୀ, ଭୁବନ, ଗଦିଆଁ, ଢେଙ୍କାନାଳ ସଦର ଅବକାରୀ ଥାନା ଅଧିକାରୀ, ପରଜଙ୍ଗ ଥାନା ସହାୟକ ଉପନିରୀକ୍ଷକ ଜଳନ୍ଧର ବାରିକଙ୍କ ସମେତ ଏପିଆର ପୁଲିସ ବାହିନୀ ସାମିଲ ରହିଥିଲେ।

## ଲକ୍ଷ୍ମୀଧର ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ଢେଙ୍କାନାଳ,୧୩।୧(ସମିସ): ସ୍ଥାନୀୟ ପୌରପାଳିକା ଅଧୀନ ସହରର ପୁରାତନ ବିଦ୍ୟାଳୟ ଲକ୍ଷ୍ମୀଧର ମୁନିସ୍‌ପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଇତଶ୍ କୁମାର ବରାଳ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ସେମାନଙ୍କ ମଧ୍ୟରେ ସିନିୟର ବାଳକ ବିଭାଗରେ ଚାମ୍ପିଅନ ସପ୍ତମ ଶ୍ରେଣୀର ଛାତ୍ର କ୍ରୀଷ୍ଣା ନାୟକ ହୋଇଥିବା ବେଳେ ବାଳିକା ବିଭାଗରେ ସାଲିନି ମଲ୍ଲିକ ଚାମ୍ପିଅନ ହୋଇଛନ୍ତି। ଜୁନିୟର ବାଳକ ବିଭାଗରେ ଅଷ୍ଟମଶ୍ରେଣୀର ଛାତ୍ର ମହାବିର ମଲ୍ଲିକ ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଅଙ୍କିତା ପରିଡ଼ା ଚାମ୍ପିଅନ ହୋଇଛନ୍ତି। ମୁଖ୍ୟ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ପୂର୍ବତନ ସହକାରୀ ଶିକ୍ଷୟିତ୍ରୀ ଉମାରାଣୀ ଷଡ଼ଙ୍ଗୀ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବନିତା ସାହୁ, କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ବିଦ୍ୟାଳୟର ବିଦ୍ୟାଳୟର ଏସଏମ୍‌ସି ଅଧ୍ୟକ୍ଷା ମମତା ମିଶ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମୀରାଣୀ ଶଥପଥୀ, ସଙ୍ଗିତା ସାହୁ, ମାମା ମିଶ୍ର, ଦିପିକା ତ୍ରୀପାଠୀ, ନିଲୁଫର ଜାବିନ୍, ମଞ୍ଜୁଲତା ବାରିକ, ସବିତା ସ୍ୱାଇଁ, ପ୍ରଜ୍ଞାପରମିତା ସାହୁ, ଜସ୍ମିନ ରାଉତ, ନର୍ମଦା ଗଡନାୟକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ କଳ୍ପନା ପଣ୍ଡା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୧.୩୯
- ୟୁରୋ ୧୦୫.୮୩ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୦,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୮୪,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୩,୬୨୭.୦୦
- ନିଫ୍ଟି ୨୫,୭୩୨.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଇରାନ୍ ସହ କାରବାର ପାଇଁ ଟ୍ରମ୍ପଙ୍କ ୨୫% ଟାରିଫ୍ ଧମକ**

# ୧୬୮ କୋଟିର କାରବାରକୁ ନେଇ ଚିନ୍ତା

ନୂଆଦିଲ୍ଲୀ,୧୩।୧(ଏଜେନ୍ସି)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ସହିତ ବ୍ୟବସାୟ କରୁଥିବା ଯେ କୌଣସି ଦେଶ ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି। ଇରାନରେ ରାଜନୈତିକ ଅସ୍ଥିରତା ମଧ୍ୟରେ ସେଠାକାର ଖାମିନେଇ ସରକାର ଉପରେ ଚାପ ବୃଦ୍ଧି କରିବା ପାଇଁ ଟ୍ରମ୍ପ୍ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନର ଏହି ପଦକ୍ଷେପ ପରେ ଭାରତ ଅଧିକ ପ୍ରଭାବିତ ହେବାକୁ ଯାଉଛି।

ଚୀନ୍ ଇରାନର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଭାରତ, ୟୁଏଇ ଏବଂ ତୁର୍କୀ ମଧ୍ୟ ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ଯେଉଁମାନେ ଟ୍ରମ୍ପଙ୍କ ଏହି ପଦକ୍ଷେପରେ ପ୍ରଭାବିତ ହୋଇପାରନ୍ତି। ଭାରତ ୨୦୨୪-୨୫ ଆର୍ଥିକବର୍ଷରେ ଇରାନ୍‌କୁ ୧.୨୪ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା, ଯେତେବେଳେ କି ଆମଦାନୀ ୦.୪୪ ବିଲିୟନ ଡଲାର ଥିଲା। ସାମଗ୍ରିକ ଭାବରେ, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧.୬୮ ବିଲିୟନ ଡଲାର(୧୬୮ କୋଟି ଟଙ୍କା) ରହିଛି। ପ୍ରମୁଖ ରପ୍ତାନି ମଧ୍ୟରେ ଜୈବିକ ରାସାୟନିକ ପଦାର୍ଥ ୫୧୨.୯୨ ନିୟୁତ ଡଲାର), ଫଳ ଏବଂ ବାଦାମ ୩୧୧.୬ ନିୟୁତ ଡଲାର) ଏବଂ ଖଣିଜ ଇନ୍ଧନ (୮୬.୪୮ ନିୟୁତ ଡଲାର) ଅନ୍ତର୍ଭୁକ୍ତ। ଏହି ନୂତନ ଶୁଳ୍କ ଦ୍ୱାରା ରୁଷୀୟ ତୈଳ ଆମଦାନୀ ସହିତ ଜଡିତ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ସମେତ ପୂର୍ବ ଆମେରିକାର ଟିକସକୁ ଆହୁରି ବୃଦ୍ଧି କରାଯିବ। ଏହା ଭାରତର ରପ୍ତାନି ପ୍ରତିଯୋଗିତା କ୍ଷମତାକୁ ପ୍ରଭାବିତ କରିବ।

ଇରାନ ଏବଂ ଆମେରିକା ଉଭୟ ସହିତ ଏହାର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟକୁ ଦୃଷ୍ଟିରେ ରଖି ଟ୍ରମ୍ପଙ୍କ ଶୁଳ୍କ ପଦକ୍ଷେପରେ ଚୀନ୍ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଏହି ଶୁଳ୍କକୁ ଏଡାଇବା ପାଇଁ ୟୁଏଇ, ତୁର୍କୀ ଏବଂ ଜର୍ମାନୀ ଏବଂ ଇଟାଲୀ ପରି ୟୁରୋପୀୟ ସଂଘର ଦେଶଗୁଡ଼ିକ ମଧ୍ୟ ସେମାନଙ୍କର ବାଣିଜ୍ୟ ରଣନୀତି ଉପରେ ପୁନର୍ବିଚାର କରିପାରନ୍ତି। ଅପରପେକ୍ଷ ଭାରତ ଏବଂ ଇରାନ ମଧ୍ୟରେ ଶତାବ୍ଦୀ ପୁରୁଣା କୂଟନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ରହିଛି, ଯାହାକୁ ୧୯୫୦ରେ ବନ୍ଧୁତା ଚୁକ୍ତି ଦ୍ୱାରା ଆନୁଷ୍ଠାନିକ ଭାବରେ ମାନ୍ୟତା ଦିଆଯାଇଛି। ଏହି ସମ୍ପର୍କ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆହୁରି ଗଭୀର ହୋଇଛି। ଚାବାହାର ବନ୍ଦର ଏବଂ ଦୀର୍ଘକାଳୀନ ଅଶୋଧିତ ତୈଳ ଆମଦାନୀ ଭଳି ପ୍ରକଳ୍ପଗୁଡ଼ିକ ଏହି ସମ୍ପର୍କର ଗୁରୁତ୍ୱକୁ ପ୍ରଦର୍ଶନ କରୁଛି, ଯାହା ଏବେ ଆମେରିକାର ପ୍ରତିବନ୍ଧକ ଏବଂ ଶୁଳ୍କ ଅଧୀନରେ ନୂତନ ଆହ୍ୱାନର ସମ୍ମୁଖୀନ ହେଉଛି।

### ଟ୍ରମ୍ପଙ୍କ ଶୁଳ୍କ ଉପରେ ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା

ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କର ବୈଧତା ଯାଞ୍ଚ କରୁଛି। ଖୁବ୍ ଶୀଘ୍ର ଏ ସମ୍ପର୍କରେ ଏକ ନିଷ୍ପତ୍ତି ଆଶା କରାଯାଉଛି। ରଜନୈତିକ ବିଶେଷଜ୍ଞମାନେ କହିଛନ୍ତି ଯେ କୋର୍ଟଙ୍କ ନିଷ୍ପତ୍ତି ଶୁଳ୍କ ବଳବତ୍ତର ରହିବ କି ନାହିଁ ତାହା ନିର୍ଣ୍ଣୟ କରିପାରେ, ଯାହା ସିଧାସଳଖ ଭାରତର ବାଣିଜ୍ୟ ନିଷ୍ପତ୍ତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିବ।

### ବିପଦରେ ଚାବାହାର ବନ୍ଦର ପ୍ରକଳ୍ପ

ଇରାନ୍ ସଙ୍କଟ ମଧ୍ୟରେ ଭାରତର ସବୁଠାରୁ ବଡ଼ ଚିନ୍ତା ବାଣିଜ୍ୟ ନୁହେଁ, ବରଂ ଚାବାହାର ବନ୍ଦର। ଭାରତ ଏହି ବନ୍ଦରକୁ ପରିଚାଳନା କରିବା ପାଇଁ ଏକ ୧୦ ବର୍ଷର ଚୁକ୍ତି ସ୍ୱାକ୍ଷର କରିଛି। ଏହା ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ଭାରତର ରଣନୈତିକ ପ୍ରବେଶ ଦ୍ୱାର ଭାବରେ କାର୍ଯ୍ୟ କରେ। ଯଦି ଆମେରିକା ଏହି ପ୍ରକଳ୍ପକୁ 'ଇରାନ ସହିତ ବାଣିଜ୍ୟ' ବର୍ଗରେ ସ୍ଥାନିତ କରି ୨୫% ଟାରିଫ୍ ଲାଗୁ କରେ , ତେବେ ଭାରତର କୋଟି କୋଟି ନିବେଶ ଏବଂ ରଣନୈତିକ ସ୍ୱାୟତ୍ତତା ବିପଦରେ ପଡ଼ିପାରେ। ଏହାର ଫଳସ୍ୱରୂପ ଚାବାହାର ବନ୍ଦର ପ୍ରକଳ୍ପ, ଶୁଳ୍କ ଢାଞ୍ଚା ଅଧୀନରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ। ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ସତ୍ତ୍ୱେ, ଭାରତ ଇରାନରେ ଏହାର ଦୀର୍ଘକାଳୀନ ରଣନୈତିକ ଏବଂ ବାଣିଜ୍ୟିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଚାବାହାରକୁ ସମର୍ଥନ ଜାରି ରଖିବ।

**ଇରାନ୍ ସଙ୍କଟ: ବନ୍ଦରରେ ଫସିଛି ୧ ଲକ୍ଷ ଟନ୍ ଚାଉଳ**

# ସପ୍ତାହକରେ ବାସମତୀ ଚାଉଳ କିଲୋ ୧୦ ଟଙ୍କା କମିଲା

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଯଦି ପରିସ୍ଥିତି ଜାରି ରୁହେ, ତେବେ ଭବିଷ୍ୟତରେ ଅନେକ ସାମଗ୍ରୀ ମହଙ୍ଗା ହୋଇପାରେ। ଏମିତିକି ବର୍ତ୍ତମାନଠାରୁ ଭାରତରେ ବାସମତୀ ଚାଉଳର ମୂଲ୍ୟ ହ୍ରାସ ଘଟିଲାଣି। ବଜାର ଅଂଶଗ୍ରହଣକାରୀମାନେ କହିଛନ୍ତି ଯେ ଗତ ମାତ୍ର ସପ୍ତାହକ ମଧ୍ୟରେ ଇରାନ୍ ଉତ୍ତେଜନା ଯୋଗୁଁ ବାସୁମତୀ ଚାଉଳ ମୂଲ୍ୟ କିଲୋଗ୍ରାମ ପିଛା ୧୦ ଟଙ୍କା ହ୍ରାସ ପାଇଛି। ଏହାଛଡା ଇରାନ ସଙ୍କଟର ପ୍ରଭାବ ଭାରତର ଚାଉଳ ରପ୍ତାନି ଉପରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି। ଏଥିଯୋଗୁ ଇରାନକୁ ଯାଉଥିବା ପ୍ରାୟ ୧ ଲକ୍ଷ ଟନ୍ ବାସମତି ଚାଉଳ ଭାରତୀୟ ବନ୍ଦରଗୁଡ଼ିକରେ ଫସିରହିଛି। ଭାରତୀୟ ଚାଉଳ ରପ୍ତାନିକାରୀ ମହାସଂଘ (ଆଇଆର୍‌ଇଏଫ୍)ର ବିବୃତ୍ତି ଅନୁଯାୟୀ, ଯାହାଫଳରେ ବନ୍ଦରରେ ଏବେ ଫସ ରହିଥିବା ୧୫୦୦-୨୦୦୦ କୋଟି ଟଙ୍କା ମୂଲ୍ୟର ବାସମତୀ ଚାଉଳକୁ ନେଇ ରପ୍ତାନିକାରୀଙ୍କ ଚିନ୍ତା ବଢ଼ିଛି।



ମହାସଂଘ କହିଛି ଯେ ଇରାନରେ ବ୍ୟାପକ ବିରୋଧ ଭାରତର ବାସମତୀ ଚାଉଳ ରପ୍ତାନି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି, ଯାହା ଫଳରେ ଏହାର ଘରୋଇ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଆଇଆର୍‌ଇଏଫ୍ କହିଛି ଯେ ଏହି ବୃଦ୍ଧି ପାଉଥିବା ସଙ୍କଟ ପେମେଣ୍ଟ ପ୍ରକ୍ରିୟାକୁ ବାଧା ଦେବା ସହ ରପ୍ତାନି ବିଳମ୍ବ କରିଛି। ଫଳରେ କ୍ରେତାଙ୍କ ବିଶ୍ୱାସ ହ୍ରାସ ପାଇଛି। ଯାହାର ପ୍ରଭାବ ଏବେ ଭାରତୀୟ ଚାଉଳ ବଜାରରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି। ଚାଉଳ ରପ୍ତାନିକାରୀ ମହାସଂଘର ରପ୍ତାନି ତଥ୍ୟ ଅନୁଯାୟୀ, ଭାରତ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଏପ୍ରିଲ-ନଭେମ୍ବର ମଧ୍ୟରେ ଇରାନକୁ ୪୬୮.୧୦ ନିୟୁତ ଡଲାର (ପ୍ରାୟ ୪୨୨୫ କୋଟି ଟଙ୍କା) ମୂଲ୍ୟର ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ପ୍ରାୟ ୫.୯୯ ଲକ୍ଷ ମେଟ୍ରିକ୍ ଟନ୍ ହେବ। ସାଉଦି ଆରବ ପରେ ଇରାନ ହେଉଛି ଭାରତର ବାସୁମତି ଚାଉଳ ପାଇଁ ଦ୍ୱିତୀୟ ସର୍ବବୃହତ ବଜାର, କିନ୍ତୁ ବର୍ତ୍ତମାନର ଅସ୍ଥିରତା ଚଳିତବର୍ଷ ବାଣିଜ୍ୟ କାରବାରରେ ବଡ଼ ଅନିଶ୍ଚିତତା ସୃଷ୍ଟି କରିଛି। ଇସ୍ରାଏଲ-ଇରାନ ଯୁଦ୍ଧର ପ୍ରଭାବ ଭାରତର ଚାଉଳ ରପ୍ତାନି ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି।

ଏଥିଯୋଗୁ ଇରାନକୁ ଯାଉଥିବା ପ୍ରାୟ ୧ ଲକ୍ଷ ଟନ୍ ବାସମତି ଚାଉଳ ଭାରତୀୟ ବନ୍ଦରଗୁଡ଼ିକରେ ଫସିରହିଛି। ସାଉଦି ଆରବ ପରେ ଇରାନ ହେଉଛି ଭାରତର ବାସୁମତି ଚାଉଳ ପାଇଁ ଦ୍ୱିତୀୟ ସର୍ବବୃହତ ବଜାର। ବିବୃତ୍ତି ଅନୁଯାୟୀ, ଯାହାଫଳରେ ବନ୍ଦରରେ ଏବେ ଫସ ରହିଥିବା ୧୫୦୦-୨୦୦୦ କୋଟି ଟଙ୍କା ମୂଲ୍ୟର ବାସମତୀ ଚାଉଳକୁ ନେଇ ରପ୍ତାନିକାରୀଙ୍କ ଚିନ୍ତା ବଢ଼ିଛି।

# ତୃପ୍ତି କିଆରେ ଅଲ୍-ନ୍ୟୁ ସେଲ୍‌ଟସ୍‌ର ବଜାର ପ୍ରବେଶ




ଭୁବନେଶ୍ୱର, ୧୩।୧(ସମିସ): ଭୁବନେଶ୍ୱର ପାତ୍ରପଡାସ୍ଥିତ 'ତୃପ୍ତି କିଆ'ରେ ମଙ୍ଗଳବାର ଅଲ୍-ନ୍ୟୁ ସେଲ୍‌ଟସ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହି ନୂଆ ଏବଂ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲର ବଜାର ପ୍ରବେଶରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ ବିଶେଷ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ତୃପ୍ତି କିଆର ପରିଚାଳନା ନିର୍ଦ୍ଦେଶକ ବଦ୍ରିନାରାୟଣ ସାମନ୍ତରାୟ ,ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଜେନେରାଲ୍ ମ୍ୟାନେଜର ଗୋପାଳ ସିଂହ ଉପସ୍ଥିତ ଥିଲେ। ନୂଆ ସେଲ୍‌ଟସ୍ ୮ଟି ଭାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ୧୦.୯୯ ଲକ୍ଷଟଙ୍କାରୁ ଆରମ୍ଭ। ଏଥିରେ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନ୍‌ର ବିକଳ୍ପ ରହିଛି। ଏହା ଏକ ଉନ୍ନତମାନର ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର୍ ସିଟ୍ ସହିତ ମେମୋରୀ ଫଙ୍କସନ୍, ଏଲ୍‌ଇଡି ଡିଆରଏଲ୍ ସହିତ ୱେଲକମ୍ ଫଙ୍କସନ୍ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ୍ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରେନ୍ସ, ଲମ୍ବ ଓ ଓସାର ରହିଛି। ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୂଳ ଭାରିଆଣ୍ଟରୁ ହିଁ ଏଥିରେ ଅଟୋମେଟିକ୍ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ସୁବିଧା ରହିଛି। ଏହି ଅବସରରେ ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି ଯେ, ନ୍ୟୁ ସେଲ୍‌ଟସ୍ ଡିଜାଇନ୍, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସୟୁଭି ହେବ।

# ହୋଣ୍ଡା ଏଲିଭେଟ ଏଡିଭି ଏଡିସନ୍‌ର ଶୁଭାରମ୍ଭ




**ଭୁବନେଶ୍ୱର,୧୩।୧(ଏଜେନ୍ସି) :** ପ୍ରିମିୟମ କାରର ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ଭାରତୀୟ ବଜାର ପ୍ରତି ନିଜର ମଜବୁତ ଓ ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୋହରାଇ ହୋଣ୍ଡା ଏଲିଭେଟ ଏଡିଭି ଏଡିସନ୍‌ର ଶୁଭାରମ୍ଭ କରିଛି। କମ୍ପାନୀ ଭାରତ ପାଇଁ ନିଜର ମହତ୍ୱାକାଂକ୍ଷୀ ରୋଡମ୍ୟାପକୁ ଗୁରୁତ୍ୱ ଦେଇ ୨୦୩୦ ସୁଦ୍ଧା ୭ଟି ଏସୟୁଭି ସମେତ ୧୦ଟି ମଡେଲ ବଜାରକୁ ଛାଡିବାକୁ ଲକ୍ଷ୍ୟ ରଖିଛି। ଏଥିରେ ନିକଟରେ ପ୍ରଦର୍ଶିତ ହୋଇଥିବା ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ସାମିଲ ରହିଛି, ଯାହା ଭାରତୀୟ ବଜାର ପାଇଁ ଏଚସିଆଇଏଲର ପ୍ରଥମ ବ୍ୟାଟେରୀ ଇଲେକ୍ଟ୍ରିକ ଯାନ। ଏହାକୁ କମ୍ପାନୀ ୨୦୨୬-୨୭ ଆର୍ଥିକବର୍ଷର ୨ୟ ଭାଗରେ ବଜାରକୁ ଛାଡିବ। ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ ଯାହା ହୋଣ୍ଡାର ଆନ୍ତର୍ଜାତୀୟ ବ୍ୟବସାୟ କ୍ଷେତ୍ରରେ ଭାରତର ରଣନୈତିକ ମହତ୍ୱକୁ ଆଲୋକିତ କରୁଥିବା ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡର ମାର୍କେଟିଂ ଓ ସେଲ୍‌ସ୍ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ କହିଛନ୍ତି। ଭୁବନେଶ୍ୱରରେ ଏଲିଭେଟ ଏଡିଭି ସଂସ୍କରଣର ପ୍ରଭାବଶାଳୀ ଏକ୍ସ-ଶୋରୁମ ମୂଲ୍ୟ ଯଥାକ୍ରମେ ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା, ଯେବେକି ଡୁଆଲ୍-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଅଂଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ୍-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ।

# ଟ୍ରମ୍ପଙ୍କ ଧମକ ବିରୋଧରେ ଏକଜୁଟ୍ ହେଉଛନ୍ତି ବିଶ୍ୱର ବ୍ୟାଙ୍କର

**ୱାଶିଂଟନ୍, ୧୩।୧(ଏଜେନ୍ସି):** ଆମେରିକା ଫେଡେରାଲ ରିଜର୍ଭ (ୟୁଏସ୍ ଫେଡ୍)ର ସ୍ୱାଧୀନତା ଉପରେ ବିବାଦ ଏବେ ଅନ୍ତର୍ଜାତୀୟ ସ୍ତରରେ ଏକ ପ୍ରମୁଖ କୂଟନୈତିକ ଏବଂ ଅର୍ଥନୈତିକ ମୋର୍ଚ୍ଚାରେ ପରିଣତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫେଡ୍ ମୁଖ୍ୟ ଜେରୋମି ପାୱେଲଙ୍କ ବିରୁଦ୍ଧରେ ଅପରାଧିକ ତଦନ୍ତ ଏବଂ ଆଇନଗତ

- **ବଢ଼ିଲା ଟ୍ରମ୍ପ୍-ଜେରୋମି ପାୱେଲ୍ ବିବାଦ**




କାର୍ଯ୍ୟାନୁଷ୍ଠାନର ଧମକ ଦେବା ପରେ ବିଶ୍ୱର ଶୀର୍ଷ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟମାନେ ପାୱେଲଙ୍କ ସହିତ ସେମାନଙ୍କର "ସମ୍ପୂର୍ଣ୍ଣ ଏକତା" ପ୍ରଦର୍ଶନ କରିଛନ୍ତି। ବିଶ୍ୱ ବ୍ୟାଙ୍କିଙ୍ଗ ଜଗତର ଏହି ଅଭୂତପୂର୍ବ ପଦକ୍ଷେପ କେବଳ ପାୱେଲଙ୍କୁ ବ୍ୟକ୍ତିଗତ ସମର୍ଥନ ନୁହେଁ ବରଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ସ୍ୱାୟତ୍ତତାକୁ ସୁରକ୍ଷା ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲଇ କୁହାଯାଉଛି। ତେଣୁ ଟ୍ରମ୍ପଙ୍କ ଧମକ ବିରୋଧରେ ଏବେ ବିଶ୍ୱର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ନେତୃବୃନ୍ଦ ଏକଜୁଟ ହେଉଛନ୍ତି। ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ (ଇସିବି) ୱେବସାଇଟରେ ପ୍ରକାଶିତ ଏକ ମିଳିତ ବିବୃତ୍ତିରେ, ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଆର୍ଥିକ ପ୍ରତିଷ୍ଠାନଗୁଡିକର ମୁଖ୍ୟମାନେ ପାୱେଲଙ୍କ କାର୍ଯ୍ୟକାଳ ଏବଂ ତାଙ୍କ ସାଧୁତାକୁ ପ୍ରଶଂସା କରିଛନ୍ତି। ବିବୃତ୍ତିରେ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି କ୍ରିଷ୍ଟିନ ଲାଗାର୍ଡ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ଣ୍ଣର ଆଣ୍ଡ୍ରୁ ବେଲି ରହିଛନ୍ତି।

### ଟ୍ରମ୍ପ-ପାୱେଲ ବିବାଦର ମୂଳ କାରଣ


ଏହି ବିବାଦ ଆନୁଷ୍ଠାନିକ ଭାବରେ ଫେଡ୍ କୋଠାଗୁଡ଼ିକର ନବୀକରଣ ଖର୍ଚ୍ଚ ସମ୍ପର୍କରେ କଂଗ୍ରେସରେ ପାୱେଲ ସାକ୍ଷ୍ୟ ଦେବା ସହିତ ଆରମ୍ଭ ହୋଇଥିଲା, ଯାହା ଏବେ ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ତଦନ୍ତ କରାଯାଉଛି। ତଥାପି, ପାୱେଲ୍ ଏହି ଅଭିଯୋଗଗୁଡ଼ିକୁ ତାଙ୍କ ବିରୋଧରେ ଆକ୍ରମଣର ବାହାନା ଭାବରେ ଖାରଜ କରିଛନ୍ତି। ପାୱେଲ୍ ଅଭିଯୋଗ କରିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଫେଡ୍‌ର ସୁଧ ହାର ନୀତି ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ଏହି ତଦନ୍ତକୁ ବ୍ୟବହାର କରୁଛନ୍ତି। ଟ୍ରମ୍ପ୍ ଦୀର୍ଘ ସମୟ ଧରି ଫେଡ୍ ଏବଂ ପାୱେଲ୍‌ଙ୍କୁ ତାଙ୍କ ଦାବି ଅନୁଯାୟୀ ସୁଧ ହାର ହ୍ରାସ ନ କରିବା ନେଇ ସମାଲୋଚନା କରିଆସୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କରମାନେ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ନାଗରିକଙ୍କ ସ୍ୱାର୍ଥରେ ମୂଲ୍ୟ, ଆର୍ଥିକ ଏବଂ ଅର୍ଥନୈତିକ ସ୍ଥିରତାର ମୂଳଦୁଆ।

# ନୂଆ ହ୍ୟାରିଅର୍ ଏବଂ ସଫାରିର ମୂଲ୍ୟ ଘୋଷଣା




**ଭୁବନେଶ୍ୱର, ୧୩।୧(ସମିସ):** ଏସୟୁଭି ନିର୍ମାତା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡ୍ (ଟିଏମ୍‌ପିଭି) ପକ୍ଷରୁ ୧.୫ ଲିଟରର ହାଇପରିଅନ୍ ଟର୍ବୋ-ଜିଡି ପେଟ୍ରୋଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ବହୁ ପ୍ରତୀକ୍ଷିତ ହ୍ୟାରିଅର୍ ଏବଂ ସଫାରିର ମୂଲ୍ୟ ଘୋଷଣା କରିଛି। ହ୍ୟାରିଅର୍‌ର ପେଟ୍ରୋଲ୍ ଭାରିଆଣ୍ଟ ୧୨.୮୯ ଲକ୍ଷ (ଏକ୍ସ-ଶୋ'ରୁମ୍, ନୂଆଦିଲ୍ଲୀ) ରୁ ଆରମ୍ଭ ହୋଇଥିବାବେଳେ ସଫାରି ପେଟ୍ରୋଲ୍ ୧୩.୨୯ ଲକ୍ଷ (ଏକ୍ସ-ଶୋ'ରୁମ୍, ନୂଆଦିଲ୍ଲୀ) ରୁ ଉପଲବ୍ଧ। ବିଳାସପୂର୍ଣ୍ଣ ବୈଶିଷ୍ଟ୍ୟଗୁଡିକ ସହିତ ଏହି ଦୁଇଟି ଏସ୍‌ୟୁଭି ପ୍ରିମିୟମ୍ ଏସ୍‌ୟୁଭି ସ୍ଥାନକୁ ପୁନଃନିର୍ଦ୍ଦିଷ୍ଟ କରୁଛି। ୩୬.୯ ସେମିର ସିନେମାଟିକ୍ ଇନଫୋଟେନ୍ମେଣ୍ଟ ଡିସପ୍ଲେ ସାମସଙ୍ଗ ନିଓକ୍ୟୁଏଲଇଡି ଦ୍ୱାରା ଚାଳିତ, ଇମର୍ସିଭ୍ ଡଲବି ଆଟମୋସ୍ ଅଡିଓ, ଭିଜନ୍-ଏକ୍ସ ଇ-ଆଇଆରଭିଏମ୍ ବିଲ୍ଟ-ଇନ୍ ଡୁଆଲ୍ ଡ୍ୟାସ୍ କ୍ୟାମ୍ ଏବଂ ଡିଭିଆର୍, ମେମୋ ରିଭର୍ସ ଭିଜନ ସହିତ ଓଠଜ, ଅଟୋ ଭିଭର୍ ଭିଜନ୍ ସହିତ ଏହା ବୈଶିଷ୍ଟଗୁଡିକ ସମୃଦ୍ଧ। ଏହା ସେଗମେଣ୍ଟର ସର୍ବୋତ୍ତମ ଇନ୍ଧନ ଦକ୍ଷତା ପ୍ରଦାନ କରିବା ସହିତ, ସମସ୍ତ ନୂତନ ୧.୫ ଲିଟରର ହାଇପରିଅନ୍ ଟର୍ବୋ-ଜିଡି ଇଞ୍ଜିନ୍ ପ୍ରଯୁକ୍ତିବିଦ୍ୟା ସହିତ ପ୍ୟାକ୍ ହୋଇଛି।

# ଡାଲମିଆ ଭାରତ ଫାଉଣ୍ଡେସନ୍‌ର ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ୍



ଭୁବନେଶ୍ୱର, ୧୩।୧(ସମିସ): ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍), ୱକହାର୍ଟ ଫାଉଣ୍ଡେସନ ସହିତ ଅଂଶୀଦାର ବ୍ୟବସ୍ଥାରେ ଏହାର କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ଜନସମୁଦାୟଙ୍କୁ ଅତ୍ୟାବଶ୍ୟକ ପ୍ରାଥମିକ ଏବଂ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇଦେବାକୁ କଟକର ଟାଙ୍ଗୀସ୍ଥିତ ଡାଲମିଆ ସିମେଣ୍ଟ- କପିଳାସ ସିମେଣ୍ଟ ମାନୁଫାକ୍‌ଚରିଂ ୱର୍କସ୍ (କେସିଡବ୍ଲ୍ୟୁ) କାରଖାନାରେ ଏହାର ଭ୍ରାମ୍ୟମାଣ ମେଡିକାଲ ୟୁନିଟ (ଏମଏମୟୁ)ର ପୁନଃ ପ୍ରଚଳନ କରିଛି। ୨୦୧୪ରୁ କାର୍ଯ୍ୟକ୍ଷମ ଥିବା ଏମଏମୟୁ ୨୦୨୪ ପର୍ଯ୍ୟନ୍ତ ମାସିକ ୧୮୦୦ରୁ ଅଧିକ ରୋଗୀଙ୍କ ନିକଟରେ ପହଞ୍ଚୁଥିବାବେଳେ ଏହାର ପୁନଃସ୍ଥାପନ ଜନସମୁଦାୟଙ୍କ ଦ୍ୱାରା ନିତାନ୍ତ ଆବଶ୍ୟକତା ପାଲଟିଛି। ଏହି ଏମଏମୟୁରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ଏକ ଯୋଗ୍ୟତାସମ୍ପନ୍ନ ଡାକ୍ତରୀ ଦଳ ରହିବେ। ଏହାର ପୁନଃଆରମ୍ଭ ଅବସରରେ ପଙ୍କଜ ଗୁପ୍ତା, ୟୁନିଟ ହେଡ, କେସିଡବ୍ଲ୍ୟୁ, ସୁଧୀର ରଞ୍ଜନ ମହାନ୍ତି, ହେଡ୍ ଏଚଆର, କେସିଡବ୍ଲ୍ୟୁ ଏବଂ ଗୁଲଜାରିଲାଲ ବିଶ୍ୱାସ, ଷ୍ଟେଟ ହେଡ, ୱକହାର୍ଟ ଫାଉଣ୍ଡେସନଙ୍କ ସମେତ ଡିବିଏଫ୍ ଟିମ୍, ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧିଗଣ ତଥା କାରଖାନାର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ଆଉ ମିଳିବନି ୧୦ ମିନିଟ୍ ଡେଲିଭରୀ ଗ୍ୟାରେଣ୍ଟି

ନୂଆଦିଲ୍ଲୀ,୧୩।୧(ଏଜେନ୍ସି)

ଆଉ ମିଳିବନି ୧୦ ମିନିଟ୍‌ରେ ଡେଲିଭରି। ଏହି ସେବାକୁ ଏବେ ବନ୍ଦ କରିବାକୁ ଯାଉଛି କ୍ୱିକ୍ କମର୍ସ ଆପ୍ ବ୍ଲିଙ୍କିଟ୍। ଗିଗ୍ ୱାର୍କରଙ୍କ ସୁରକ୍ଷା ଚିନ୍ତାକୁ ନେଇ କେନ୍ଦ୍ର ସରକାରଙ୍କର ହସ୍ତକ୍ଷେପ ପରେ ବ୍ଲିଙ୍କିଟ୍

- **ଶର୍ଟ ଟାଇମ୍‌ରେ ଡେଲିଭରୀ ନେଉଛି ଯୋଗୁଁ ଶ୍ରମିକଙ୍କ ଜୀବନ :ସରକାର**
- **ସମସ୍ତ ବ୍ରାଣ୍ଡ ମେସେଜିଂରୁ '୧୦-ମିନିଟ୍ ଡେଲିଭରୀ' ଟ୍ୟାଗ୍ ହଟାଇଲା ବ୍ଲିଙ୍କିଟ୍**




ଏହି ସେବା ବନ୍ଦ କରିବାକୁ ଯୋଜନା କରୁଛି। ଏ ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ନୂଆ ବର୍ଷ ପୂର୍ବଦିନ ଗିଗ୍ ୱାର୍କରମାନେ ବିଭିନ୍ନ ସମସ୍ୟା ଦର୍ଶାଇ ଦେଶବ୍ୟାପୀ ଆନ୍ଦୋଳନ କରିଥିଲେ। କାର୍ଯ୍ୟଶୈଳୀ, ଡେଲିଭରି ଚାପ ଏବଂ କୌଣସି ସୁରକ୍ଷା ନଥିବା ଗିଗ୍ ୱାର୍କରମାନେ ଅଭିଯୋଗ କରିଥିଲେ। ଏହାପରେ ସରକାର ଏ ଦିଗରେ ହସ୍ତକ୍ଷେପ କରିଥିଲେ। କମ୍ପାନୀମାନେ ଯେଉଁ ସମୟରେ ଡେଲିଭରୀ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି, ସେ ଦିଗରେ ପୁନଃ ବିଚାର କରିବାକୁ କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକୁ କହିଥିଲେ। ଶର୍ଟ ଟାଇମ୍‌ରେ ଡେଲିଭରୀ ଯୋଗୁ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହୁଛି ବୋଲି ସରକାର ଚିନ୍ତା ବ୍ୟକ୍ତ କରିବା ସହିତ ଏ ଦିଗରେ କମ୍ପାନୀମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତୁରନ୍ତ ପଦକ୍ଷେପ ସ୍ୱରୂପ ମିଳିଥିବା ସୂଚନା ଅନୁଯାୟୀ, ବ୍ଲିଙ୍କିଟ୍ ଏହାର ସମସ୍ତ ବ୍ରାଣ୍ଡ ମେସେଜିଂରୁ '୧୦-ମିନିଟ୍ ଡେଲିଭରି' ଟ୍ୟାଗ୍ ହଠାଇ ଦେବ। ଫଳରେ ଏହାର ବିଜ୍ଞାପନ ହେଉ କିମ୍ବା ପ୍ରଚାର ଅଭିଯାନ ବା ସୋସିଆଲ ମିଡିଆରେ ଏହି ୧୦ ମିନିଟ୍ ଡେଲିଭରୀ ଲେଖା ଆଉ ଦେଖିବାକୁ ମିଳିବନି, କି କମ୍ପାନୀ ଆଉ ଏଭଳି ଦାବି କରିବ ନାହିଁ। ତେବେ ରିସ୍କଫୁଲ୍ ଡେଲିଭରି ସମୟସୀମାକୁ କମ୍ପାନୀ ହଟାଇ ଦେବାକୁ ଚାହୁଁଥିବା କହିଛି।

### ବଡ଼ ବଡ଼ କମ୍ପାନୀଙ୍କ ସହ ସରକାରଙ୍କ ଆଲୋଚନା

ଶର୍ଟ ଟାଇମ ଡେଲିଭରୀ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋର ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏହି ଆଲୋଚନା ସମୟରେ ମନ୍ତ୍ରୀ କମ୍ପାନୀଗୁଡ଼ିକୁ ସେମାନଙ୍କର ବ୍ରାଣ୍ଡିଂ ଏବଂ ମାର୍କେଟିଂ କମ୍ୟୁନିକେସନରୁ ଫିକ୍ସଡ୍ ଡେଲିଭରି ଟାଇମ ଲିମିଟ ହଟାଇବାକୁ କହିଥିଲେ। ଏଭଳି ଫିକ୍ସଡ୍ ଡେଲିଭରୀ ଟାଇମ ଲିମିଟ ଲଗାଇବା ଦ୍ୱାରା ଡେଲିଭରୀ ବଏଙ୍କ ଉପରେ ଚାପ ପଡୁଛି ବୋଲି ସରକାର କହିଥିଲେ। ଏହାପରେ ସମସ୍ତ କମ୍ପାନୀ ସେମାନଙ୍କର ବ୍ରାଣ୍ଡ ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଡେଲିଭରି ସମୟ ସୀମାକୁ ହଟାଇ ଦେବାକୁ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଉଠାଜଳସେଚନ ବିଭାଗର ଅବହେଳା, ଚାଷୀ ହନ୍ତସନ୍ତ



ପଟ୍ଟାମୁଣ୍ଡାଇ,୧୩।୧(ସମିସ): କୃଷକ ଓ କୃଷିର ଉନ୍ନତି ପାଇଁ ସରକାର ଉଠାଜଳସେଚନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରକଳ୍ପ ଦୂରଦୃଷ୍ଟି ଅଭାବ ହେତୁ ଚାଷ କାମରେ ବ୍ୟବହାର ହୋଇ ନ ପାରି ଅଚଳ ଅବସ୍ଥାରେ ପଡ଼ିରହିଛି। ପାଣି ସଞ୍ଚିତ ହେବା ପାଇଁ ଥିବା ଟାଙ୍କିର ଲେଭୁଲ ଉଚ୍ଚାନିଚା ଥିବାରୁ ଉପର ମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ଠିକାଦାର ମାଲାମାଲ, ଚାଷୀ ହତାଶ ହେଉଛନ୍ତି।
ପଟ୍ଟାମୁଣ୍ଡାଇ ବ୍ଲକ୍ ତରଡ଼ିପାଳ ପଞ୍ଚାୟତରେ ଗତ ପାଞ୍ଚବର୍ଷ ମଧ୍ୟରେ ଉଠାଜଳସେଚନ ବିଭାଗ ଦ୍ୱାରା ୪ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କୃଷି ଉପରେ ନିର୍ଭରଶୀଳ ଚାଷୀ ଜଳସେଚନ ମାଧ୍ୟମରେ ଉନ୍ନତ କିସମ ଓ ଲାଭଦାୟକ ଫସଲ ଅମଳ କରି ଆତ୍ମନିର୍ଭରଶୀଳ ହେବାକୁ ଆଶା ରଖିଥିଲା। ପାଣି ପଞ୍ଚାୟତ ପ୍ରକଳ୍ପ ଗୋଟିଏ ପରେ ଗୋଟିଏ ତିଆରି ହୋଇଥିଲା। ପାଇପ ପଡ଼ି ଜମି ନିକଟରେ ଟାଙ୍କି ତିଆରି ହୋଇଥିଲା। ଠିକାଦାରଙ୍କ ବେପରୁଆ ମନୋଭାବ ପାଇଁ ଟାଙ୍କିରେ ପାଣି ପହଞ୍ଚି ନ ପାରି ପାଇପ ଲିକ୍ ଥିବାରୁ ପାଣି ବାହାରିଯାଉଛି। ତରଡ଼ିପାଳ-୩ ପ୍ରକଳ୍ପ ଗତବର୍ଷ ତିଆରି ହୋଇଥିଲେ ମଧ୍ୟ ଏବର୍ଷ ମୁଗ ଓ ଟାଇଚୀନ ଧାନ ପାଇଁ ମଟର ଚାଲୁଥିବାବେଳେ ନିମ୍ନମାନର ପାଇପ ପଡିଥିବାରୁ ଜମିରେ ପାଣି ନ ପହଞ୍ଚି ବାଟରେ ପାଣି ବାହାରି ଯାଉଛି। ଚାଷୀ ଟଙ୍କା ଖର୍ଚ୍ଚ କରି ବିଦ୍ୟୁତ ବିଭାଗଠାରୁ ଅନୁମତି ଆଣି ମଟର ବସାଇଥିଲେ ମଧ୍ୟ ଏ ବର୍ଷ ଚାଷ କରି ନ ପାରି ହତାଶ ହୋଇଛନ୍ତି। ସେଇଭଳି ପେଣ୍ଟପାଳ ପଞ୍ଚାୟତର କୂଳସାହି-୨ ପ୍ରକଳ୍ପ ଟ୍ରାନ୍ସଫର୍ମର ଏକବର୍ଷ ହେଲା ପୋଡ଼ି ଯାଇଥିବାବେଳେ ତାହାର ମରାମତି ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏହି ପ୍ରକଳ୍ପ ଅଧୀନରେ ଥିବା ୧୦୦ ଏକରରୁ ଅଧିକ ଜମି ଶାରଦ ଧାନ ସମୟରେ ପଡ଼ିଆ ଥିବାବେଳେ ବର୍ତ୍ତମାନ ଚାଷୀ ମୁଗ ମଧ୍ୟ ବୁଣି ପାରୁନାହାନ୍ତି। ଅଭିଯୋଗ କଲେ ମଧ୍ୟ ଧରାଛୁଆଁ ଦେଉନାହାନ୍ତି ବିଭାଗୀୟ ଅଧିକାରୀ। କୃଷିର ଉନ୍ନତି ସକଳ ଉନ୍ନତି। ସରକାର ସର୍ବଦା ବିଭିନ୍ନ ଯୋଜନା ମାଧ୍ୟମରେ କୃଷକଙ୍କୁ ସଶକ୍ତ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଉଠାଜଳସେଚନ ବିଭାଗ ବିଭିନ୍ନ ପ୍ରକଳ୍ପ କରି ଠିକାଦାରଙ୍କୁ ଲୁଟିବା ପାଇଁ ସୁଯୋଗ ଦେଉଛି। କୃଷକ ପାଖରେ ପାଣି ନାହିଁ, ହଜାର ହଜାର ଏକର ଜମି ପଡ଼ିଆ ପଡୁଥିବାବେଳେ ଉଠାଜଳସେଚନ ବିଭାଗ ପାଣି ପଞ୍ଚାୟତ ପକ୍ଷ କାହା ସ୍ୱାର୍ଥରେ ପାଳନ କରୁଛି। ସରକାର ତୁରନ୍ତ ଚାଷୀଙ୍କ ଦୁଃଖ ବୁଝି ଉଠାଜଳସେଚନକୁ କାର୍ଯ୍ୟକାରୀ କଲେ ଚାଷୀକୁଳ ବଞ୍ଚିବ ବୋଲି ସାଧାରଣରେ ଦାବି ହେଉଛି।

## ମିଳୁନି ଆବାସ: ପଲିଥିନ୍ ଢଙ୍କା କୁଡ଼ିଆରେ ଲତାଙ୍କ ପରିବାର

ଓଳାଭର,୧୩।୧(ସମିସ): ଆବାସ ମିଳୁନି। ଦୁର୍ଦ୍ଦିନରେ ପରିବାର। ବର୍ଷା ଦିନେ ତ କଥା ସରିଲା। ବଖରାଏ ପଲିଥିନ ଢଙ୍କା ଘରେ ଗୋଟିଏ ପରିବାର ଅତି କଷ୍ଟରେ ଦିନ କାଟୁଛନ୍ତି। ଏହା ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ପଞ୍ଚାୟତ ଅହମ୍ମଦପୁର ଗ୍ରାମର ଲତା ମଲିକ (୪୬)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଲତାଙ୍କ ସ୍ୱାମୀ ଟୁକୁନା ଜଣେ ବୁଲା ବେପାରୀ। ଘରେ ଦୁଇପୁଅ। ବଡପୁଅ ବାତରୋଗ ଯୋଗୁ ଅଧାରୁ ପଢା ଛାଡି ଘରେ ବସିଛି। କେବଳ ରାସନ ଚାଉଳ ହିଁ ଭରସା। ଘର କହିଲେ ବଖରାଏରେ କୁଡିଆ। ଛପର ବି ହୋଇନି। ପାଲ ପକାଇ ଚଳିବାକୁ ପଡୁଛି। ସେହି ଘରେ ରୋଷେଇ ହୁଏ। ବ୍ଲକ ଓ ପଞ୍ଚାୟତରେ ଆବାସ ପାଇଁ ଗୁହାରି କଲେ ହେଁ ଆବାସ ମିଳୁ ନ ଥିବା ଲତା କହିଛନ୍ତି। ଦୟନୀୟ ଭାବେ ଦିନ କାଟୁଥିବା ପରିବାରକୁ ସରକାରୀ ଘର ଯୋଗାଇ ଦେବାକୁ ଦାବି ହେଉଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଡେରାବିଶ, ୧୩।୧(ସମିସ): ତେରମା ନୋଡାଲ ଉପ୍ରା ବିଦ୍ୟାଳୟରେ ଯଅଁରାବାରିମୂଳ ପଞ୍ଚାୟତ ହାଇସ୍କୁଲ ଓ ନାନକାର ପଞ୍ଚାୟତ ନୋଡାଲ ଉପ୍ରା ବିଦ୍ୟାଳୟର ମିଳିତ ସହଯୋଗରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେରମା ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ମଣ୍ଡଳର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ବିଆରସିସି ଦେବଦତ୍ତ ଶତପଥୀ ଓ ସମାଜସେବୀ ତଅପୋଇ ସୂତାର ଯୋଗଦେଇଥିଲେ। ପୂର୍ବତନ ସିଆରସିସି ପ୍ରଶାନ୍ତ ମଣ୍ଡଳ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ସୁଚିସ୍ମିତା ପଣ୍ଡା ଓ ଜୟଶ୍ରୀ ସ୍ୱାଇଁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏ ଅବସରରେ ପଦୋନ୍ନତି ପାଇ ଡେରାବିଶ ବ୍ଲକ୍‌ରୁ ବଦଳି ହୋଇଥିବା ବିଇଓ ଶ୍ରୀକାନ୍ତ ବେହେରା ଓ ପୂର୍ବତନ ସିଆରସିସି ପ୍ରଶାନ୍ତ ଶତପଥୀ ଶିକ୍ଷକ ଅମୀୟ ପଣ୍ଡା, ଅଲେଖ ମିଶ୍ର ଓ ଶିକ୍ଷୟିତ୍ରୀ ସୁଷମା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡେରାବିଶ ବ୍ଲକ୍‌ର ପୂର୍ବତନ ବିଆରସିସି ସ୍ୱର୍ଗତ ନରହରୀ ସୂତାର ଓ ଶିକ୍ଷକ ସ୍ୱର୍ଗତ ଦାମୋଦର ତ୍ରିପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ରଘୁନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନା ଦୋକାନ ତାଲା କାଟି ୫୦ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

ଡେରାବିଶ, ୧୩।୧(ସମିସ): ଠାକୁର ହାଟରେ ଗତକାଲି ରାତିରେ ଦୁର୍ବୃତ୍ତ ଗ୍ୟାସ୍ କଟରରେ ବାସୁଦେବ ଅଳଙ୍କାର ନାମକ ସୁନା ଦୋକାନର ତାଲା କାଟି ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଜଣାଯାଇଛି। ଏ ସମ୍ପର୍କରେ ସଦର ଥାନାରେ ନିକଟସ୍ଥ ଗୁଆଳସିଂ ଗ୍ରାମର ସୁନା ଦୋକାନୀ ଦୀପ୍ତିରଞ୍ଜନ ସାହୁଙ୍କ ଅଭିଯୋଗ ପରେ ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ପହଞ୍ଚି ଗ୍ୟାସ୍ ସିଲିଣ୍ଡର, କଟର ଇତ୍ୟାଦିକୁ ଜବତ କରିଛନ୍ତି।

## ଭିତରଗଡ ଗ୍ରାମରେ ଜଳିଗଲା ୬ ବଖରା

ରାଜନଗର,୧୩।୧(ସମିସ): ଭିତରଗଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ମଧ୍ୟାହ୍ନ ସମୟରେ ହୃଦାନନ୍ଦ ଚଣ୍ଡଙ୍କ ଘରେ ନିଆଁ ଲାଗି ଦୁଇ ବଖରା ପୋଡ଼ିଯାଇଥିଲା। ତାଙ୍କ ଘରକୁ ଲାଗିଥିବା ବିଦ୍ୟାଧର ଚଣ୍ଡ ଓ ଗଦାଧର ଚଣ୍ଡଙ୍କ ଘରେ ନିଆଁ ଲାଗି ଦୁଇବଖରା ଲେଖାଏଁ ଘର ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି।

## ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ



ଡେରାବିଶ, ୧୩।୧(ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା ଗ୍ରାମର ଜନମଙ୍ଗଳ ସେବା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ନୂଆହାଟ, ଛଚିଣା, ମିର୍ଜାପାଟଣା ପ୍ରଭୃତି ଗ୍ରାମରେ ଆର୍ଥିକ ଦୁରବସ୍ଥା ମଧ୍ୟରେ ଗତିକରୁଥିବା ୪୫ ଜଣ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଗୋଷ୍ଠୀର ମୁଖ୍ୟ ପରିଚାଳକ ବିଶ୍ୱଜିତ ଭୂୟାଁଙ୍କ ନେତୃତ୍ୱରେ ମାନସ ଭୂୟାଁ, ତନ୍ମୟ ଭୂୟାଁ, ବିକାଶ ସେଠୀ, କୃଷ୍ଣ ସେଠୀ, ଜୟନ୍ତ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଓ ଆବାସ ଯୋଜନାରୁ ବଞ୍ଚିତ ଥିବା ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ ପ୍ରକ୍ରିୟା ଜାରି ରହିବ ବୋଲି ବିଶ୍ୱଜିତ ସୂଚନା ଦେଇଛନ୍ତି।

● ବେଲାପୁର ଛକରେ ରାସ୍ତା ଅଣଓସାରିଆ

## ଟ୍ରାଫିକ୍ ସମସ୍ୟା ଯୋଗୁଁ ଲୋକେ ଅତିଷ୍ଠ

ପଞ୍ଚୁପାଣ୍ଡବ,୧୩।୧(ସମିସ):ଡେରାବିଶ ତହସିଲ ଅଧୀନରେ ଥିବା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଛକରେ ରାସ୍ତା ଅଣଓସାରିଆ ପାଇଁ ଲୋକେ ହଟହଟା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାର ଦୁଇ ପାଶ୍ୱର୍ରେ ବିଭିନ୍ନ ଦୋକାନ ଥିବାରୁ ଦୋକାନକୁ ଆସୁଥିବା ଗ୍ରାହକ ସାଇକଲ ଓ ବାଇକ୍ ପାର୍କିଂ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ବାରମ୍ବାର ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଉକ୍ତ ରାସ୍ତା ଦେଇ ବେଣୀପୁର, ମଙ୍ଗଳପୁର, ଛୋଟି, ରଘୁଦେଇପୁର ଓ ବିଭିନ୍ନ ପଞ୍ଚାୟତର ଲୋକେ କେନ୍ଦ୍ରାପଡ଼ା ମେଡିକାଲ ହେଉ କି କଲେଜ, ଡେରାବିଶ ଅଧୀନରେ ଥିବା ତହସିଲ, ସ୍ୱାସ୍ଥ୍ୟକେନ୍ଦ୍ର, କଲେଜକୁ ଯାତାୟାତ କରନ୍ତି। ଏହି ରାସ୍ତାରେ ରାଇସ ମିଲ୍‌କୁ ପ୍ରତିଦିନ ୧୬ ଓ ୧୮ ଚକିଆ ଯାନବାହନ ଚଳାଚଳ କରୁଥିବାବେଳେ ନିକଟରେ ଥିବା ବିଦ୍ୟାଳୟକୁ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବହୁ ସମୟରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଉଥିବା ଦେଖିବାକୁ ମିଳୁଛି। ଏହାର ତଦନ୍ତ କରାଯାଇ ରାସ୍ତା ଅବରୋଧ ହଟାଇବା ସହ ରାସ୍ତାକୁ ଓସାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଦଶିପୁର ଆଦର୍ଶ ପଞ୍ଚାୟତ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ମହାକାଳପଡା,୧୩।୧(ସମିସ): ଗୋଜବାୟାଣୀ ପୀଠରେ ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚବିଦ୍ୟାଳୟ୨୦୦୩ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତନ୍ମୟ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୈଳାସ ଦାସ, ଦୁର୍ଗାମାଧବ ଲେଙ୍କା, ଶୁଭେନ୍ଦୁ ସାମନ୍ତରାୟ, ମନୋରଞ୍ଜନ ମଲ୍ଲ, ସରୋଜ ନାଏକ, ଚିତ୍ତରଞ୍ଜନ ଜେନା, ଜିତେନ୍ଦ୍ର ସାମଲ, ଜ୍ୟୋତିରଞ୍ଜନ ପ୍ରଧାନ, ଦୀପକ ଚୌଧୁରୀ, ସଚ୍ଚିକାନ୍ତ ରାଉତରାୟଙ୍କ ସମେତ ଅନ୍ୟ ସହପାଠୀ ଯୋଗଦେଇ ଶିକ୍ଷାନୁଷ୍ଠାନର ଉନ୍ନତି କଳ୍ପେ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ।

## ମାର୍ଶାଘାଇ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

ମାର୍ଶାଘାଇ,୧୩।୧(ସମିସ): ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ସରକାରୀ ଧାନମଣ୍ଡି ଉଦଘାଟିତ ହୋଇଛି। ସମବାୟ ସମିତି ସଭାପତି ପ୍ରଦୀପ୍ତ ଗାହଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ବିଡିଓ ପଞ୍ଚାନନ ମଲିକ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଏଆରସିଏସ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଏବିଡିଓ ଇତିଶ୍ରୀ ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷିକା ପ୍ରିୟଙ୍କା ସାହୁ, କଟକ ସିସିବି ମାର୍ଶାଘାଇ ଶାଖା ପରିଚାଳକ ସୁଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଗୋବର୍ଦ୍ଧନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୪୪୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ସମ୍ପାଦକ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ସମବାୟ ସମିତି ବୋର୍ଡ ନିର୍ଦ୍ଦେଶକ ସମସ୍ତ ସଦସ୍ୟ ସଦସ୍ୟା, ଧାନମଣ୍ଡି ପରିଚାଳନା କମିଟି ସଦସ, ଡିଇଓ ଜ୍ଞାନରଞ୍ଜନ ସାହୁ, ସହସମ୍ପାଦକ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାଳିମୀ କ୍ଲଷ୍ଟର ଓ ମଙ୍ଗରାଜପୁର କ୍ଲଷ୍ଟର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଗୋବିନ୍ଦପୁର,୧୩।୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ସସିଧାଠାରେ ପାଳିମି ଓ ମଙ୍ଗରାଜପୁର ସାଧନ କେନ୍ଦ୍ର ଶିକ୍ଷକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପାଳିମି ଜନତା ଯୋଦ୍ଧା ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ହରାଇ ୧୭୦ ରନ୍ କରିଥିଲା। ଜବାବରେ ମଙ୍ଗରାଜପୁର ଫାଇଟର ୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୮ ରନ୍ କରି ପରାସ୍ତ ହୋଇଥିଲା। ଶିକ୍ଷକ ଶିବପ୍ରସାଦ ବେହେରା ସର୍ବାଧିକ ୭୩ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ କ୍ରିକେଟ ଦଳର ଶିକ୍ଷକ ଉତ୍ସାହ ସହିତ ଖେଳ ପ୍ରଦର୍ଶନ କରିଥିଲେ। ଶିକ୍ଷକ କମଳାକାନ୍ତ ମହାଳିକ, କ୍ରିଷ୍ଣା ଜେନା, ଅକ୍ଷୟ ଦେହୁରୀ, ଜ୍ଞାନେନ୍ଦ୍ର ଆଚାର୍ଯ୍ୟ, ରଶ୍ମି ଦାସ, ସ୍ୱାଧୀନ ନାୟକ, ଅମିତ ବିଶ୍ୱାଳ, ବୁବୁଲ ରଥ, ରଜତ ବେହେରା, ଶଶାଙ୍କ ପତି ଖେଳ ପରିଚାଳନା କରିଥିଲେ।



କେନ୍ଦ୍ରାପଡ଼ା କଲେଜର ୧୯୮୦-୮୪ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଜାତୀୟ ରାଜପଥର ଗୋପ ଛକସ୍ଥ କମଳ ଭବନରେ 'ସ୍ମୃତି ଓ ସମ୍ପର୍କ' ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ଡିଇଏଆର ପରିବାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, ୧୩।୧(ସମିସ): ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗରସ୍ଥ ଗୁରୁକୁଳ ଶିକ୍ଷାକେନ୍ଦ୍ରରେ 'ଡ୍ରପ ଏଭ୍ରିଥିଂ ଆଣ୍ଡ ରିଡ୍' (ଡିଇଏଆର) ପରିବାର ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହି ପଢ଼ିବା ସଂକ୍ରାନ୍ତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ରେ ଡେରାବିଶ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସ୍ୱର୍ଗତ ନରହରୀ ସୂତାର ପ୍ରଥମ କରି ଡେରାବିଶ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ବହି ପଢ଼ିବାକୁ ଉତ୍ସାହିତ କରିବା। ଏହି ଲକ୍ଷ୍ୟ ନେଇ ସେତେବେଳେ ଡେରାବିଶ ବ୍ଲକ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସପ୍ତାହର ଗୋଟିଏ ଦିନ ବୁଧବାର ମଧ୍ୟାହ୍ନ ପରେ ଗୋଟିଏ ପିରିୟଡ୍ ଲାଇବ୍ରେରୀ ବହି ପଢୁଥିଲେ। ଏହି କାର୍ଯ୍ୟକ୍ରମ ଏତେ ଆଦୃତ ହେଲା ଯେ, ଜିଲ୍ଲା ଅନ୍ତର୍ଗତ ଅନ୍ୟ ବ୍ଲକ୍ ସ୍କୁଲରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଗଲା। ଏବେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ଆସ ପଢ଼ିବା, ଗଢ଼ିବା' କାର୍ଯ୍ୟକ୍ରମ ଏଥିମଧ୍ୟରୁ ଅନ୍ୟତମ ବୋଲି ଜଣାଯାଇଛି। ସ୍ୱର୍ଗତ ସୂତାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଆରସିସି ଦେବଦତ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଗୁରୁକୁଳ ଶିକ୍ଷାକେନ୍ଦ୍ରର ଡାଇରେକ୍ଟର ପ୍ରହ୍ଲାଦ ପାତ୍ର ଓ ସ୍ୱର୍ଗତ ସୂତାରଙ୍କ ଧର୍ମପତ୍ନୀ ତଅପୋଇ ସୂତାର ଯୋଗଦେଇ ଡିଇଏଆର ଦ୍ୱାରା ଛାତ୍ରଛାତ୍ରୀ ଲାଇବ୍ରେରୀରେ ରହିଥିବା ପାଠପଢ଼ା ବହି ସମେତ ବହୁ ବିଦ୍ୱାନ ଲେଖକଙ୍କ ରଚିତ ପୁସ୍ତକ ପାଠକରି ସେମାନେ ଦେଶ ଓ ଦୁନିଆ ସମ୍ପର୍କରେ ବିଭିନ୍ନ ଜ୍ଞାନ ଆହରଣ କରିପାରୁଛନ୍ତି ବୋଲି କହିଥିଲେ। ଏ ଅବସରରେ ଶ୍ରୀମତୀ ସୂତାର ଉପସ୍ଥିତ ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡିଇଏଆର ଡାଏରୀ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ନିର୍ମଳ ଜେନା, ହରେକୃଷ୍ଣ କର, ତ୍ରିଲୋଚନ ମଲିକ, ବିଶ୍ୱଜିତ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।



## ବିପୁଳ ପରିମାଣର ବାଲି ଜବତ୍, ନାଲି ପତାକା ମାରିଲା ପ୍ରଶାସନ

କେନ୍ଦ୍ରାପଡ଼ା,୧୩।୧(ସମିସ): ସରକାରୀ ଜମିରେ ବାଲି, ଗୋଡ଼ି କିମ୍ବା ମାଟି ଠୁଳ କରି ରଖିଥିବା ଲୋକେ ଏବେ ସାବଧାନ ହେବାକୁ ପଡ଼ିବ। ଏପରି ଅବୈଧ କାର୍ଯ୍ୟକଳାପ ବିରୋଧରେ ପ୍ରଶାସନ କଡ଼ା ମନୋଭାବ ଗ୍ରହଣ କରିଛି। କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ନସଡ଼ିପୁର ନିକଟରେ ତହସିଲ୍ ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଦା ହୋଇଥିବା ବାଲିକୁ ଜବତ କରାଯାଇଛି। ଏଥିସହ ବାଲି ଗଦା ଉପରେ ନାଲି ପତାକା ମରାଯାଇଛି। ରାଜ୍ୟ ସରକାର ରାସ୍ତା କିମ୍ବା ସରକାରୀ ଜାଗାରେ ବାଲି, ଗୋଡ଼ି ଓ ମାଟି ଗଦା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୂର୍ବରୁ ସତର୍କ କରିଥିବାବେଳେ ଏହି ଚଢ଼ଉ ସାଧାରଣ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ମୁତାବକ, ନସଡ଼ିପୁରର ଯେଉଁ ସ୍ଥାନରେ ଆଜି ପ୍ରଶାସନ ନାଲି ପତାକା ମାରିଛି, ସେଠାରେ ଦୀର୍ଘ ବର୍ଷ ଧରି ପାହାଡ଼ ପ୍ରାୟ ବାଲି ଠୁଳ କରି ରଖାଯାଇଥିଲା। ବର୍ଷାଋତୁରେ ସେଠାରୁ ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ଯୋଗେ ବାଲି ଅନ୍ୟ ସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି ଅଭିଯୋଗ ଥିଲା। ପ୍ରଶାସନ ଏହା ସମ୍ପର୍କରେ ଜାଣିଥିଲେ ମଧ୍ୟ ଚୁପ୍ ରହୁଥିବା ଆଲୋଚନା ହେଉଥିଲା। ସମ୍ପ୍ରତି ତହସିଲ୍ ପ୍ରଶାସନ ଉକ୍ତ ଜାଗାକୁ ସରକାରୀ ଜମି ଭାବେ ଚିହ୍ନଟ କରିଛି। ଦୁଇ ସପ୍ତାହ ପୂର୍ବରୁ ଆର୍‌ଆଇ ଏ ସମ୍ପର୍କରେ ରିପୋର୍ଟ ଦେଇଥିବାବେଳେ ରିପୋର୍ଟ ଆଧାରରେ କେନ୍ଦ୍ରାପଡ଼ା ତହସିଲଦାର କୁଇନି ଜେନା ଓ ଖଣି ଅଧିକାରୀ ପୁଲିସ କର୍ମଚାରୀଙ୍କ ସହଯୋଗରେ ଚଢ଼ଉ କରିଥିଲେ।

## ଦଧିବାମନଜୀଉ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା

ଗୋବିନ୍ଦପୁର,୧୨।୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ଦଧିବାମନଜୀଉ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ ଗଦାଧର ପଡ଼ିହାରୀ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ଶିକ୍ଷକ ପୁରୁଷୋତ୍ତମ ପତି, ପ୍ରଧାନଶିକ୍ଷକ ଅଜୟ ପଣ୍ଡା, ପଦ୍ମଜା ସ୍ୱାଇଁ, କଳାକାର ସାମଲ, ରତିକାନ୍ତ ମଲିକ, ଜିତେନ୍ଦ୍ର ସେଠ, ସଞ୍ଜନା ଦାସ, ନିରଞ୍ଜନ ରଥ, ପ୍ରକାଶ ମଲିକ , ବିଶ୍ୱଜିତ ମଲିକ, ଉମେଶ ମଲିକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମାରୁତି ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ

ଡେରାବିଶ, ୧୩।୧(ସମିସ): କାଉପଡ଼ା ପଞ୍ଚାୟତ ବାଘିଲୋ ବାବନପୁରସ୍ଥ ମାରୁତୀ ଉଚ୍ଚ ବିଦ୍ୟାପୀଠରେ ବାଘିଲୋ ବାବନପୁର ୟୁଜିୟୁପି ଓ ମାରୁତି ଉଚ୍ଚ ବିଦ୍ୟାପୀଠର ମିଳିତ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ କିଶୋର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନାରାୟଣ ବାରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତାପ ବେହେରା, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଏବିଇଓ ସଚିକାନ୍ତ ମିଶ୍ର, ବିଆରସିସି ଦେବଦତ୍ତ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ କରୁଣାକର ସ୍ୱାଇଁ, ହେମନ୍ତ ଦାସ, ପ୍ରମୋଦ ପ୍ରତାପ, ଶିକ୍ଷାବିତ ରେଖାଞ୍ଜଳି ବେହେରା, ଡଃ ପ୍ରମୋଦ ପରିଡ଼ା, ସିଆରସିସି ନିରଞ୍ଜନ ମଲିକ, ଭ୍ରମରବର ବେହୁରା, ମଧୁସୂଦନ ରାଉତ ଓ ଗଙ୍ଗାଧର ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ନରହରୀ ନାଥଶର୍ମା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ମନୋରଞ୍ଜନ ସାମଲଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ମଞ୍ଚ ସଂଯୋଜନା ଓ ଶିକ୍ଷକ ମନୋରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

## ଏମ୍‌ଏନ୍ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ପଟ୍ଟାମୁଣ୍ଡାଇ,୧୩।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମଏନ ହାଇସ୍କୁଲର ୭୨ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଉଦଯାପନୀ ଉତ୍ସବରେ ପରିଚାଳନା ସମିତି ସଭାପତି ତପନ ଦାଶ ମୁଖ୍ୟଅତିଥି, ବରିଷ୍ଠ ଚିତ୍ରକର ରମେଶ ଦେ, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ବେହେରା, ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାର୍ଚ୍ଚଫାଷ୍ଟ କରି ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ପ୍ରତିଯୋଗିତାରେ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିଅର ବାଳକ ବର୍ଗରେ ଦୀପଙ୍କର ରାଉତ, ଜୁନିୟର ବାଳିକା ବର୍ଗରେ ଜିଜିନା ଦାଶ, ସିନିୟର ବାଳକ ବର୍ଗରେ ଶ୍ରୀକାନ୍ତ ମାଝୀ, ସିନିୟର ବାଳିକା ବର୍ଗରେ ସୁଶ୍ରୀ ସଂଗୀତା ଜେନା ଚାମ୍ପିଅନ ହୋଇଥିଲେ। ଶିକ୍ଷକ ସରୋଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଉତ୍ସବକୁ ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ସୁଜୟ ରାଉତରାୟ, ଅନୀତା ଧଳ, ରଶ୍ମିତା ତରାଇ, ତପସ୍ୱିନୀ ମଲ୍ଲିକ, ଶାଶ୍ୱତୀ ସାହୁ, ସ୍ମିତାପ୍ରଜ୍ଞା ରାଉତ, ବିନୋଦ ନାଥ ପ୍ରମୁଖ ପରିଚାଳନା କରିଥିଲେ।

# ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଡେରାବିଶ, ୧୩।୧(ସମିସ): ସାରା ରାଜ୍ୟରେ ଜଣ୍ଡିସ୍ ରୋଗ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖିବ ।କୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁପଚୁପ୍ ବ୍ୟବସାୟ ଚାଲିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ରୋଗୀ ସେବା ବନ୍ଦ କରି କେନ୍ଦ୍ର ପରିସରରେ ଗୁପ୍‌ଚୁପ୍ ଖାଉଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବ୍ଲକ୍ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଉଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମାନୀ ପାଇଁ ଏହି ସ୍ୱାସ୍ଥ୍ୟ କନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଏକପ୍ରକାର ଠପ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଆସୁଛି।

ଅପରପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସୁଥିବା ରୋଗୀ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନ ପାଇ ନିରାଶ ହେଉଛନ୍ତି। ଶନିବାର କେତେଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବାବେଳେ ପରୀକ୍ଷାଗାରରେ କୌଣସି କର୍ମଚାରୀ ନ ଥିଲେ। ଅନ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନ ଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ସ୍ୱାସ୍ଥକେନ୍ଦ୍ର ପରିସରରେ ଜଣେ ଗୁପଚୁପ୍ ବ୍ୟବସାୟୀଙ୍କ ଚାରିପଟେ ଛିଡ଼ା ହୋଇ ଗୁପ୍‌ଚୁପ୍ ଖାଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ସ୍ଥାନୀୟ ତିଳକପୁର ଅଞ୍ଚଳର ଜଣେ ରୋଗୀ ଧରଣୀଧର ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିବା ପ୍ରକାଶ କରିଛନ୍ତି। ଅନ୍ୟ ରୋଗୀ ମଧ୍ୟ ବହୁ ସମୟ ଅପେକ୍ଷା କରି କାହାକୁ ନ ପାଇ ଫେରିଥିଲେ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ଲକ୍ ଅଞ୍ଚଳର ଜୀବନରେଖା। ଦୀର୍ଘ ବର୍ଷ ହେବ ଏହି କେନ୍ଦ୍ରରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅଞ୍ଚଳବାସୀଙ୍କୁ ଆଘାତ ଦେଇଛି। ଏବେ ଶୀତ ଲହରୀ ପ୍ରଭାବରୁ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସୁଛନ୍ତି। ରକ୍ତ ନମୁନା ପରୀକ୍ଷା ହେଉ ବା ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ହେଉ ଏଥିପାଇଁ ଦାୟିତ୍ୱରେ ଥିବା କର୍ମଚାରୀ ନିଜର ଦାୟିତ୍ୱ ଭୁଲି କେନ୍ଦ୍ର ପରିସରରେ ଗୁପଚୁପ୍ ଖାଇବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହା ଅନୁମତିରେ ଗୁପ୍‌ଚୁପ୍ ବ୍ୟବସାୟୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପ୍ରବେଶ କରିଛି, ତାହାର ଏକ ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ପଣ୍ଡିତ ମିଶ୍ର ଦାବି କରିଛନ୍ତି । ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋରଞ୍ଜନ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଏ ବିଷୟରେ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ପାଇଁ ସେ ପଦକ୍ଷେପ ନେବେ ବୋଲି ଡାକ୍ତର ରାଉତ କହିଛନ୍ତି।







ଭୁବନେଶ୍ୱରରେ ଜାନୁଆରୀ ୧୪ରୁ ୧୬ ଯାଏ ହେବାକୁ ଥିବା ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଆନ୍ତର୍ଜାତିକ ସମ୍ମିଳନୀରେ ଭାଗନେବାକୁ ଆସିଥିବା କିଂବଦନ୍ତି ଚେସ୍ ତାରକା ବିଶ୍ୱନାଥନ ଆନନ୍ଦ (ମଝି)

## ଅବସର ନେବେ ଆଲିସା ହିଲୀ



**ସିଡ୍‌ନୀ, ୧୩।୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହିଲୀ ଅବସର ନେଇ ସୂଚନା ଦେଇଛନ୍ତି। ଫେବୃଆରୀ ୧୫ରୁ ଘରୋଇ ପରିବେଶରେ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ସିରିଜ ପରେ ସମସ୍ତ ଫର୍ମାଟ୍‌ରୁ ଅବସର ନେବେ ବୋଲି ୩୫ ବର୍ଷୀୟା ହିଲୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଦୀର୍ଘ ୧୬ ବର୍ଷର କ୍ୟାରିୟରରେ ହିଲୀ ଅଷ୍ଟ୍ରେଲିଆ ପାଇଁ ୧୦ଟି ଟେଷ୍ଟ, ୧୨୩ ଦିନିକିଆ ଓ ୧୬୨ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେହିଭଳି ୱିକେଟ୍ ପଛରେ ହିଲୀ ୨୭୫ଟି ଡିସ୍‌ମିସାଲ ମଧ୍ୟ କରିଛନ୍ତି। ହିଲୀ ୨୦୧୬ରେ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ବିବାହ କରିଥିଲେ।

### ଦ୍ୱିତୀୟ ଦିନିକିଆରେ ମଧ୍ୟ ରୋହିତ-କୋହଲିଙ୍କ ଆକର୍ଷଣ

# ରାଜକୋଟରେ ସିରିଜ୍ କବ୍‌ଜା ଭାରତର ଲକ୍ଷ୍ୟ

ରାଜକୋଟ,୧୩।୧(ଏଜେନ୍ସି)



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଆସନ୍ତାକାଲି ବା ବୁଧବାର ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପୂର୍ବରୁ ବରୋଦାରେ ୧୧ ତାରିଖରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୪ ୱିକେଟରେ ବିଜୟୀ ହୋଇଥିଲା। ଭାରତୀୟ ଦଳରେ ଦୁଇ କିଂବଦନ୍ତି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସହାୟତାରେ ଭାରତ ଏଠାରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଜିତିବା ସହ ଆଗୁଆ ସିରିଜ୍ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଏହି ସିରିଜ୍‌ରେ ନ୍ୟୁଜିଲାଣ୍ଡ ତାହାର ଶ୍ରେଷ୍ଠ ଖେଳାଳିଙ୍କ ବିନା ଖେଳିବାକୁ ଆସିଥିଲେ ମଧ୍ୟ ମ୍ୟାଚ୍ ଜିତିବାକୁ ଭାରତକୁ ନାକେଦମ କରିଥିଲା। ଏଣୁ ଦଳ ଯଦି ଆଉ ଟିକେ ଲଢୁଆ ଖେଳିବ ତେବେ ଫଳାଫଳ ନିଶ୍ଚିତ ଅଲଗା ହେବ। ରାଜକୋଟରେ ପ୍ରଥମ ଇନିଂସରେ ହାରହାରି ୩୨୨ ରନ୍ ସଂଗୃହୀତ ହୋଇଛି। ଏଣୁ ଏହି ମ୍ୟାଚ୍ ଯେ ହାଇ ସ୍କୋରିଂ ମୁକାବିଲା ହେବ ଏଥିରେ ସନ୍ଦେହ ନାହିଁ। ଏଭଳି ମ୍ୟାଚ୍‌ରେ ରନ୍ ଚେଜ୍ କରୁଥିବା ଦଳ ଯେ ଫାଇଦାରେ ରହିବା ନିଶ୍ଚିତ୍। ଏବେ ପ୍ରବଳ କାକର ପଡୁଥିବାରୁ ଏପରି ଆଶଙ୍କା ରହିଛି।

ବରୋଦାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ମ୍ୟାଚ୍ ଜିତିଥିଲା ସତ, କିନ୍ତୁ ଏଥିଲାଗି ଦଳକୁ ସଂଘର୍ଷ କରିବାକୁ ପଡ଼ିଥିଲା। ବୋଲିଂ ହେଉ କିମ୍ବା ବ୍ୟାଟିଂରେ ଭାରତ ଦମ୍ ସହ ପ୍ରଦର୍ଶନ କରିପାରି ନ ଥିଲା। ବୋଲିଂରେ ପେସ୍‌ର ହୁଅନ୍ତୁ କି ସ୍ପିନର କେହି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହୋଇଥିଲେ। ଯାହା ଫଳରେ ଦୁଇ ଅଭିଜ୍ଞ ବ୍ୟାଟର ରୋହିତ ଓ କୋହଲିଙ୍କ ଯୋଗୁଁ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ କୋହଲି ଗୋଟିକ ପରେ ଗୋଟିଏ ରେକର୍ଡ ଭାଙ୍ଗିଥିଲେ ମଧ୍ୟ କେବଳ ଶତକରୁ ବଞ୍ଚିତ ହୋଇଥିଲେ। ରାଜକୋଟରେ ରୋହିତଙ୍କ ରେକର୍ଡ ବହୁତ ଭଲ। ଏଠାରେ ପୂର୍ବରୁ ସେ ଖେଳିଥିବା ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୭୪ବଲ୍‌ରୁ ୬୫, ୪୪ ବଲ୍‌ରୁ ୪୨ ଓ ୫୭ ବଲ୍‌ରୁ ୮୧ ରନ୍ କରିଛନ୍ତି। ଏଣୁ ବୟସ ଅଧିକ ହୋଇଥିଲେ ମଧ୍ୟ ଉଭୟ ରୋହିତ ଓ କୋହଲିଙ୍କ ଯୁବସୁଲଭ ଖେଳ ଭାରତୀୟଙ୍କୁ ପ୍ରଭାବିତ କରୁଛି।

ବରୋଦାରେ ଦଳର ବୋଲିଂ ଶୃଙ୍ଖଳିତ ନ ଥିଲା। ଯାହା ଫଳରେ ପ୍ରଥମ ୱିକେଟ୍‌ରୁ ନ୍ୟୁଜିଲାଣ୍ଡ ସେଞ୍ଚୁରୀ ପାର୍ଟନରସିପ୍ କରିପାରିଥିଲା। ଏଭଳି ସ୍ଥିତିରେ ବୋଲର କିଛି ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଆହତ ହୋଇ ୱାଶିଂଟନ ସୁନ୍ଦର ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଭାରତ ଅନ୍ୟତମ ପେସ ଅଲରାଉଣ୍ଡର ନିତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାର ସମ୍ଭାବନା ରହିଛି। ଅନ୍ୟ ଖେଳାଳିମାନେ ସ୍ଥାନ ବଜାୟ ରଖିବେ।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳ ବରୋଦାରେ ଆଉ କିଛି ଅଧିକ ରନ୍ କରିଥିଲେ ଭାରତକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିଥାନ୍ତା। ଏହା ଉପରେ ସେମାନେ ନଜର ଦେବେ। କେବଳ ପେସ ବୋଲର କାଏଲ ଜାମିସନଙ୍କୁ ଭାରତୀୟ ବ୍ୟାଟର ଖେଳିବା କଷ୍ଟକର ହୋଇଥିଲା। ଅନ୍ୟ ବୋଲରଙ୍କଠାରୁ ସହଯୋଗ ଆଶା କରାଯାଉଛି। ସେହିପରି ଦଳ ଫିଲ୍ଡିଂରେ ଉନ୍ନତି ଆଣିବା ଦରକାର।

### ପ୍ରଥମ ଇନିଂସରେ ହାରହାରି ୩୨୨ ରନ୍

ରାଜକୋଟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସରେ ହାରହାରି ୩୨୨ ରନ୍ ସଂଗ୍ରହର ରେକର୍ଡ ରହିଛି। ନ୍ୟୁଜିଲାଣ୍ଡର କ୍ରମାଗତ ୯ଟି ବିଜୟରେ ଭାରତ ବରୋଦାରେ ବ୍ରେକ୍ ଲଗାଇଛି। ଭ୍ରମଣକାରୀ ଦଳ ଭାରତରେ ୭ଥର ଦ୍ୱିପାକ୍ଷିକ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିକରେ ଜିତିନାହିଁ। ଉଭୟ ଦଳ ଭାରତୀୟ ମାଟିରେ ୪୦ଟି ସମ୍ପୂର୍ଣ୍ଣ ହୋଇଥିବା ମ୍ୟାଚ୍‌ରୁ ନ୍ୟୁଜିଲାଣ୍ଡ ମାତ୍ର ୮ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୨୦୧୬ ପରଠାରୁ ଘରୋଇ ମାଟିରେ ଭାରତ ୧୩ଟି ଦ୍ୱିପାକ୍ଷିକ ସିରିଜ୍ ଜିତିଥିଲା ମାତ୍ର ୨ଟିରେ ତାହା ପୁଣି ଅଷ୍ଟ୍ରେଲିଆ ନିକଟରୁ ହାରିଛି। ଆସନ୍ତାକାଲି ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୮ମ ଦ୍ୱିପାକ୍ଷିକ ସିରିଜ୍ ବିଜୟୀ ହେବ।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା।
**ବେଞ୍ଚ୍** -ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ଅର୍ଶଦୀପ ସିଂହ ଓ ଆୟୁଷ ବଦୋନି।

**ନ୍ୟୁଜିଲାଣ୍ଡ** : ଡେଭନ କନୱେ, ହେନରୀ ନିକୋଲସ, ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ମିଚେଲ ହେ (ୱିକେଟ ରକ୍ଷକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ଜୋଶ କ୍ଲାର୍କସନ, ଆଦିତ୍ୟ ଅଶୋକ।
**ବେଞ୍ଚ** - ଜେଡେନ ଲେନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ, ମାଇକେଲ ରେ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## କଳିଙ୍ଗରେ ଜାତୀୟ ସବ୍‌ଜୁନିଅର ରଗ୍‌ବୀ ୧୬ରୁ

**ଭୁବନେଶ୍ୱର,୧୩।୧(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୧୬ରୁ ୨୧ ତାରିଖ ଯାଏ ଦଶମ ଜାତୀୟ ସବ୍ ଜୁନିଅର ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଦ୍ୱାରା ମିଳିତଭାବେ ଆୟୋଜନ କରାଯିବ। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୨୪ଟି ରାଜ୍ୟରୁ ୧୫ ବର୍ଷରୁ କମ୍ ୫୫୦ ଜଣ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ସୂଚନା ଦେଇଛନ୍ତି। ଉଭୟ ବିଭାଗରେ ୬୮ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଏହି ଅବସରରେ 'ଭାରତୀୟ ରଗ୍‌ବୀର ବିକାଶ ଓ ସଫଳତା ପଛରେ ଓଡ଼ିଶାର ଅବଦାନ ଅତୁଳନୀୟ' ବୋଲି ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ କହିଥିଲେ। ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, କ୍ରୀଡ଼ା ବିଭାଗର ଦୁଇ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟକୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର,୧୩।୧(ସମିସ):** ସଚିବାଳୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆନ୍ତଃବିଭାଗୀୟ କ୍ୟାରମ ପ୍ରତିଯୋଗିତା ୟୁନିଟ୍-୧ରେ ଥିବା ଆକ୍ଟିଭିଟି ସଭାଗୃହ ପରିସରରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲିକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପନିର୍ଦ୍ଦେଶକ ଶେଷଦେବ ବେହେରା, ଉନ୍ନୟନ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସ୍‌ଦା ଯୋଗଦେଇଥିଲେ। ସଭାପତି ଦିବ୍ୟଜୀବନ ସାହୁ, ସମ୍ପାଦକ ଶିବପ୍ରସାଦ ହାଁସ୍‌ଦା, କୋଷାଧ୍ୟକ୍ଷ ସିକନ୍ଦର ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ। ୨୭ ତାରିଖରେ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ ଓ ଡବଲ୍ସ, ପୁରୁଷ ବିଭାଗ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟ ଖେଳାଯିବ। ଏଥିରେ ୧୪ଟି ବିଭାଗରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ସ୍ୱଚ୍ଛତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠାଇଲେ ମିଆ

**ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):** ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ସ୍ୱଚ୍ଛତାକୁ ନେଇ ପୁଣିଥରେ ଡେନମାର୍କ ଖେଳାଳି ମିଆ ବ୍ଲିଚଫେଲ୍ଡଟ୍ ପ୍ରଶ୍ନ ଉଠାଇଛନ୍ତି। ଗତ ବର୍ଷ ଏହି ପ୍ରତିଯୋଗିତା କେଡି ଯାଦବ ଇଣ୍ଡୋର ଷ୍ଟାଡିୟମରେ ଖେଳା ଯାଇଥିବାବେଳେ ସମାନ ପରିଷ୍କାର, ସ୍ୱଚ୍ଛତା ଓ ପରିବେଶକୁ ନେଇ ୨୮ ବର୍ଷୀୟା ମିଆ ପ୍ରଶ୍ନ ଉଠାଇଥିଲେ। ସେହି ସମୟରେ ମିଆ ଅସୁସ୍ଥ ମଧ୍ୟ ହୋଇପଡ଼ିଥିଲେ। ଏଥିଲାଗି ସେ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶକୁ ଦାୟୀ କରିଥିଲେ। ଏଥର କିନ୍ତୁ ଟୁର୍ଣ୍ଣାମେଣ୍ଟ ଇନ୍ଦିରା ଗାନ୍ଧୀ (ଆଇଜି) ଏରେନାକୁ ସ୍ଥାନାନ୍ତରଣ ହୋଇଛି। ତଥାପି ମଧ୍ୟ ଟୁର୍ଣ୍ଣାମେଣ୍ଟର ଆୟୋଜକ ସ୍ଥଳ ଓ ପରିବେଶକୁ ନେଇ ମିଆ ଖୁସି ନାହାନ୍ତି। 'ଏଠାକାର ଆକାର ବହୁତ ବଡ଼। ବିଶ୍ୱ ଚାମ୍ପିଅନସିପ୍ ଭଳି ମେଜର ଇଭେଣ୍ଟ ଲାଗି ଏହା ପ୍ରକୃଷ୍ଟ। କିନ୍ତୁ ଦୁର୍ଭାଗ୍ୟବଶତଃ ଖେଳାଳିଙ୍କ ଲାଗି ଉପଲବ୍ଧ ଅଭ୍ୟାସ କୋର୍ଟ୍ ଏବେ ବି ମଇଳା ରହିଛି। ପକ୍ଷୀମାନେ ଭିତରେ ଉଡ଼ି ଏଣେତେଣେ ବସୁଛନ୍ତି। ଯାହା ଖେଳାଳିଙ୍କ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ଜଣେ ୟୁରୋପୀୟ ଖେଳାଳି ଭାବେ ମୁଁ ଖାଦ୍ୟ ଓ ବ୍ୟାକ୍ଟେରିଆ ଭଳି ଜିନିଷ ପ୍ରତି ଅଧିକ ସମ୍ବେଦନଶୀଳ। ତେଣୁ ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ଏଥିପ୍ରତି ଧ୍ୟାନ ଦେବା ଉଚିତ' ବୋଲି ମିଆ କହିଛନ୍ତି।



## ସେମିରେ କର୍ଣ୍ଣାଟକ-ବିଦର୍ଭ, ପଞ୍ଜାବ-ସୌରାଷ୍ଟ୍ର ମୁକାବିଲା

**ବେଙ୍ଗାଲୁରୁ,୧୩।୧(ଏଜେନ୍ସି):** ଭାରତର ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର-୨୦୨୬ର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ଜାନୁଆରୀ ୧୫ ତାରିଖ ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ସହ ବିଦର୍ଭର ଓ ୧୬ ତାରିଖ ଶୁକ୍ରବାର ଦିନ ଦ୍ୱିତୀୟ ସେମିଫାଇନାଲରେ ପଞ୍ଜାବ ସହ ସୌରାଷ୍ଟ୍ରର ମୁକାବିଲା ହେବ। ଆଜି ବା ମଙ୍ଗଳବାର ଖେଳାଯାଇଥିବା ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ଓ ପଞ୍ଜାବ ୧୮୩ ରନ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗତକାଲି ଖେଳାଯାଇଥିବା ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ ମୁମ୍ବାଇକୁ ୫୫ ରନ୍‌ରେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶକୁ ୧୭ ରନ୍‌ରେ ସୌରାଷ୍ଟ୍ର ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଦିନ ମ୍ୟାଚ୍ ବର୍ଷା ଯୋଗୁ ବାଧାପାଇଥିବା ବେଳେ ଭିଜେଡି ମେଥଡ୍‌ରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା।

### ବିଜୟ ହଜାରେ ଟ୍ରଫି

ଆଜି ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ପ୍ରଭସିମରନ ସିଂହଙ୍କ ୮୮, ଅନ୍‌ମୋଲପ୍ରୀତ୍ ସିଂହଙ୍କ ୭୦ ଓ ନେହାଲ ୱାଧେରାଙ୍କ ୫୬ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୬ ୱିକେଟରେ ୩୪୫ ରନ୍ କରିଥିଲା। ଜବାବରେ ରଜତ ପାଟିଦାର (୩୮)ଙ୍କ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍ କରିଥିଲା। ଭେଙ୍କଟେଶ ଆୟର ଖାତା ଖୋଲି ପାରି ନ ଥିଲେ। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ୟଶ ରାଠୋଡଙ୍କ ୮୬ ଓ ଅଥର୍ବ ତାଇଡେଙ୍କ ୬୨ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୯ ୱିକେଟରେ ୩୦୦ ରନ୍ କରିଥିଲା। ଜବାବରେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ହରାଇଥିବା ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍ କରିଥିଲା। ଅନୁଜ ରାୱତ ସର୍ବାଧିକ ୬୬ ରନ୍ କରିଥିଲେ। ବିଦର୍ଭର ନଚିକେତ ଭୁତେ ୪ଟି ଓ ଅଧିନାୟକ ହର୍ଷ ଦୁବେ ୩ଟି ୱିକେଟ ପାଇଥିଲେ।

## ଡବ୍ଲ୍ୟୁପିଏଲ୍: ଇଣ୍ଡିଆନ୍ସକୁ ଜିତାଇଲେ ହରମନପ୍ରୀତ୍

**ନଭି ମୁମ୍ବଇ, ୧୩।୧ (ଏଜେନ୍ସି):** ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୬ଷ୍ଠ ମ୍ୟାଚରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୨ ରନ ସଂଗ୍ରହ କରିଛି। ଜର୍ଜିଆ ୱେରହାମ ଅପରାଜିତ ୪୩, ଓପନର୍ ବେଥ୍ ମୁନୀ ୩୩, ସୋଫି ଡିଭାଇନ ୮, କନିକା ଆହୁଜା ୩୫, ଅଧିନାୟିକା ଆସଲେ ଗାର୍ଡନର ୨୦ ରନ କରି ଆଉଟ୍ ହୋଇଛନ୍ତି। ଆୟୁଷି ସୋନି ୧୪ ବଲରେ ୧୧ ରନ କରି ରିଟାୟର୍ଡ ଆଉଟ୍ ହୋଇଥିଲେ। ଏଥିସହ ଡବ୍ଲ୍ୟୁପିଏଲ୍ ଇତିହାସରେ ରିଟାୟର୍ଡ ଆଉଟ୍ ହେବାରେ ପ୍ରଥମ ଖେଳାଳି ହୋଇଛନ୍ତି ସୋନି। ଜବାବରେ ୧୯୩ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ମୁମ୍ବାଇ ୧୯.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟିକା ହରମନପ୍ରୀତ୍ କୌର ୪୩ ବଲରେ ୭୧ ଓ ନିକୋଲା କେରୀ ୩୮ ରନ କରି ଅପରାଜିତ ରହିଛନ୍ତି। ଅମନଜୋତ୍ କୌର ୨୬ ବଲରେ ୪୦, ହେଲୀ ମାଥ୍ୟୁସ ୨୬ ରନ କରି ଆଉଟ ହୋଇଥିଲେ। ମୁମ୍ବାଇ ୩ୟ ମ୍ୟାଚରୁ ୨ ବିଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଆଇସିସିର ଭେନ୍ୟୁ ନ ବଦଳାଇବା ଅନୁରୋଧକୁ ପ୍ରତ୍ୟାଖ୍ୟାନ

# ବାଂଲାର ଜିଦ୍: ଭାରତରେ ଖେଳିବନି ଟି-୨୦ ବିଶ୍ୱକପ୍

ଢାକା,୧୩।୧(ଏଜେନ୍ସି)

ଭାରତରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପୁନର୍ବାର ଦାବି ଦୋହରାଇଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା (ଏବେ ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ ନାଜରୁଲଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଆଇସିସି ପକ୍ଷରୁ ଭାରତରେ ବାଂଲା ଖେଳାଳି ଓ କର୍ମକର୍ତ୍ତାଙ୍କ ସୁରକ୍ଷା ପ୍ରତି କିଛି ବିପଦ ଅଛି କି ନାହିଁ ଏକ ନିରପେକ୍ଷ ସୁରକ୍ଷା ସଂସ୍ଥା ଦ୍ୱାରା ଆକଳନ କରିଥିଲା। କେବଳ କିଛି ଭେନ୍ୟୁରେ ସାମାନ୍ୟ ବିରୋଧ ହେବା ଛଡ଼ା ଅନ୍ୟଠାରେ ସୁରକ୍ଷା ପ୍ରତି ସାମାନ୍ୟତମ ବିପଦ ନ ଥିବା ଏହି ସଂସ୍ଥା ଦର୍ଶାଇଥିଲା। ଏହି ରିପୋର୍ଟ ପାଇବା ପରେ ଭାରତରେ ବିଶ୍ୱକପ୍ ନ ଖେଳିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବାଂଲାଦେଶକୁ ଆଇସିସି ଅନୁରୋଧ କରିଥିଲା। କିନ୍ତୁ ବାଂଲା ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା ଓ କ୍ରିକେଟ ବୋର୍ଡ କ୍ରିକେଟ ଦଳ ଭାରତ ଯିବ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଭିଡିଓ କନ୍‌ଫରେନ୍ସ ଯୋଗେ ମଧ୍ୟ ଆଇସିସି ଓ ବିସିବି ମଧ୍ୟରେ ଆଲୋଚନା ହୋଇଥିଲା। କୌଣସି ପରିସ୍ଥିତିରେ ବାଂଲାଦେଶର କ୍ରିକେଟ ଟିମ୍ କିମ୍ବା କର୍ମକର୍ତ୍ତା ବିଶ୍ୱକପ୍ ଖେଳିବାକୁ ଭାରତ ଆସିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା ସହ ଭାରତ ବାହାରେ ଖେଳିବାକୁ ପୁଣିଥରେ ବିସିବି ଅନୁରୋଧ କରିଛି। ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ଲାଗି ଆସନ୍ତା ଦିନରେ ବିଚାର ବିମର୍ଶ କରିବାକୁ ରାଜି ହୋଇଛନ୍ତି। ଆଇସିସିର ଯୁକ୍ତି ହେଉଛି ବିଶ୍ୱକପ୍ ଲାଗି ଖେଳସୂଚୀ ଘୋଷଣା କରାଯାଇସାରିଥିବାରୁ ଭେନ୍ୟୁ ପରିବର୍ତ୍ତନ କରିବା କଷ୍ଟକର ହେଉଛି।




ଏଣୁ ବିସିବି ସହୃଦୟତାର ସହ ବିଚାର କରିବାକୁ ଅନୁରୋଧ କରିଥିଲା। ଏହାକୁ ବିସିବି ଦୃଢ଼ଭାବେ ଖଣ୍ଡନ କରିଥିଲା ଓ ଭାରତ ଯିବ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିଥିଲା।

ଆଇପିଏଲ୍-୨୦୨୬ରେ ସ୍ଥାନ ପାଇଥିବା ବାଂଲାଦେଶର ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରଭାବିତ ହୋଇଛି। ରହେମାନଙ୍କୁ ବିଦା କରିବାର କୌଣସି କାରଣ ଦର୍ଶାଯାଇ ନ ଥିବାରୁ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ବିରୋଧ କରି ରହେମାନଙ୍କୁ ଭାରତରେ ନ ଖେଳାଇବା ଲାଗି ଦାବି କରାଯିବାରୁ ଏପରି ହୋଇଥିଲା। ତାଙ୍କୁ ବିଦା କରିବା ପରେ ସରକାର ବାଂଲାଦେଶରେ ଆଇପିଏଲ୍ ପ୍ରସାରଣକୁ ନିଷିଦ୍ଧ କରିଛନ୍ତି। ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ବାଂଲା କ୍ରିକେଟ ଦଳ ଭାରତକୁ ନ ଯିବା ଲାଗି ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି।

### ପାକିସ୍ତାନ ଜନ୍ମିତ ଆମେରିକୀୟ କ୍ରିକେଟରଙ୍କୁ ଭାରତୀୟ ଭିସା ମନା

ପାକିସ୍ତାନରେ ଜନ୍ମିତ ଆମେରିକୀୟ କ୍ରିକେଟର ଅଲି ଖାନ୍‌ଙ୍କୁ ଭାରତ ସରକାର ଭିସା ଦେବାକୁ ମନା କରିଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆମେରିକା ତାହାର ଦଳ ଘୋଷଣା କରିନାହିଁ। କିନ୍ତୁ ଅଲି ଖାନ୍ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଖବର ପୋଷ୍ଟ କରିଛନ୍ତି। ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଆଟକରେ ଜନ୍ମହେବା ସହ ପଢ଼ିଥିବା ୩୫ ବର୍ଷୀୟ ମିଡିୟମ ପେସ୍ ବୋଲର ଅଲି ଖାନ୍ ଆମେରିକା ପକ୍ଷରୁ ୧୫ଟି ଦିନିକିଆ ଓ ୧୮ଟି ଟି-୨୦ ଖେଳିଛନ୍ତି। ସେ ମଧ୍ୟ ୨୦୨୪ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇଥିବା ଆମେରିକା ଦଳର ଅନ୍ୟତମ ସଦସ୍ୟ ରହିଥିଲେ।

ଭାରତ ଓ ପାକିସ୍ତାନ ସହ ଆମେରିକା ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଆମେରିକା ଦଳ ପ୍ରଥମ ମ୍ୟାଚ୍‌ରେ ଭାରତ ସହ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଫେବୃଆରୀ ୭ରେ ଖେଳିବ। କଲମ୍ବୋରେ ପାକିସ୍ତାନ ସହ ଫେବୃଆରୀ ୧୦ରେ, ଚେନ୍ନଇରେ ଫେବୃଆରୀ ୧୩ ଓ ୧୫ରେ ଯଥାକ୍ରମେ ନେଦରଲାଣ୍ଡସ ଓ ନାମିବ୍ୟା ସହ ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ।

### ଅଲଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ | ମହାବୀର ୱାରିୟର୍ସ ଚାମ୍ପିଅନ




**ଭୁବନେଶ୍ୱର,୧୩।୧(ସମିସ):** ମା' ମଙ୍ଗଳା କ୍ଲବ୍‌କୁ ପରାସ୍ତ କରି ମହାବୀର ୱାରିୟର୍ସ ଷଷ୍ଠ ଅଲ୍ ଓଡ଼ିଶା କବାଡି ପ୍ରିମିୟର ଲିଗ୍ ଚାମ୍ପିଅନ ହୋଇଛି। ଫ୍ରାଞ୍ଚାଇଜ୍ ଭିତ୍ତିରେ ପଟିଆଗଡ଼ସ୍ଥିତ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଆଜି ଆୟୋଜିତ ହୋଇଥିଲା। ଫାଇନାଲର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୩୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସମାନସ୍ତରରେ ରହିଥିଲେ। ଅତିରିକ୍ତ ଖେଳରେ ମହାବୀର ୱାରିୟର୍ସ ୬-୪ରେ ମା' ମଙ୍ଗଳାକୁ ହରାଇ ଟାଇଟଲ ଜିତିନେଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାବର୍ଷଠାରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଲିଗ୍ ଖେଳାଯିବ ବୋଲି ଆୟୋଜକ ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍‌ର ସଭାପତି ସୁବାସ ପରିଡ଼ା ଘୋଷଣା କରିଛନ୍ତି।

### ହକି ଇଣ୍ଡିଆ ଲିଗ୍ | ଯୁଗରାଜଙ୍କ ହ୍ୟାଟ୍ରିକ୍; ଟାଇଗର୍ସ ବିଜୟୀ

**ରାଞ୍ଚି,୧୩।୧(ଏଜେନ୍ସି):** ଯୁଗଜରା ସିଂହଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ପେନାଲ୍ଟି ଷ୍ଟ୍ରୋକ୍‌ରୁ ପ୍ରଥମ ଓ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଯୁଗରାଜ ଟାଇଗର୍ସର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟ ଦୁଇଟି ଗୋଲ ସୁଖଜିତ ସିଂହ ଓ ଅଭିଷେକ ସ୍କୋର କରିଥିଲେ। ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ଓଡ଼ିଆ ଖେଳାଳି ଆଡ୍ରୋହିତ ଏକ୍କା, ଦୁଇ ବିଦେଶୀ ଖେଳାଳି ଥୋମାସ ସୋର୍ସବୀ ଓ ବ୍ଲେକ୍ ଗୋଭର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଟାଇଗର୍ସ ୪-୧ ଗୋଲରେ ଆଗୁଆ ରହିଥିଲା। ଆସନ୍ତାକାଲି କଳିଙ୍ଗ ଲାନ୍ସର୍ସ ବନାମ ହାଇଦ୍ରାବାଦ୍ ତୁଫାନ୍ସ ଓ ଏସ୍‌ଜି ପାଇପର୍ସ ବନାମ ରାଞ୍ଚି ରୟାଲ୍ସ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



ବୁଧବାର, ୧୪ ଜାନୁଆରୀ, ୨୦୨୬

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଆୟ ଓ ବ୍ୟୟ ସମାନ ରହିବ। ଅଚାନକ ଖୁସି ଖବର ପାଇବେ। କର୍ମକ୍ଷେତ୍ର ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସାମାଜିକ କାର୍ଯ୍ୟରେ ଭାଗ ନେବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ଅଫିସରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଉଧାର ଟଙ୍କା ଫେରି ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଟରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୬୧- ତୃତୀୟ ପାନିପଥ ଯୁଦ୍ଧ ଆରମ୍ଭ ହେଲା।
- ୧୯୨୬-ପ୍ରସିଦ୍ଧ ଲେଖିକା ମହାଶ୍ୱେତା ଦେବୀଙ୍କ ଜନ୍ମ।
- ୧୯୬୯- ମାଡ୍ରାସର ନାମ ବଦଳି ତାମିଲନାଡୁ ହେଲା।
- ୧୯୭୪- ବିଶ୍ୱ ଫୁଟବଲ ଲିଗ୍‌ର ସ୍ଥାପନା।
- ୧୯୮୨- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କଲେ।

## ଉତ୍ତରାୟଣ



ଭାରତର ଅନ୍ୟତମ ମହାନ ଆଧ୍ୟାତ୍ମିକ ପର୍ବ ହେଉଛି ମକର ସଂକ୍ରାନ୍ତି। ବର୍ଷର ଏହି ତିଥିରେ ସୂର୍ଯ୍ୟ ନାରାୟଣ ଧନୁ ରାଶି ଛାଡ଼ି ମକର ରାଶିରେ ପ୍ରବେଶ କରନ୍ତି। ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞୋପବୀତ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ' ଅର୍ଥାତ୍ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟ ଦେବତାଙ୍କୁ ହିନ୍ଦୁମାନେ ଏହିଦିନ ପୂଜାର୍ଚ୍ଚନା କରନ୍ତି। ମାନ୍ୟତା ଅଛି ଯେ, ଉତ୍ତରାୟଣ ସମୟରେ ଦେବତାମାନଙ୍କର ଦିନ ଏବଂ ଦୈତ୍ୟମାନଙ୍କର ରାତି ହୋଇଥାଏ। ଏହି ଦିନଠାରୁ ଦିନ ବଡ଼ ହୁଏ ଏବଂ ରାତି ଛୋଟ ହେବାକୁ ଲାଗେ। ମକର ସଂକ୍ରାନ୍ତି ଦିନ ଓଡ଼ିଶାର ଲୋକେ 'ମକର ଚାଉଳ'(ଅରୁଆ ଚାଉଳ, କ୍ଷୀର, ଦହି,ଛେନା, ଗୁଡ଼, କଦଳୀ, ନଡ଼ିଆ ଦ୍ୱାରା ପ୍ରସ୍ତୁତ ହୋଇଥାଏ) ପ୍ରସ୍ତୁତ କରି ଦେବଦେବୀଙ୍କ ନିକଟରେ ଭୋଗ କରିଥାନ୍ତି। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ 'ମକର ବେଶ'ରେ ସଜ୍ଜିତ କରାଯାଏ ଏବଂ ମକର ଚଉରାଶି ଭୋଗ ଲାଗି ହୁଏ। ମକର ସଂକ୍ରାନ୍ତିର ପୂର୍ଣ୍ଣକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ କେଉଁ ଆବହମାନ କାଳରୁ ସରୋବର, ନଦୀ ତଟ, ସମୁଦ୍ର ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି। ଦେଶର ବିଭିନ୍ନ ରାଜ୍ୟରେ ମକର ସଂକ୍ରାନ୍ତି ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପ୍ରତ୍ୟେକ ରାଜ୍ୟରେ ଏହାର ନାମ ଏବଂ ପାଳନ ବିଧି ଭିନ୍ନ ପ୍ରକାର ହୋଇଥାଏ। ପଞ୍ଜାବ ଓ ହରିଆଣାରେ ଏହି ଅବସରରେ ନୂଆ ଫସଲକୁ ସ୍ୱାଗତ କରିବା ସହ ଉତ୍ସବ ମନାଯାଏ। ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ଏହି ସବୁ ଅଞ୍ଚଳରେ ଏହାକୁ ଲୋହଡ଼ି ପର୍ବ ଭାବେ ପାଳନ କରାଯାଏ। ପୁରୁଷ ଓ ମହିଳାମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଅଗ୍ନି ଚତୁଃପାର୍ଶ୍ୱରେ ନୃତ୍ୟ ପରିବେଷଣ କରିଥାନ୍ତି। ଆସାମରେ ଏହି ପର୍ବ ବିହୁ ଭାବେ ପାଳିତ ହୁଏ। ବିହାର, ଝାଡ଼ଖଣ୍ଡ ଓ ମିଥିଳା ଅଞ୍ଚଳରେ ବିଶ୍ୱାସ ଅଛି ଯେ, ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଆକାର ରାଶି ଆକାରରେ ବୃଦ୍ଧି ପାଏ। ସେଥିପାଇଁ ସେଠାରେ ମକର ସଂକ୍ରାନ୍ତିକୁ ତିଳ ସଂକ୍ରାନ୍ତି କୁହାଯାଏ। ରାଜସ୍ଥାନ ଓ ଗୁଜରାଟରେ ମକର ସଂକ୍ରାନ୍ତି ଉତ୍ତରାୟଣ ପର୍ବ ଭାବେ ପାଳନ କରାଯାଏ। ଏହିଦିନ ଏଠାରେ ଗୁଡ଼ି ଉଡ଼ାଇବା ପରମ୍ପରା ରହିଛି। ଗୁଡ଼ି ଉଡ଼ାଇବା ବ୍ୟତୀତ ଏହିଦିନ ଘରଗୁଡ଼ିକରେ ସୂର୍ଯ୍ୟପୂଜା କରିବା ପାଇଁ ଘେବର, ରାଶିଲଡ଼ୁ ଆଦି ପ୍ରସ୍ତୁତ କରାଯାଏ। ଉତ୍ତରପ୍ରଦେଶରେ ମକର ସଂକ୍ରାନ୍ତି ଦିନ ଘରେ ଖେଚୁଡ଼ି ପ୍ରସ୍ତୁତ କରିବା ଅତ୍ୟନ୍ତ ଶୁଭ ମନାଯାଏ। ତାମିଲନାଡୁରେ ମକରସଂକ୍ରାନ୍ତିକୁ ପୋଙ୍ଗଲ ଭାବେ ପାଳନ କରାଯାଏ। ଏହିଦିନ ଲୋକେ ଘର ସଫାକରି ଚାଉଳର ଅଟାରେ ରଙ୍ଗୋଳି କରିଥାନ୍ତି। ଏହାପରେ ମାଟିର ପାତ୍ରରେ ଖିରି ପ୍ରସ୍ତୁତ କରିଥାନ୍ତି। ଏହାପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରାଯାଏ। ମହାରାଷ୍ଟ୍ରରେ ୩ ଦିନ ଧରି ମକର ସଂକ୍ରାନ୍ତି ପାଳନ କରାଯାଏ। ଏହି ଦିନ ମହାରାଷ୍ଟ୍ରର ଲୋକେ ପାରମ୍ପରିକ ବ୍ୟଞ୍ଜନ 'ପୁରନ୍ ପୋଲି' ପ୍ରସ୍ତୁତ କରିଥାନ୍ତି। ମକର ସଂକ୍ରାନ୍ତି ଦିନ ଦାନକର୍ମଙ୍କ ପାଖକୁ ଦାନ ଅର୍ଥର ଶହେଗୁଣା ଫେରି ଆସୁଥିବାର ବିଶ୍ୱାସ ରହିଛି। ଏଥିପାଇଁ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଗରିବ ଲୋକଙ୍କୁ ଘୃତ, ରାଶି, କମ୍ବଳ ଏବଂ ଖେଚୁଡ଼ି ପ୍ରଭୃତି ଦାନ କରାଯାଇଥାଏ।

## ବଦଳିଲା 'ମର୍ଦ୍ଦାନୀ ୩'ର ରିଲିଜ୍



ବଲିଉଡ଼ ଅଭିନେତ୍ରୀ ରାଣୀ ମୁଖାର୍ଜୀ ବଲିଉଡ଼ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। ସେ ଅନେକ ବ୍ଲକ୍‌ବଷ୍ଟର୍ ଫିଲ୍ମରେ ଅଭିନୟ କରିଛନ୍ତି। ହେଲେ ଶିବାନୀ ଶିବାଜୀ ରୟ ଭୂମିକାରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଏହା ଫେବୃଆରୀ ୨୭ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏବେ ଏହା ଜାନୁଆରୀ ୩୦ରେ ରିଲିଜ୍ ହେବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। 'ମର୍ଦ୍ଦାନୀ ୩' ୨୦୧୪ ମସିହାର 'ମର୍ଦ୍ଦାନୀ' ସିରିଜ୍‌ର ତୃତୀୟ ଫିଲ୍ମ। 'ମର୍ଦ୍ଦାନୀ ୩'ରେ ରାଣୀ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ନିକଟରେ ଯଶରାଜ୍ ବ୍ୟାନର ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ 'ମର୍ଦ୍ଦାନୀ ୩'ର ପୋଷ୍ଟର ସେୟାର କରାଯାଇ ଏହି ଫିଲ୍ମ ଜାନୁଆରୀ ୩୦ରେ ଆସିବ ବୋଲି କୁହାଯାଇଛି। ଏଠାରେ ପ୍ରକାଶ ଥାଉ କି, ଅଗଷ୍ଟ ୨୨, ୨୦୧୪ରେ 'ମର୍ଦ୍ଦାନୀ' ଫିଲ୍ମ ଆସିଥିଲା। ପ୍ରଦୀପ ସରକାର ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୧ କୋଟି ଥିଲା। ଭାରତରେ ଏହା କେବଳ ୩୬ କୋଟି ବିଜିନେସ୍ କରିଥିଲା। 'ମର୍ଦ୍ଦାନୀ ୨' ୧୩ ଡିସେମ୍ବର, ୨୦୧୯ରେ ଆସିଥିଲା। ଗୋପି ପୁତ୍ରନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୭ କୋଟି ଥିଲା। ଭାରତରେ ଏହା ୫୪ କୋଟିର ବିଜିନେସ୍ କରିଥିଲା।

## ଆଜି ଆସିଥିଲେ
### ବ୍ୟାସକବି ଫକୀର ମୋହନ



ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଏବଂ ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର କର୍ଣ୍ଣଧାର ଥିଲେ ବ୍ୟାସକବି ଫକୀରମୋହନ ସେନାପତି। ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ। ତାଙ୍କଠାରୁ ଆରମ୍ଭ ହୋଇଥିଲା ନୂଆ ଗଦ୍ୟ ଶୈଳୀ ଏବଂ ଓଡ଼ିଆ ଉପନ୍ୟାସର ବିକାଶ ପର୍ବ। ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା। ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ। ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ। ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ। ବାଳକ ଫକୀରଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ ଉପରେ। ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକ ଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ। ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଇଙ୍କୁ ପୁନଃବିବାହ କରିଥିଲେ। ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ଇହଲୋକରୁ ମୃତ୍ୟୁ ହୋଇଥିଲା। ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ – 'ଛ ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ୍ତ' ଓ 'ଲଛମା' ତତ୍‌କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ବର୍ଣ୍ଣନା। ଫକୀରମୋହନଙ୍କ ରଚିତ ବହୁ ଲୋକପ୍ରିୟ ଗଳ୍ପ 'ରେବତୀ', 'ଡାକମୁନ୍‌ସୀ', 'ପେଟେଣ୍ଟ ମେଡିସିନ୍', 'ରାଣ୍ଡିପୁଅ ଅନନ୍ତା', 'ସୁନାଗେଡ଼' ଆଦି ଅନ୍ୟତମ। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି। ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣଂ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା। ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି। ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ। ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ'। ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ସ୍ଥାନ ଅଦ୍ୱିତୀୟ। ଭାବ, ଭାଷା ଓ ପ୍ରକାଶ ଭଙ୍ଗୀରେ ତାଙ୍କର ନୂତନତା ଥିଲା। ଯେଉଁ ସମସ୍ୟା ତତ୍କାଳୀନ ସମାଜକୁ ବିଶେଷ ଭାବରେ ଆନ୍ଦୋଳିତ କରୁଥିଲା ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରେ ତାହା ପ୍ରତିଫଳିତ ହୋଇଛି। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ପାଖେ ଅମର ହୋଇ ରହିଛନ୍ତି।

## ଏଆଇ ଯୋଗୁଁ ଚାକିରି ମିଳିବା କଷ୍ଟକର



**ଲିଙ୍କଡ଼୍‌ଇନ୍‌ର ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ଅଧିକାଂଶ ନିଯୁକ୍ତି ପ୍ରକ୍ରିୟା ଏଆଇ ଆଧାରିତ ହୋଇଗଲାଣି। ଫଳରେ ଚାକିରି ମିଳିବା ଏବେ ସେତେଟା ସହଜ ନୁହେଁ। ୮୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଏଆଇ ଭିତ୍ତିକ ସାକ୍ଷାତକାର ଯୋଗୁଁ ନୂଆ ଚାକିରି ପାଇଁ ପ୍ରସ୍ତୁତ ନ ଥିବା ମନେ କରୁଛନ୍ତି। ଅନୁରୂପ ଭାବେ ସେମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ଲୋକ ଚଳିତ ବର୍ଷ ପ୍ରାରମ୍ଭରୁ ଷ୍ଟାର୍ଟଅପ୍ ତଥା ବ୍ୟବସାୟ ପ୍ରତି ଆକର୍ଷିତ ହେଉଥିବା ଜଣାପଡ଼ିଛି।**

ଲିଙ୍କଡଇନ୍‌ର ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ, ଆଜିକାଲିର ହାୟରିଂ ପ୍ରକ୍ରିୟା ଖୁବ୍ କଷ୍ଟକର ଏବଂ ଏହା ଏଆଇ ଆଧାରିତ ହୋଇଗଲାଣି। ୭୭ ପ୍ରତିଶତ ଲୋକଙ୍କ କହିବା କଥା, ନିଯୁକ୍ତି ଚୟନ ପ୍ରକ୍ରିୟାରେ ଏବେ ଅନେକ ପର୍ଯ୍ୟାୟ ସାମିଲ ହେଲାଣି। ୬୬ ପ୍ରତିଶତ ପ୍ରଫେସନାଲଙ୍କ ବିଶ୍ୱାସ, ନିଯୁକ୍ତି ପ୍ରକ୍ରିୟା ପୂର୍ବ ଭଳି ବ୍ୟକ୍ତିଗତ ହୋଇ ରହି ନାହିଁ। ୪୮ ପ୍ରତିଶତ ଏହି କଥାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଯେ, ସେମାନଙ୍କ ଜବ୍ ଆପ୍ଲିକେସନ୍ ଅନ୍ୟମାନଙ୍କଠାରୁ କିଭଳି ଅଲଗା ଲାଗିବ। ଏପରିକି ନିଯୁକ୍ତିଦାତାଙ୍କଠାରୁ ବିଳମ୍ବରେ ଉତ୍ତର ମିଳିବା ଏବଂ ଫିଡ୍‌ବ୍ୟାକ୍ ନ ଆସିବା ଭଳି ଘଟଣା ବି ଲୋକଙ୍କ ମନରେ ଚାକିରିକୁ ନେଇ ଭୟ ସୃଷ୍ଟି କରୁଛି।

ରିପୋର୍ଟ ଅନୁସାରେ, ୮୭ ପ୍ରତିଶତ ପ୍ରଫେସନାଲ କାମ ସମୟରେ ଏଆଇ ବ୍ୟବହାର କରିବାରେ ସହଜ ଅନୁଭବ କରନ୍ତି। ତେବେ ଏଆଇର ବ୍ୟବହାର ଯେତେବେଳେ ନିଯୁକ୍ତି ପାଇଁ ସାକ୍ଷାତକାର ଏବଂ ନିଯୁକ୍ତି ପ୍ରଦାନ କରିବାର ଆସେ, ସେମାନଙ୍କ ବିଶ୍ୱାସ ହ୍ରାସ ପାଏ। ଅବଶ୍ୟ ଏବେ କିଛି ଲୋକେ ଏଆଇକୁ ସାହାଯ୍ୟକାରୀ ଟୁଲ୍ ଭାବେ ଦେଖିବାକୁ ଲାଗୁଛନ୍ତି। ୯୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଜବ୍ ସର୍ଚ୍ଚରେ ଏଆଇର ବ୍ୟବହାର କରିବା ଯୋଜନା କରୁଛନ୍ତି। ଏଆଇ ଆଧାରିତ ସାକ୍ଷାତକାର ଯୋଗୁଁ ୭୬ ପ୍ରତିଶତ ପ୍ରଫେସନାଲ ମାନୁଛନ୍ତି, ଗତ ବର୍ଷକ ମଧ୍ୟରେ ନୂଆ ଚାକିରି ପାଇବା ଅଧିକ କଷ୍ଟକର ହୋଇଗଲାଣି।

ଲିଙ୍କଡଇନ୍‌ର ଡାଟା ଅନୁସାରେ, ୨୦୨୨ ମସିହା ପରେ ଚାକିରି ଲାଗି ଆବେଦନ କରିଥିବା ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଯାଇଛି। ସେହିପରି ନିଯୁକ୍ତିଦାତା ବି ଚାପରେ ରହୁଛନ୍ତି। ୭୨ ପ୍ରତିଶତ ନିଯୁକ୍ତିଦାତାଙ୍କ ମତରେ, ଏବେ ଠିକ୍‌ରେ ଟ୍ୟାଲେଣ୍ଟର ସନ୍ଧାନ କରିବା ପୂର୍ବରୁ ଅଧିକ କଷ୍ଟକର ହୋଇପାରେ। ଏହି ପରିବର୍ତ୍ତନର ପ୍ରଭାବ କ୍ୟାରିୟର ଚଏସ୍ ଉପରେ ଦେଖିବାକୁ ମିଳିବ।

୩୨ ପ୍ରତିଶତ ଜେନ୍ ଜେଡ୍ ନିଜ ଇଣ୍ଡଷ୍ଟ୍ରି ବାହାରୁ କ୍ୟାରିୟର ବିକଳ୍ପର ସନ୍ଧାନ କରୁଛନ୍ତି। ୭୨ ପ୍ରତିଶତ ଲୋକ ଏହିବର୍ଷ ଆରମ୍ଭରୁ ଚାକିରି ଛାଡ଼ି ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ପ୍ରତି ଆକର୍ଷିତ ହୋଇଛନ୍ତି। ଏହି ରିପୋର୍ଟ ଅନୁସାରେ, ପ୍ରମ୍ପ୍ଟ ଇଞ୍ଜିନିୟର, ଏଆଇ ଇଞ୍ଜିନିୟର, ସଫ୍ଟୱେର ଇଞ୍ଜିନିୟର ଭଳି ଚାକିରି ଦ୍ରୁତ ଭାବେ ବଢ଼ୁଛି।

## ସମ୍ଭାବନା



### ପିଲାଙ୍କ ପାଇଁ ହ୍ୱାଟ୍ସଆପ୍‌ର ନୂଆ ଫିଚର୍

**ହ୍ୱାଟ୍ସଆପ୍ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଲଞ୍ଚ୍ କରିବ। ଏହି ଫିଚର୍ ମୁଖ୍ୟତଃ ପିଲାଙ୍କ ଲାଗି ଉଦ୍ଦିଷ୍ଟ। ନୂଆ ଫିଚର୍‌ରେ ପ୍ୟାରେଣ୍ଟାଲ କଣ୍ଟ୍ରୋଲର ସୁବିଧା ମିଳିବ। ଏହି ଫିଚର୍ ମାଧ୍ୟମରେ ବାପାମାଆ ସେମାନଙ୍କ ପିଲାଙ୍କ ଆକାଉଣ୍ଟକୁ ଆରାମରେ ନିୟନ୍ତ୍ରଣ କରିପାରିବେ। ଉକ୍ତ ଫିଚର୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି ଏବଂ ଖୁବ୍‌ଶୀଘ୍ର ଏହାକୁ ନୂଆ ଅପଡେଟ୍‌ରେ ସାମିଲ କରାଯିବ।**

ଏହି ଫିଚର୍ ଏବେ ସର୍ବସାଧାରଣଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। ଅନ୍ୟପଟେ ଏହି ଫିଚର କିଛି ସୀମିତ ସୁବିଧା ସହିତ କାମ କରିବ। ଏହି ନୂଆ ଫିଚର୍ ଲାଗି ସେକେଣ୍ଡାରି ଆକାଉଣ୍ଟ ତିଆରି କରାଯିବ। ଏହାର ଅର୍ଥ ହେଉଛି, ପିଲା ଏକ ଅଲଗା ପ୍ରୋଫାଇଲରୁ ହ୍ୱାଟ୍ସଆପ୍ ବ୍ୟବହାର କରିବେ ଏବଂ ଏହାର ନିୟନ୍ତ୍ରଣ ବାପାମାଆଙ୍କ ହାତରେ ରହିବ। ଏହା ଦ୍ୱାରା ଅଜଣା ଲୋକଙ୍କ ସହିତ ଯୋଗାଯୋଗ କରିବାର ଆଶଙ୍କା କମିଯିବ।

ତେବେ ଏବେ ଯେଉଁ ଭଳି ଭାବେ ପିଲା ମୋବାଇଲ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି, ଏହା ଦ୍ୱାରା ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସିଯାଉଛନ୍ତି। ଫଳରେ ପିଲା ଓ ସେମାନଙ୍କ ପରିବାରକୁ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼ୁଛି। ହ୍ୱାଟ୍ସଆପ୍ ଏହି ସମସ୍ୟାର ସମାଧାନ ବାହାର କରିବା ଲାଗି ଏହି ଫିଚର ଉପରେ କାମ କରୁଛି। ଏହାଦ୍ୱାରା ବାପାମାଆ ପିଲାଙ୍କ ସୁରକ୍ଷା ଉପରେ କିଛିଟା ନିୟନ୍ତ୍ରଣ ରକ୍ଷା କରିପାରିବେ ବୋଲି କୁହାଯାଉଛି।



## ପରୀକ୍ଷାରେ ସଫଳତା ମିଳୁ ନ ଥିଲେ...



ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।

- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି।
- ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଏହା ସହ ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି। ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

## ବ୍ରେନ୍ ଭ୍ୟାକେସନ୍

**ଆଜିକାଲି ଲୋକମାନେ ଏତେ ବେଶି କାର୍ଯ୍ୟବ୍ୟସ୍ତତା ଭିତରେ ରହୁଛନ୍ତି ଯେ, ସେମାନେ ନିଜ ପାଇଁ ସମୟ ବାହାର କରିପାରୁ ନାହାନ୍ତି। ସେଥିପାଇଁ ସେମାନେ ମାନସିକସ୍ତରରେ ନିଜକୁ ଅବସାଦ ମୁକ୍ତ କରିବା ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାନ୍ତି। ସେଥିରୁ ଅନ୍ୟତମ 'ବ୍ରେନ୍ ଭ୍ୟାକେସନ।' ଏହା ହେଉଛି ଏମିତି ଏକ ଥେରାପି, ଯାହା ଜଣକର ଅବସାଦକୁ କମ୍ କରି ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ତା'ସହ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରେ।**

ବିଶ୍ରାମ କେବଳ ଶରୀର ପାଇଁ ଜରୁରି ନୁହେଁ। ଏହା ମସ୍ତିଷ୍କ ପାଇଁ ବି ଗୁରୁତ୍ୱ ବହନ କରେ। ସେଥିପାଇଁ କାର୍ଯ୍ୟବ୍ୟସ୍ତତା ଭିତରେ ମନକୁ ବିଶ୍ରାମ ଦେବା ଦରକାର। ତା'ସହ ପର୍ଯ୍ୟାପ୍ତ ବିଶ୍ରାମ ବିନା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏଣୁ ମାନସିକ ଚିନ୍ତା ତଥା ଅବସାଦରୁ ମୁକ୍ତି ପାଇବା ଏବଂ ମନକୁ ଆରାମ ଦେବା ଲାଗି ବ୍ରେକ୍ ବା ବିରତି ନେବାକୁ କୁହାଯାଏ 'ବ୍ରେନ୍ ଭ୍ୟାକେସନ୍।'

ମାନସିକ ସୁସ୍ଥତାକୁ ବଜାୟ ରଖିବା ଲାଗି 'ବ୍ରେନ୍ ଭ୍ୟାକେସନ୍' ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଅଭ୍ୟାସ। ଏହି ନୂତନ ଅଭ୍ୟାସରେ ଜଣେ ଟେକ୍ନୋଲଜିରୁ ଦୂରତ୍ୱ ରକ୍ଷା କରି ଏକାଗ୍ରତା, ବ୍ୟାୟାମ, ତଥା ସୃଜନାତ୍ମକ କାମରେ ନିଜକୁ ସାମିଲ କରନ୍ତି। ସେହିପରି ପ୍ରକୃତି ସହ ସମୟ ବିତାଇବା ମଧ୍ୟ ବ୍ରେନ୍ ଭ୍ୟାକେସନ୍ ଲାଗି ଉଦ୍ଦିଷ୍ଟ। ଏହିସବୁ ଅଭ୍ୟାସକୁ ଦୈନିକ ଜୀବନଚର୍ଯ୍ୟାରେ ସାମିଲ କରିବା ଜରୁରି। ପ୍ରକୃତି ସହିତ ସମୟ ଅତିବାହିତ କଲେ ମନ ଓ ଶରୀରରେ ଏହାର ଶାନ୍ତିପୂର୍ଣ୍ଣ ପ୍ରଭାବ ପଡ଼େ। ଏଭଳି ପରିବେଶରେ ବ୍ୟାୟାମ କରିବା ମଧ୍ୟ ବ୍ରେନ୍ ଭ୍ୟାକେସନ୍‌ର ଲାଭକୁ ଦ୍ୱିଗୁଣିତ କରିଥାଏ।

